


ଉତ୍କର୍ଷ କାର୍ଯ୍ୟକ୍ରମ

ଶିକ୍ଷକ ମାର୍ଗଦର୍ଶିକା

ଓଡ଼ିଆ

TRANSFORM
Inspired action to advance learning

ODISHA SCHOOL EDUCATION PROGRAMME AUTHORITY
SCHOOL & MASS EDUCATION DEPARTMENT



ଶ୍ରୀ ସମୀର ରଞ୍ଜନ ଦାଶ

ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

ଦୂରଭାଷ { କାର୍ଯ୍ୟାଳୟ : ୦୬୭୪-୨୫୩୬୭୫୧
: ୦୬୭୪-୨୫୩୨୧୭୪
ମୋବାଇଲ : ୯୪୩୭୦୫୨୨୦୭

ପତ୍ର ସଂଖ୍ୟା ..... / ରାମବିଗ.

ଭୁବନେଶ୍ୱର

ତାରିଖ ୩୍ / ୩୍ / ୨୦୨୦

ବାର୍ତ୍ତା

ମୋ' ପାଇଁ ଅତି ଆନନ୍ଦର କଥା ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆମ ରାଜ୍ୟରେ ବିଗତ ତିନି ବର୍ଷ ଧରି ଚାଲିଥିବା ଉତ୍କର୍ଷ କାର୍ଯ୍ୟକ୍ରମ ଚଳିତ ବର୍ଷ ୩୦ଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇଛି ।

ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ନବମ ଶ୍ରେଣୀ ଉପଯୋଗୀ ଶିକ୍ଷଣ ଫଳାଫଳ ହାସଲ କରିବାରେ ପଛରେ ରହିଯାଉଥିବା ପିଲାଙ୍କୁ ଆବଶ୍ୟକୀୟ ଦକ୍ଷତା ହାସଲ ପୂର୍ବକ ଶ୍ରେଣୀ ଶିକ୍ଷଣ ପ୍ରତି ମନଯୋଗୀ କରିବା ପାଇଁ ଉଦ୍ଦିଷ୍ଟ ।

ଏଥିରେ ବ୍ୟବହୃତ ସହାୟକ ଶିକ୍ଷଣ ସାମଗ୍ରୀଗୁଡ଼ିକ ଶିକ୍ଷାର୍ଥୀ ପ୍ରିୟ ହୋଇଥିବାରୁ ସେମାନେ ଶିକ୍ଷା ପ୍ରତି ମନଯୋଗୀ ହେବେ ଓ ଶିକ୍ଷଣ କାର୍ଯ୍ୟରେ ନିଜନିଜ ସହଭାଗିତାକୁ ଧରିରଖିବେ, ଫଳରେ ସମସ୍ତଙ୍କ ପାଇଁ ଶିକ୍ଷା ନିମିତ୍ତ ସରକାରଙ୍କ ପ୍ରତିବଦ୍ଧତାକୁ ଆମେ ସାକାର କରିପାରିବା ।

ଏହି କାର୍ଯ୍ୟକ୍ରମ ସମ୍ପର୍କିତ ବିଗତ ବର୍ଷମାନଙ୍କର ସଫଳ ଅଭିଜ୍ଞତା ଆମକୁ ଆଗକୁ ଯିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଉପୁଜୁଥିବା ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବାରେ ସମର୍ଥ କରିବ ।

ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ପଦାଧିକାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନକୁ ଅସ୍ୱୀକାର କରିହେବ ନାହିଁ । ଏ ବର୍ଷ ଆମ ରାଜ୍ୟର ଗୁଣାତ୍ମକ ଶିକ୍ଷା ଅଭିବୃଦ୍ଧିରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଯେ ସହାୟକ ହୋଇପାରିବ, ଏହା ନିଃସନ୍ଦେହ ।

ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମର ସଫଳତା ପାଇଁ ସଭିଙ୍କ ସମ୍ପୃକ୍ତି ଆଶା କରୁଛି ।

(ସମୀର ରଞ୍ଜନ ଦାଶ)



ଓଡ଼ିଶା ସରକାର
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,
ଓଡ଼ିଶା ସଚିବାଳୟ, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ : ୦୬୭୪-୨୫୩୬୬୩୧
ଫ୍ୟାକ୍ସ : ୦୬୭୪-୨୫୩୬୭୫୫
ଇ-ମେଲ୍ : secysme@gmail.com

ଚିତ୍ରା ଆରୁମୁଗମ, I.A.S.
ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

କାର୍ଯ୍ୟକ୍ରମ ସମ୍ପର୍କରେ ପଦେ

ଆମ ରାଜ୍ୟରେ ୨୦୧୭-୧୮ ମସିହାଠାରୁ ଉତ୍କର୍ଷ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଅଛି । ଏହା ଆଜି ଆମ ରାଜ୍ୟର ୨୯ (ପୁରୀ ଜିଲ୍ଲା ବ୍ୟତୀତ)ଟି ଜିଲ୍ଲାରେ ସଫଳତାର ସହ କାର୍ଯ୍ୟ କରୁଅଛି । ମାଧ୍ୟମିକ ସ୍ତରରେ ଓଡ଼ିଆ, ଇଂରାଜୀ, ଗଣିତ ଓ ବିଜ୍ଞାନରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଭିବୃଦ୍ଧି ଲକ୍ଷ୍ୟରେ ଏହା କାର୍ଯ୍ୟ କରୁଅଛି । ଏହି କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସହାୟକ ହେଉଅଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା କରାଯାଇଛି ।

ପ୍ରାରମ୍ଭିକ ଆକଳନ ଫଳାଫଳ ତୁଳନାରେ ସମାପ୍ତିସୂଚକ ଆକଳନରେ ପ୍ରତ୍ୟେକ ବିଷୟରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସ୍ତରରେ ଆଶାନୁଯାୟୀ ଅଭିବୃଦ୍ଧି ହେଉଅଛି । ଏହିପରି ଏକ ଫଳପ୍ରଦକାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ/ଶିକ୍ଷୟିତ୍ରୀ, ମୁଖ୍ୟ ପ୍ରଶିକ୍ଷଣଦାତା, ଜିଲ୍ଲା ଶିକ୍ଷାଧିକାରୀ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମର ପ୍ରମୁଖ କର୍ମକର୍ତ୍ତାମାନଙ୍କର ସକ୍ରିୟ ଅଂଶଗ୍ରହଣ ଫଳରେ ଏହାର ଉଦ୍ଦେଶ୍ୟ ସଫଳ ହେବାରେ ଲାଗିଛି । ଏଥିସହିତ ପିତାମାତା ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ସକ୍ରିୟ ସମ୍ପୃକ୍ତି ଓ ପରାମର୍ଶ ଏହି କାର୍ଯ୍ୟକ୍ରମକୁ ଫଳପ୍ରଦପରିଚାଳନାରେ ସହାୟକ ହୋଇଅଛି ।

ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଯେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଥିବା ଶିକ୍ଷଣ ଶୂନ୍ୟତାକୁ ଦୂରୀଭୂତ କରିବାରେ ପୂର୍ଣ୍ଣମାତ୍ରାରେ ସହାୟକ ହେବ, ଏହା କହିବା ନିଷ୍ପ୍ରୟୋଜନ । ଏହି ଶୁଭ ଅବସରରେ ମୁଁ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି । ଆସନ୍ତୁ ବିଗତ ବର୍ଷ ପରି ଏ ବର୍ଷ ମଧ୍ୟ କାର୍ଯ୍ୟକ୍ରମକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ଆମେ ପ୍ରୟାସ ଜାରି ରଖିବା ।

ଚିତ୍ରା ଆରୁମୁଗମ୍

(ଚିତ୍ରା ଆରୁମୁଗମ)



ଫୋନ୍ : ୦୬୭୪-୨୩୯୫୩୨୫
ଫାକ୍ସ : ୦୬୭୪-୨୩୯୨୭୨୧

ଭୂପେନ୍ଦ୍ର ସିଂ ପୁନିଆ, ଭା.ପ୍ର.ସେ.
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଶିକ୍ଷା ସୌଧ, ୟୁନିଟ - ୫, ଭୁବନେଶ୍ୱର - ୭୫୧୦୦୧

ଅଭିମତ


ଗତ ତିନିବର୍ଷ ଧରି ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ, ରାମସା, ଅଧୁନା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏବଂ ଉତ୍କର୍ଷ କାର୍ଯ୍ୟକ୍ରମ ମାଧ୍ୟମରେ ନବମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବୟସ ଓ ଶ୍ରେଣୀ ଉପଯୋଗୀ ଶିକ୍ଷଣଦକ୍ଷତା ହାସଲ କରିବା ପାଇଁ ପ୍ରତିକାରାତ୍ମକ ପ୍ରୟାସ ଜାରି ରହିଛି । ଏହି କ୍ରମରେ ସେମାନଙ୍କର ଶିକ୍ଷଣ ସ୍ତରକୁ ଚିହ୍ନଟ କରି ସେମାନଙ୍କୁ ବୟସ ଓ ଶ୍ରେଣୀ ଅନୁଯାୟୀ ଦକ୍ଷ କରିବା ଲକ୍ଷ୍ୟରେ ଅଭ୍ୟାସ ପୁସ୍ତିକା ମାନ ପ୍ରସ୍ତୁତ କରାଯାଇଅଛି । ତଦନୁଯାୟୀ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ମଧ୍ୟ ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯାଇ ଏହି ପ୍ରତିକାରମୂଳକ ଶିକ୍ଷଣ ପ୍ରକ୍ରିୟାର ସଫଳ ରୂପାୟନ ନିମନ୍ତେ ପ୍ରଚେଷ୍ଟା କରାଯାଉଅଛି । ଓଡ଼ିଆ, ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟରେ ଏଭଳି ସ୍ୱତନ୍ତ୍ର ଶିକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇ ଉକ୍ତ ବିଷୟରେ ପଛୁଆ ଥିବା ଶିକ୍ଷାର୍ଥୀମାନଙ୍କୁ ନବମ ଶ୍ରେଣୀର ଶିକ୍ଷଣ ସ୍ତରରେ ପହଞ୍ଚିବାର ବ୍ୟବସ୍ଥା କରାଯାଉଅଛି । ବିଶେଷକରି ଏହି ପ୍ରକ୍ରିୟାରେ ପ୍ରଥମ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ସଂପର୍କୀତ ବିଷୟଗୁଡ଼ିକ ସମ୍ବନ୍ଧରେ ଜ୍ଞାନ ଆହାରଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦିଆଯାଇଅଛି । ଏହା ସେମାନଙ୍କର ଶିକ୍ଷଣ ଦକ୍ଷତା ବୃଦ୍ଧି ପାଇଁ ଅଧିକ ସହାୟତା ହେବ । ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ୯ଟି ଦ୍ୱିତୀୟ ପର୍ଯ୍ୟାୟରେ ୧୫ଟି ଏବଂ ୨୦୧୯-୨୦ ଶିକ୍ଷା ବର୍ଷରେ ପୁରୀ ବ୍ୟତୀତ ଓଡ଼ିଶାର ସମସ୍ତ ଜିଲ୍ଲାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ ହୋଇଛି । ଚଳିତ ବର୍ଷ ଶିକ୍ଷା ୨୦୨୦-୨୦୨୧ରେ ପୁରୀ ଜିଲ୍ଲାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରାଯିବାର ଯୋଜନା ରହିଛି । କାର୍ଯ୍ୟକ୍ରମର ସଫଳତାକୁ ଆଖି ଆଗରେ ରଖି ଏହି ଜିଲ୍ଲାଗୁଡ଼ିକର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପଯୁକ୍ତ ଦକ୍ଷତାକୁ ବୃଦ୍ଧି କରାଇବା ଦିଗରେ ଉଦ୍ୟମ ଜାରି ରହିବ ।

ଆଶା କରାଯାଏ, ଏହି ଜିଲ୍ଲାମାନଙ୍କରେ ଆମର ସମସ୍ତ ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଉତ୍କର୍ଷର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିହିତ ଥିବା ମହତ୍ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ତା'ର ଲକ୍ଷ୍ୟ ପୂରଣ ଦିଗରେ ଯଥାସାଧ୍ୟ ପ୍ରୟାସ କରିବେ ।

(ଭୂପେନ୍ଦ୍ର ସିଂ ପୁନିଆ)

ଫାଉଣ୍ଡେସନ୍ କ୍ୟାମ୍ପ





*ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଦକ୍ଷତାଗୁଡ଼ିକ NCERT ସ୍ଥିରୀକୃତ ଶିକ୍ଷଣ ଫଳାଫଳ ଆଧାରରୁ ଅଣାଯାଇ ୨୦୧୭-୨୦୧୮ ରେ ବିଦ୍ୟାର୍ଥୀମାନଙ୍କର ଆକଳନ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଷୟ ବିଶାରଦ ମାନଙ୍କର ମତାମତ ଅନୁସାରେ ଏହାର ପ୍ରାଥମିକତା ନିର୍ଦ୍ଧାରଣ କରାଯାଇଅଛି । ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କ ପାଖରୁ ଏହା ଆଶା କରାଯାଏ ଯେ ସେମାନେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ / ଅଧିକ ବିଷୟ / ଦକ୍ଷତା ପ୍ରସ୍ତୁତ କରିପାରିବେ ଯାହା ବିଦ୍ୟାର୍ଥୀ ଅଭ୍ୟାସ ପୁସ୍ତିକା କିମ୍ବା ଶିକ୍ଷକ ମାର୍ଗଦର୍ଶିକାରେ ନାହିଁ ।

ପରିଚୟ

ଓଡ଼ିଆ ଭାଷାର ଏହି ଶିକ୍ଷକମାର୍ଗଦର୍ଶିକା 'ଫାଉଣ୍ଡେସନ କ୍ୟାମ୍ପ' ସମୟରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି । ଏହା ପିଲାମାନଙ୍କ ସହିତ କରାଯିବାକୁ ଥିବା କାମର ପ୍ରଥମଭାଗ ଅଟେ । ଏହି ମାର୍ଗଦର୍ଶିକାରେ ଦିଆଯାଇଥିବା ଗତିବିଧିଗୁଡ଼ିକ ସହିତ ପିଲାମାନଙ୍କ କାମ କରିବାପାଇଁ ଅଭ୍ୟାସପୁସ୍ତିକାମାନ ତିଆରି କରାଯାଇଛି । ପିଲାମାନେ ଗତିବିଧିଗୁଡ଼ିକୁ ମାର୍ଗଦର୍ଶିକା ଆଧାରରେ କରିବେ । ଏହି 'ଫାଉଣ୍ଡେସନ କ୍ୟାମ୍ପ'ର ସମୟ ଅବଧି ୧୮ ଦିନ ।

'ଫାଉଣ୍ଡେସନ କ୍ୟାମ୍ପ' ସମୟରେ କରାଯାଉଥିବା କାମର ଏକ ଖସଡ଼ା ପ୍ରସ୍ତୁତ କରାଯିବା ସହିତ ସେହିଦିନଗୁଡ଼ିକରେ କରିବାକୁ ଥିବା କାର୍ଯ୍ୟଗୁଡ଼ିକ ପାଇଁ ସହାୟତା ପ୍ରଦାନ କରିବା ଏହି ମାର୍ଗଦର୍ଶିକାର ଉଦ୍ଦେଶ୍ୟ ଅଟେ ।

ନବମ ଶ୍ରେଣୀ ଓଡ଼ିଆ ଭାଷାର ଦକ୍ଷତା ସହ ଉତ୍କର୍ଷର ସଂଯୋଗ

ଶିକ୍ଷକଙ୍କ ପାଇଁ ଏହି ମାର୍ଗଦର୍ଶକ ଟିପଣୀଟି ଉତ୍କର୍ଷର ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ସହାୟକ ପୁସ୍ତିକାରେ ସନ୍ନିବେଶିତ ହୋଇଥିବା ପ୍ରସଙ୍ଗ ଓ ଶିକ୍ଷାଦାନ ପଦ୍ଧତିଗୁଡ଼ିକୁ ଚିତ୍ରିତ କରିଥାଏ, ଯାହା ଶିକ୍ଷକଙ୍କ ପାଇଁ ଆବଶ୍ୟକୀୟ ଧାରଣା ଓ କୌଶଳଗୁଡିକୁ ଦୃଢ଼ୀଭୂତ କରିବାରେ ସାହାଯ୍ୟ କରେ । ନବମଶ୍ରେଣୀ ପାଠ୍ୟ ଖସଡ଼ାରେ ଅର୍ଥ ପୂର୍ଣ୍ଣ ଭାବେ ନିୟୋଜିତ ହେବା ଏବଂ ଶ୍ରେଣୀ ଉପଯୋଗୀ ଶିକ୍ଷଣସ୍ତର ହାସଲ କରିବାକୁ ଏହା ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିବ । ସୁପାରିଶ ହୋଇଥିବା ଶିକ୍ଷାଦାନ ପଦ୍ଧତିଗୁଡ଼ିକୁ ଏହା ମଧ୍ୟ ଅନ୍ତର୍ଭୁକ୍ତ କରିଥାଏ, ଯାହା ଶିକ୍ଷକମାନେ ନିୟମିତ ଶିକ୍ଷାଦାନରେ ପ୍ରୟୋଗ କରିବା ଆଶା କରାଯାଏ ।

ଜ୍ଞାନ ଓ କୌଶଳ ମଧ୍ୟରେ ଶୂନ୍ୟତାକୁ କମାଇବା ନିମିତ୍ତ ଓଡ଼ିଆ ଭାଷା ପାଇଁ ଫାଉଣ୍ଡେସନ କ୍ୟାମ୍ପ (FC) ର ପରିକଳ୍ପନା କରାଯାଇଛି ଯାହା ପ୍ରାରମ୍ଭିକ ବର୍ଷଗୁଡ଼ିକରେ ପ୍ରାଥମିକ ସ୍ତରର ଭାଷା ଦକ୍ଷତାଗୁଡ଼ିକ ଉପରେ ଲଗାତର ଗୁରୁତ୍ୱ ଦେଇଛି । ଶ୍ରବଣ, କଥନ, ପଠନ ଓ ଲିଖନ ଦକ୍ଷତାଗୁଡିକୁ ଦୃଢ଼ୀଭୂତ କରିବା ଉପରେ ଏହାର ଗୁରୁତ୍ୱ । ଏହା ସହଯୋଗାତ୍ମକ ଶିକ୍ଷଣସ୍ତର (SLP) ଦ୍ୱାରା ଅନୁସୃତ, ଯାହା ଉଚ୍ଚ ପ୍ରାଥମିକ ସ୍ତରର ଦକ୍ଷତାଗୁଡ଼ିକ ଉପରେ ଆଲୋକପାତ କରେ ଏବଂ ଶିକ୍ଷଣରେ ଉନ୍ନତମାନର ଭାଷା କୌଶଳର ପ୍ରୟୋଗକୁ ନିଶ୍ଚିତ କରିବା ପାଇଁ ଉଚ୍ଚତର ଜ୍ଞାନ ଓ କୌଶଳର ଉପସ୍ଥାପନା ଆଶା କରେ । ଶିକ୍ଷାର୍ଥୀଙ୍କ ଶବ୍ଦଭଣ୍ଡାର ବୃଦ୍ଧି କରିବା, ବ୍ୟାକରଣ ନୀତି ନିୟମକୁ ବୁଝିବା, ଜଟିଳ ପ୍ରସଙ୍ଗକୁ ପଢ଼ିବା ଓ ବୁଝିବା ପାଇଁ କୌଶଳ, ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଫଳପ୍ରଦ ପରିପ୍ରକାଶ ଓ ଲିଖନ ଆଦିକୁ ସହଯୋଗାତ୍ମକ ଶିକ୍ଷଣସ୍ତର ଆଶା କରେ ।

ଫାଉଣ୍ଡେସନ କ୍ୟାମ୍ପ ଓ ସହଯୋଗାତ୍ମକ ଶିକ୍ଷଣସ୍ତରରେ ସନ୍ନିବେଶିତ ହୋଇଥିବା ଧାରଣାଗୁଡ଼ିକ, ପ୍ରାରମ୍ଭିକସ୍ତରରେ ଶିକ୍ଷାର୍ଥୀ ଆୟତ କରିବାକୁ ଆବଶ୍ୟକ କରୁଥିବା ଦକ୍ଷତାଗୁଡ଼ିକ ଆଧାରରେ ଅଗ୍ରାଧିକୃତ କରାଯାଇଛି ଏବଂ ସେ ପ୍ରସଙ୍ଗ ହେଉ ବା ଧାରଣା, ଏଗୁଡ଼ିକୁ ଚକ୍ରାକାର ରୂପରେ ଉପରକୁ ଓ ଶ୍ରେଣୀ ସ୍ତରର ଧାରଣା ସହିତ ଚିତ୍ରିତ କରାଯାଇପାରିବ ।

ନବମ ଶ୍ରେଣୀର ଓଡ଼ିଆ ବ୍ୟାକରଣ ଓ ପାଠ୍ୟ ପୁସ୍ତକର ଅଧ୍ୟାୟଗୁଡ଼ିକ ପାଇଁ ଉତ୍କର୍ଷ ବ୍ୟାକରଣର ପୁରୋଗାମୀ ପ୍ରସଙ୍ଗ		
ପାଠ ଓ ଦିବସ	**ପ୍ରସଙ୍ଗ**	**ଓଡ଼ିଆ ବ୍ୟାକରଣ ବହି ଅଧ୍ୟାୟ ଓ ପ୍ରସଙ୍ଗ**
ଫାଉଣ୍ଡେସନ କ୍ୟାମ୍ପ ଦିବସ ୧ ଓ ୨ ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୧	ଶବ୍ଦଗଠନ	ଅଧ୍ୟାୟ-୧, ପ୍ରସଙ୍ଗ - ଶବ୍ଦ ଗଠନ
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୨୫, ୩୩	ସନ୍ଧି	ଅଧ୍ୟାୟ-୨, ପ୍ରସଙ୍ଗ - ସନ୍ଧି
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୩୪	ସମାସ	ଅଧ୍ୟାୟ-୩, ପ୍ରସଙ୍ଗ - ସମାସ
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୨୩	ଉପସର୍ଗ	ଅଧ୍ୟାୟ-୪, ପ୍ରସଙ୍ଗ - ଉପସର୍ଗ
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୪	କାରକ ଓ ବିଭକ୍ତି	ଅଧ୍ୟାୟ-୬, ପ୍ରସଙ୍ଗ - କାରକ ଓ ବିଭକ୍ତି
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୮, ୨୬	ଅନୁଚ୍ଛେଦ ଲିଖନ	ଅଧ୍ୟାୟ-୮, ପ୍ରସଙ୍ଗ - ଅନୁଚ୍ଛେଦ ଲିଖନ
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୪୨, ୪୩	ସରକାରୀପତ୍ର ଓ ଦରଖାସ୍ତଲିଖନ	ଅଧ୍ୟାୟ-୯, ପ୍ରସଙ୍ଗ - ସରକାରୀପତ୍ର ଓ ଦରଖାସ୍ତଲିଖନ

ପାଠ ଓ ଦିବସ	ପ୍ରସଙ୍ଗ	ଓଡ଼ିଆ ପାଠ୍ୟ ପୁସ୍ତକର ପ୍ରସଙ୍ଗ
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୯, ୧୯, ୨୩, ୨୫	ସମୋଚାରିତ ଶବ୍ଦ, ବିପରୀତାର୍ଥବୋଧକ ଶବ୍ଦ, ଏକବଚନ ଓ ବହୁବଚନ, ଭିନ୍ନାର୍ଥବୋଧକଶବ୍ଦ	**ପଦ୍ୟ:-** • କାହା ମୁଖ ଅନାଇ ବଞ୍ଚିବି, ପଦ୍ମ, ହେ ମୋର କଲମ, ମଣିଷଭାଇ **ଗଦ୍ୟ:-** • ଜାତୀୟଜୀବନ, ଭାଷା ଓ ଜାତୀୟତା, ବାମନର ହାତ ଓ ଆକାଶର ଚନ୍ଦ୍ର
ଫାଉଣ୍ଡେସନ କ୍ୟାମ୍ପ ଦିବସ-୬ ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୨୫, ୨୮, ୩୨, ୩୩	ଅଭିଧାନର ବ୍ୟବହାର, ସନ୍ଧି, ସଂଯୁକ୍ତ ଶବ୍ଦ, ଲିଙ୍ଗ ପରିବର୍ତ୍ତନ, ବାକ୍ୟଗଠନ, ସର୍ବନାମ ଓ ବିଶେଷଣ ।	**ପଦ୍ୟ:-** ଗୋପପ୍ରୟାଣ, ପାଇକବଧୂର ଉଦ୍‌ବୋଧନ, ମାଟିର ମଣିଷ **ଗଦ୍ୟ:-** ଜାତୀୟଜୀବନ, ସମୂହଦୃଷ୍ଟି, ଶକ୍ତି ଓ ଜ୍ଞାନ
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୧୦, ୧୬, ୨୧, ୨୫	ଘଟଣା ଓ ଅଭିଜ୍ଞତା ବର୍ଣ୍ଣନା, ଅଦେଖା ଅନୁଚ୍ଛେଦରୁ ପ୍ରଶ୍ନ ତିଆରି ।	**ପଦ୍ୟ:-** ମାଟିର ମଣିଷ **ଗଳ୍ପ:-** ବୁଢ଼ା ଶଙ୍ଖାରୀ, ଲକ୍ଷ୍ମୀର ଅଭିସାର **ଏକାଙ୍କିକା:-** ଦଳବେହେରା, ଦୂରପାହାଡ଼
ସହଯୋଗାତ୍ମକ ଶିକ୍ଷଣସ୍ତର, ଦିବସ - ୧୯	ରୂଢ଼ି ପ୍ରୟୋଗ ଓ ପ୍ରତ୍ୟୟ	**ପଦ୍ୟ:-** ହେ ମୋର କଲମ **ଗଦ୍ୟ:-** ପ୍ରକୃତ ବନ୍ଧୁ, ଶକ୍ତି ଓ ଜ୍ଞାନ

ମୌଳିକ ଭାଷା ଦକ୍ଷତାଗୁଡ଼ିକ (LSRW) ର ବ୍ୟବହାରକୁ ବିକଶିତ ଓ ସମନ୍ୱିତ କରିବା, ବାସ୍ତବ ଜୀବନ ପରିସ୍ଥିତିରେ ଉପଯୁକ୍ତ ଓ ଫଳପ୍ରଦ ଭାବେ ଯୋଗାଯୋଗ କରିବାକୁ ଏହି କୌଶଳଗୁଡ଼ିକୁ ଶିଖିବା ଓ ବ୍ୟବହାର କରିବା ନିମିତ୍ତ ଶ୍ରେଣୀଗୃହର ବିଭିନ୍ନ ପରିସ୍ଥିତିରେ ଏହାର ପ୍ରୟୋଗ କରିବାପାଇଁ ଉତ୍କର୍ଷର ଓଡ଼ିଆ ଶିକ୍ଷାଦାନରେ ବ୍ୟବହୃତ କୌଶଳ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବ ।

ଫଳପ୍ରଦ ଭାବେ ଓଡ଼ିଆ ଶିକ୍ଷାଦାନପାଇଁ, ଜଣେ ଶିକ୍ଷକ ଏକ ମୁକ୍ତ ଓ ସ୍ୱଚ୍ଛଳ ପରିବେଶ ପ୍ରଦାନ କରିବା ନିମିତ୍ତ ବହୁବିଧ କୌଶଳ ଶ୍ରେଣୀଗୃହରେ ନିଶ୍ଚିତ ପ୍ରୟୋଗ କରିବା ଆବଶ୍ୟକ ଯେଉଁଠି ଶିକ୍ଷାର୍ଥୀମାନେ ମୁକ୍ତଭାବେ ଅଭ୍ୟାସ ଓ ପ୍ରଦର୍ଶନ ଆଦି କରିପାରିବେ ।

ଆରମ୍ଭରୁ ଓଡ଼ିଆ ଶିଖିବାପାଇଁ ଶିକ୍ଷାର୍ଥୀଙ୍କ ଅଭିପ୍ରେରଣ ଓ ଆଗ୍ରହ ସ୍ତରର ଅଭିବୃଦ୍ଧି ଦିଗରେ ଶିକ୍ଷକ ନିଶ୍ଚିତ କାର୍ଯ୍ୟ କରିବା ଆବଶ୍ୟକ । ନିମ୍ନୋକ୍ତ କେତେକ ପ୍ରେରଣାଦାୟୀ କୌଶଳ ଉଭୟ ଅନ୍ତର୍ନିହିତ ଓ ବାହ୍ୟ, ଯାହା ଶ୍ରେଣୀଗୃହରେ ସାଧାରଣ ଶିକ୍ଷାଦାନ ନିମିତ୍ତ ଫଳପ୍ରଦ ଅଟେ ।

(କ) ଶିକ୍ଷାର୍ଥୀମାନଙ୍କର ସ୍ୱାୟତତାବୋଧ ଓ ଆତ୍ମବିଶ୍ୱାସର ଅଭିବୃଦ୍ଧି ପାଇଁ ସେମାନଙ୍କ ନିମିତ୍ତ ଏକ ପ୍ରତ୍ୟାଶିତ ଶିକ୍ଷଣ ପରିବେଶ ସୃଷ୍ଟି କରିବା । ତେଣୁ, ପ୍ରତ୍ୟାଶିତ ଓ ଢାଞ୍ଚାଗତ ଦୈନିକ ସମୟ ନିର୍ଘଣ୍ଟ ସ୍ଥିର କରିବା ଶିକ୍ଷଣ ଅଭିବୃଦ୍ଧିରେ ସହାୟକ ହୋଇପାରେ ।

(ଖ) କ୍ଲିଷ୍ଟ ଓ ଅପରିଚିତ କାର୍ଯ୍ୟଗୁଡ଼ିକୁ ବଦଳାଇବା ଯାହାକୁ ସେମାନେ ସ୍ୱଚ୍ଛନ୍ଦରେ ଗ୍ରହଣ କରିପାରିବେ ଏବଂ ଯାହା ସମସ୍ୟା ସହିତ ସମଯୋଜନ କରିବାରେ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ାଇପାରେ ।

(ଗ) ଉଦ୍ଦୀପିତ ଶିକ୍ଷାଦାନ ପଦ୍ଧତି ସହିତ ଉପଯୁକ୍ତ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ, ସହାୟକ ଉପକରଣ ଓ କାର୍ଯ୍ୟମାନ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କର ଆଗ୍ରହ ଓ ମନଯୋଗକୁ ଧରି ରଖିବା ।

(ଘ) ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ ଓ ଆଗ୍ରହର ସ୍ତର ଅନୁସାରେ ଦଳ ଗଠନ କରିବା ।

ଉତ୍କର୍ଷରେ ବ୍ୟବହାର କରାଯାଇଥିବା କେତେକ ଭାଷା ଶିକ୍ଷାଦାନ ପଦ୍ଧତି ଓ କୌଶଳ ପରବର୍ତ୍ତୀ ନିୟମିତ ଶ୍ରେଣୀରେ ଅନୁସୃତ ହୋଇପାରିବ ଯାହା ଏଠାରେ ସୂଚୀତ ହୋଇଛି ।

୧. **ବିନିମୟୀ ପଠନ :-** ଏହା ଏକ କ୍ରିୟା ପ୍ରତିକ୍ରିୟା ଭିତ୍ତିକ ପଠନ ଅଭିଜ୍ଞତା ଯାହା ସଂଗଠିତ ହୁଏ ଯେତେବେଳେ ଶିକ୍ଷକଙ୍କ ଦ୍ୱାରା ମାର୍ଗଦର୍ଶିତ ହୋଇ ଓ ସହାୟତା ପାଇଁ ଶିକ୍ଷାର୍ଥୀମାନେ ଏକାଠି ମିଶି ବା ଗୋଟିଏ ପାଠ୍ୟ ପୁସ୍ତକ କିମ୍ବା ଅନ୍ୟ ପ୍ରସଙ୍ଗର ପଠନକୁ ବିନିମୟ କରନ୍ତି । ପଢ଼ିବା ସହିତ ବାକ୍ ପଟୁତା ଓ ପ୍ରକାଶନକୁ ଅନ୍ତର୍ଭୁକ୍ତ କରି ଶିକ୍ଷକ ନିପୁଣ ପାଠକର କୌଶଳଗୁଡ଼ିକର ନମୁନା ସୁସ୍ପଷ୍ଟ ଭାବରେ ପ୍ରଦର୍ଶନ କରନ୍ତି । ବିନିମୟୀ ପଠନ ଅନେକ ସମୟରେ ବଡ଼ ବହି ସହ ବିବର୍ଦ୍ଧକ ଛପା ଓ ଛବିଥିବା ପୁସ୍ତକ ବ୍ୟବହାର କରିଥାଏ । ଏହା ସଂଘର୍ଷରତ ପାଠକମାନଙ୍କୁ ସହାୟତା ପ୍ରଦାନ କରେ ।

ପ୍ରତ୍ୟାଶାମୂଳକ ପ୍ରସଙ୍ଗର ବିନିମୟୀ ପଠନ ଶବ୍ଦ ଜ୍ଞାନ ଏବଂ ପଠନ ପଟୁତାର ଦୃଶ୍ୟ ସୃଷ୍ଟି କରିପାରିବ ।

୨. **ଉଚ୍ଚ ସ୍ୱରରେ ପଠନ :** ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ପାଇଁ ଏହା ଏକ ପନ୍ଥା, ଯେଉଁଠି ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ପାଇଁ ଉଚ୍ଚ ସ୍ୱରରେ ପ୍ରସଙ୍ଗଟିକୁ ପଢ଼ାନ୍ତି । ଶିକ୍ଷକ, ଉତ୍‌ଥାନ ପତନ, ସ୍ୱର, ଗତି, ଘନତ୍ୱ, ବିରତି, ଚକ୍ଷୁ ସଂପର୍କ, ପ୍ରଶ୍ନ, ଅନର୍ଗଳ ଓ ଉପଭୋଗ୍ୟ ଉପସ୍ଥାପନା ପାଇଁ ମନ୍ତବ୍ୟ ଆଦିରେ ଭିନ୍ନତାକୁ ଅନ୍ତର୍ଭୁକ୍ତ କରନ୍ତି ।

ଗବେଷଣାମାନ ପ୍ରଦର୍ଶନ କରେ ଯେ :-

- ପିଲାମାନଙ୍କ ପାଇଁ ଉଚ୍ଚ ସ୍ୱରରେ ପଠନ ସେମାନଙ୍କ ଶ୍ରବଣ ଓ କଥନ ସାମର୍ଥ୍ୟ ସୃଷ୍ଟି କରିବା ସହ ସହାୟତା ପ୍ରଦାନ କରେ ଏବଂ ସେମାନଙ୍କ ସାମଗ୍ରିକ ଭାଷା ବିକାଶର ଅଭିବୃଦ୍ଧି କରେ ।
- ଶିକ୍ଷାର୍ଥୀମାନେ ଏକ ସମୃଦ୍ଧ ଭାଷା ଆଧାର ବିକଶିତ କରନ୍ତି ଏବଂ ବିଭିନ୍ନ ଅନ୍ତର୍ଭୁକ୍ତି କାର୍ଯ୍ୟଗୁଡିକ ମାଧ୍ୟମରେ ଗଳ୍ପ ଶୁଣି କରି, ପଢ଼ି କରି ଏବଂ ପ୍ରତିକ୍ରିୟାଶୀଳ ହୋଇ ଶବ୍ଦର ପ୍ରଭାବ ସଂପର୍କରେ ବୁଝିବାକୁ ସକ୍ଷମ ହୁଅନ୍ତି ।
- ଭାଷା ବିକାଶ ପାଇଁ ଗଳ୍ପ ଏକ ମାଧ୍ୟମ :

ଏହି କୌଶଳ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଭାଷା ଦକ୍ଷତାର କିପରି ଅଭିବୃଦ୍ଧି ହୁଏ, ତାହା ନିମ୍ନୋକ୍ତ କାର୍ଯ୍ୟମାନ ଚିତ୍ରିତ କରିଥାଏ ।

(କ) ଗଳ୍ପ ମାଧ୍ୟମରେ ନୂତନ ଶବ୍ଦମାନଙ୍କର ଏକ ବ୍ୟାପକ ପରିସର ସାମନା କରୁଥିବାରୁ ଗଳ୍ପ କଥନ ଅଭିଜ୍ଞତା ଶିକ୍ଷାର୍ଥୀମାନଙ୍କ ଶବ୍ଦ ଭଣ୍ଡାର ବୃଦ୍ଧି କରେ । ଏକ ଉତ୍ତମ ସ୍ଥିରୀକୃତ ମୌଖିକ ଭାଷା ଶବ୍ଦଭଣ୍ଡାର ତଥା ଲିଖିତ ଶବ୍ଦଭଣ୍ଡାର ବିକାଶ ପାଇଁ ଏହା ଅତ୍ୟାବଶ୍ୟକ ଅଟେ । ଯଦି ଶିକ୍ଷାର୍ଥୀମାନେ ଜାଣନ୍ତି ଏହା କ'ଣ ଉଚ୍ଚାରଣ କରାଯିବ (ଧ୍ୱନିତତ୍ତ୍ୱ) ଏବଂ ଯଦି ସେମାନେ ଏହି ଶବ୍ଦର ଅର୍ଥ କ'ଣ ଜାଣନ୍ତି (ଅର୍ଥ ବିଜ୍ଞାନ), ତେବେ ସୋମନେ ଗୋଟିଏ ଲିଖିତ ଶବ୍ଦକୁ ଅଧିକ ଫଳପ୍ରଦ ଭାବେ ଉଚ୍ଚାରଣ କରିପାରିବେ ।

(ଖ) ଗଳ୍ପ କଥନ ଭାଷାଶୈଳୀ, ନୂତନ ଶବ୍ଦଭଣ୍ଡାର, କଳ୍ପନା ଓ ଗଳ୍ପ ଗଠନ କରିବାରେ ଏବଂ ପୃଥିବୀର ଭିନ୍ନ ଭିନ୍ନ ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ପୃଷ୍ଠଭୂମି ବିଷୟରେ ଜ୍ଞାନ ଆହରଣ କରିବାକୁ ମଧ୍ୟ ପିଲାମାନଙ୍କୁ ସାହାଯ୍ୟ କରେ ।

(ଗ) ଯେତେବେଳେ ଗଳ୍ପ କଥନ ବୁଦ୍ଧିମାନ ପ୍ରଶ୍ନ ଏବଂ ପୁନଃ କଥନ କୌଶଳ (ଯଥା ଗପଟିକୁ ସାରିବା ପାଇଁ ସେମାନଙ୍କୁ କହିବା, ଗୋଟିଏ ଚିତ୍ରରୁ ବା କୈନ୍ଦ୍ରିକ ଶବ୍ଦ କିମ୍ବା ବାକ୍ୟରୁ ଗଳ୍ପ ବିକଶିତ କରିବା, ସେମାନେ ଶୁଣିଥିବା ଗଳ୍ପକୁ ନିଜ ଭାଷାରେ ବା ଚିତ୍ର ବ୍ୟବହାର କରି ପୁନଃକଥନ କରିବା, ଗଳ୍ପର ବିଷୟକୁ ଏକ କ୍ରମରେ ପରିଚାଳନା କରିବା) ସହିତ ଯୋଡ଼ି ହୋଇଥାଏ, ସେତେବେଳେ ଆକ୍ଷରିକ, ଆନୁମାନିକ ଓ ନିର୍ଣ୍ଣାୟକ ସ୍ତରରେ ବୋଧଶକ୍ତି ହୋଇପାରିବ । ଏଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ପଠନ ବୋଧରେ ସାହାଯ୍ୟ କରିବା ସହିତ ମାନସିକ ରୂପକଳ୍ପ ସୃଷ୍ଟି କରି ତଥା ପୁନଃ ସ୍ମରଣ କରିବା ଏବଂ ଶବ୍ଦ ଭାବେ ପ୍ରତ୍ୟାଶା କରିବାରେ ସମର୍ଥ କରିଥାନ୍ତି ।

(ଘ) ଏହା ଶିକ୍ଷଣକୁ ଅଧିକ କ୍ରିୟା ପ୍ରତିକ୍ରିୟାଶୀଳ କରିଥାଏ ଏବଂ ଶିକ୍ଷାର୍ଥୀମାନେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତି ।

୪. ଶବ୍ଦଭଣ୍ଡାର ବୃଦ୍ଧି ପାଇଁ ଶିକ୍ଷଣକାର୍ଯ୍ୟ: ବର୍ଦ୍ଧିତ ଶବ୍ଦଭଣ୍ଡାର ଶିକ୍ଷାର୍ଥୀମାନଙ୍କର ଉଭୟ ମୌଖିକ ଓ ଲିଖିତ ଭାଷା ଦକ୍ଷତା ଦୃଢ଼ୀକରଣ ଦିଗରେ ଅଗ୍ରଗତି କରାଏ । ନିମ୍ନୋକ୍ତ କୌଶଳମାନଙ୍କ ସଂପର୍କରେ ପରାମର୍ଶ ଦିଆଯାଇଛି ।

(କ) ଖେଳ ଓ ପ୍ରହେଳିକା-ଯଥା ଶବ୍ଦ ଅନ୍ତାକ୍ଷରୀ, ନୂତନ ଶବ୍ଦଗୁଡ଼ିକୁ ଖୋଜିବା, ନୂତନ ଶବ୍ଦମାନ ଶିଖିବା ପାଇଁ ଫ୍ଲାସ୍‌କାର୍ଡ଼ର ବ୍ୟବହାର କରି ପ୍ରାଣୀ, ଆକାର, ଋତୁ, ଇତ୍ୟାଦିର ଚାର୍ଟ ପ୍ରସ୍ତୁତି ।

(ଖ) ଗଳ୍ପକଥନ/ଗଳ୍ପ ବିକଶିତ କରିବା କାର୍ଯ୍ୟ

(ଗ) ଉତ୍ସର୍ଗୀକୃତ ପଠନ ସମୟ : ସ୍ୱାଧୀନ ଭାବେ ପଢ଼ିବା :

(ଘ) ଏକ ମୁଦ୍ରିତ ସମୃଦ୍ଧ ପରିବେଶ ଗଠନ :

(୧) ଶବ୍ଦକାନ୍ଥ ସୃଷ୍ଟି କରିବା ଯେଉଁଠି ବିଜ୍ଞାପନଫଳକରେ ନୂତନ ଶବ୍ଦମାନ ଲେଖାଯାଏ ଏବଂ ନିୟମିତ ଭାବେ ପରିବର୍ତ୍ତନ କରାଯାଏ, ଫଳରେ ଶିକ୍ଷାର୍ଥୀମାନେ ନୂତନ ଶବ୍ଦ ଓ ସେଗୁଡ଼ିକର ବନାନ ପାଇଁ ସୁଯୋଗ ପାଇବେ ।

(୨) ବିଭିନ୍ନ ପ୍ରକାର ବିଜ୍ଞାପନଫଳକ, ସମୟସାରଣୀ, ବିଜ୍ଞାପନ ଏବଂ ଖବରକାଗଜର କଟା ଅଂଶଗୁଡ଼ିକର ପରିଚାଳନା କରିବା, ଯାହା ଫଳରେ ଶିକ୍ଷାର୍ଥୀମାନେ ଭିନ୍ନଭିନ୍ନ ରୂପରେ ମୁଦ୍ରିତ ପ୍ରସଙ୍ଗଗୁଡ଼ିକୁ ପଢ଼ିବେ ଓ ବୁଝିବାର ସୁଯୋଗ ପାଇବେ । ଏହା ମଧ୍ୟ ସେମାନଙ୍କୁ ଶିକ୍ଷଣ ଆକାରରେ ଓ ସେମାନଙ୍କର ଶିକ୍ଷଣକୁ ଶ୍ରେଣୀ ବାହାରେ ପ୍ରୟୋଗ କରିବାରେ ସାହାଯ୍ୟ କରିବ ।

୫. ଶ୍ରୁତଲିଖନ : ଜଣେ ବ୍ୟକ୍ତି କେତେକ ପ୍ରସଙ୍ଗକୁ ଉଚ୍ଚ ସ୍ୱରରେ ଉଚ୍ଚାରଣ କରିବା ଫଳରେ ଶ୍ରୋତାମାନେ (ଯାହା କୁହାଗଲା) ତାକୁ ଲେଖିପାରିବେ । ଶ୍ରୁତଲିଖନ ଦ୍ୱାରା ଏହା ସମସ୍ତ ଚାରୋଟି ଦକ୍ଷତାର ବିକାଶ କରିପାରିବ । ଶିକ୍ଷକଙ୍କ ପରିବର୍ତ୍ତେ ଯଦି ଶିକ୍ଷାର୍ଥୀମାନେ ଶ୍ରୁତଲିଖନ ଡାକିବା କାର୍ଯ୍ୟ କରନ୍ତି, କଥନ ଓ ଉଚ୍ଚାରଣ ବିକଶିତ ହୋଇପାରିବ । ଏକ ଶବ୍ଦ ତାଲିକାର ଗୋଟିଏ ଶବ୍ଦରୁ ଆରମ୍ଭ କରି କଥୋପକଥନରେ ବାକ୍ୟଗୁଡ଼ିକର ସଂପୂର୍ଣ୍ଣ ଅନୁଚ୍ଛେଦ ପର୍ଯ୍ୟନ୍ତ ସମସ୍ତ ପ୍ରକାର ପ୍ରସଙ୍ଗର ଶ୍ରୁତଲିଖନ ଡକାଯାଇ ପାରିବ । ଏଗୁଡ଼ିକୁ ତ୍ରୁଟିପୂର୍ଣ୍ଣ କ୍ରମରେ ଡକାଯାଇପାରିବ, ଡାକି ସାରିବା ପରେ ଶିକ୍ଷାର୍ଥୀମାନେ ଏହାକୁ ଠିକ୍ କରି ଲେଖିବେ ।

ଶ୍ରୁତଲିଖନ କାର୍ଯ୍ୟ, ଯେଉଁଠି ଶିକ୍ଷାର୍ଥୀମାନେ ସୋମନଙ୍କ ପ୍ରସଙ୍ଗର ଲେଖାକୁ ମୂଳଲେଖା ସହ ତୁଳନା କରନ୍ତି, ଯାହା ବେଳେବେଳେ ଅଣଦେଖା ହୋଇଥିବା ଭାଷା ଉପାଦାନ ସହିତ ସେମାନେ କରୁଥିବା ତ୍ରୁଟିଗୁଡ଼ିକୁ ଧ୍ୟାନ ଦେବାରେ ସେମାନଙ୍କର ସାମର୍ଥ୍ୟ ବୃଦ୍ଧି କରିଥାଏ । ଏଗୁଡ଼ିକ ସାଧାରଣ ବନାନ ଅଶୁଦ୍ଧି, ନିର୍ଣ୍ଣାୟକ ଶବ୍ଦ ବା ତୃତୀୟପୁରୁଷ ବହୁବଚନର ଅନୁପସ୍ଥିତି ଇତ୍ୟାଦିକୁ ନିଶ୍ଚିତ ଅନ୍ତର୍ଭୁକ୍ତ କରିଥାଏ । ଶିକ୍ଷାର୍ଥୀଙ୍କୁ ସେମାନଙ୍କ ନିଜ ଲେଖାରୁ ତ୍ରୁଟିଗୁଡ଼ିକୁ ଉତ୍ତମ ରୂପେ ଚିହ୍ନଟ କରିବା ତଥା ତୁଳନା କରିବାରେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରେ ।

୬. ଉତ୍କର୍ଷ କାର୍ଯ୍ୟକ୍ରମର ସମାପ୍ତିପରେ ଶ୍ରେଣୀସ୍ତରୀୟ ଶିକ୍ଷାଦାନ ପାଇଁ ଏହି କୌଶଳଗୁଡ଼ିକର ବ୍ୟବହାର ଜାରି ରଖିବାରେ ଏଗୁଡ଼ିକ ଶିକ୍ଷକମାନଙ୍କୁ ସର୍ବୋତ୍ତମ ସହାୟତା ପ୍ରଦାନ କରିବା ସହିତ ଓଡ଼ିଆ ଶିକ୍ଷାଦାନ ଶିକ୍ଷଣରେ ଦଳଗତ କାର୍ଯ୍ୟ, ସହଭାଗୀ ଅଂଶଗ୍ରହଣକାରୀ ଶିକ୍ଷଣ ଏବଂ ଆନନ୍ଦମୟୀ କାର୍ଯ୍ୟକୁ ଧରି ରଖି ଶ୍ରେଣୀଗତ ଢାଂଚା ଓ ପରିବେଶକୁ ବଜାୟ ରଖିବାକୁ ନିଶ୍ଚିତ କରିଥାଏ ।

ବି.ଦ୍ର.: ନବମଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିକ୍ଷଣ ଶୂନ୍ୟତାକୁ କମଇବା ପାଇଁ ଉତ୍କର୍ଷ କାର୍ଯ୍ୟକ୍ରମ ଲକ୍ଷ୍ୟ ରଖିଥାଏ । କୈନ୍ଦ୍ରିକ ଧାରଣା ଓ ଦକ୍ଷତାଗୁଡ଼ିକୁ ଏହି କାର୍ଯ୍ୟକ୍ରମ ଚିତ୍ରିତ ଓ ଅଗ୍ରାଧିକୃତ କରିଛି ଯାହା ଅଷ୍ଟମଶ୍ରେଣୀର ଶେଷରେ ଶିକ୍ଷାର୍ଥୀମାନେ ହାସଲ କରିବା ଉଚିତ । ଓଡ଼ିଆ ନିମିତ ଉତ୍କର୍ଷର ସମ୍ବଳଗୁଡ଼ିକ ବଛାଯାଇଥିବା ଦକ୍ଷତାଗୁଡ଼ିକୁ ସାମନା କରିବାକୁ ପ୍ରସ୍ତୁତ କରାଯାଇଛି । ସମ୍ବଳ ପୁସ୍ତିକା ଉତ୍କର୍ଷରେ ସନ୍ନିବେଶିତ ହୋଇନଥିବା ଦକ୍ଷତାଗୁଡ଼ିକର ହାସଲ ନିମନ୍ତେ ଶିକ୍ଷକ ମଧ୍ୟ ଅତିରିକ୍ତ ଅଧିବେଶନ ଓ କର୍ମଶାଳାମାନଙ୍କର ଆୟୋଜନ କରିପାରିବେ ।

ବିଷୟବସ୍ତୁ ଏବଂ ପ୍ରକ୍ରିୟା

- ଏହି ଶିକ୍ଷକ ମାର୍ଗଦର୍ଶିକା ଫାଉଣ୍ଡେସନ କ୍ୟାମ୍ପ ସମୟରେ ଓଡ଼ିଆ ଭାଷା ଶିକ୍ଷାରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ପାଇଁ ତିଆରି କରାଯାଇଛି ।
- ଫାଉଣ୍ଡେସନ କ୍ୟାମ୍ପ ସର୍ବମୋଟ ୧୮ ଦିନ ପାଇଁ ସଞ୍ଚାଳିତ କରାଯିବ ଏବଂ ଏଥିରେ ମୁଖ୍ୟତଃ ସ୍ତର ୧ (ଶ୍ରେଣୀ-୩ ପର୍ଯ୍ୟନ୍ତ) ଏବଂ ସ୍ତର-୨ (ଶ୍ରେଣୀ-୫ ପର୍ଯ୍ୟନ୍ତ) ପିଲାମାନଙ୍କ ସହିତ କାମ କରାଯିବ । ଏହି ଦୁଇ ସ୍ତରକୁ ଧ୍ୟାନରେ ରଖି ଏହି ମାର୍ଗଦର୍ଶିକାରେ ପିଲାମାନଙ୍କ ସହିତ କରାଯାଉଥିବା କାର୍ଯ୍ୟ ବିଷୟରେ କୁହାଯାଇଛି ।
- ମାର୍ଗଦର୍ଶିକାରେ ସର୍ବମୋଟ ୧୮ ଦିନର କରାଯାଉଥିବା କାମର ବିସ୍ତୃତ ବିବରଣୀ ଅଛି । ଯେପରିକି ପ୍ରତିଦିନ ପଢ଼ିବା, ଲେଖିବା, ଶୁଣିବା ଏବଂ ଅଭ୍ୟାସ ସମ୍ବନ୍ଧରେ ନୀତି ନିୟମର ସୂଚନା ପ୍ରଦାନ କରାଯାଇଛି ।
- ପ୍ରାରମ୍ଭିକ ଅଧ୍ୟୟନ ପରେ ସ୍ତର-୧ ରେ ଆସୁଥିବା ପିଲାମାନଙ୍କ ସହିତ ଦିନ ୧ ରୁ ଦିନ ୧୮ ପର୍ଯ୍ୟନ୍ତ କରାଯାଉଥିବା କାମଗୁଡିକୁ ମାର୍ଗଦର୍ଶିକାରେ ଦିଆଯାଇଥିବା କ୍ରମ ଅନୁସାରେ କରାଯାଇପାରିବ ।
- ସ୍ତର-୨ ରେ ଆସୁଥିବା ପିଲାମାନଙ୍କ ସହିତ ସମ୍ପୂର୍ଣ୍ଣ ୧୮ ଦିନର କାମ କରାଯାଇପାରିବ । ପ୍ରାରମ୍ଭିକ / ଆରମ୍ଭର ଗତିବିଧିଗୁଡିକ ସହଜ ହେବ, ତେଣୁ ସେମାନେ ଦିନ ୧ ରୁ ୭ ପର୍ଯ୍ୟନ୍ତ କାମକୁ ଶୀଘ୍ର (ଏକ/ଦୁଇ ଦିନରେ) ସମ୍ପୂର୍ଣ୍ଣ କରି ଦେବେ । ଆରମ୍ଭରୁ ସେମାନଙ୍କୁ ଦିନ ୧ରୁ ୭ ପର୍ଯ୍ୟନ୍ତ କାମଗୁଡିକୁ ଅଭ୍ୟାସ କରିବା ପାଇଁ କୁହାଯିବ । ଏହାପରେ ଦିନ ୮ ରୁ ଦିନ ୧୮ ପର୍ଯ୍ୟନ୍ତ କାର୍ଯ୍ୟ ଯୋଜନା ଉପରେ ସେମାନଙ୍କ ସହିତ କାମ କରାଯିବା ଉଚିତ୍ ।
- ଶିକ୍ଷକ ମାର୍ଗଦର୍ଶିକା ସହିତ ପିଲାମାନଙ୍କ ପାଇଁ କାର୍ଯ୍ୟପୁସ୍ତିକା ତିଆରି କରାଯାଇଛି । ଶିକ୍ଷକମାନଙ୍କଠାରୁ ଆଶା କରାଯାଉଛି ଯେ ସେମାନେ ମାର୍ଗଦର୍ଶିକାରେ ଦିଆଯାଇଥିବା ଗତିବିଧିଗୁଡିକ ସହିତ ପ୍ରତିଦିନ କାର୍ଯ୍ୟ ପୁସ୍ତିକାରେ ମଧ୍ୟ ପିଲାମାନଙ୍କୁ କାମ କରେଇବେ, ଯାହାଦ୍ୱାରା କି ପିଲାମାନେ ପଢ଼ିବା ଓ ଲେଖିବା ଅଧିକରୁ ଅଧିକ ଅଭ୍ୟାସ କରିପାରିବେ ।
- ଫାଉଣ୍ଡେସନ କ୍ୟାମ୍ପ ସମୟରେ ପଢ଼ିବା, ଲେଖିବା, କହିବା ଓ ଶୁଣିବାର ଗତିବିଧିଗୁଡିକ ନିୟମିତ କରାଯିବା ସହିତ ପଢ଼ିବା ଓ ଲେଖିବା ଉପରେ ଅଧିକ ଧ୍ୟାନ ଦିଆଯିବ । ଶିକ୍ଷକ ଅତି କମ୍‌ରେ ୪୫ ମିନିଟ୍ ପଢ଼ିବା ଲେଖିବା କାମ କରାଇବେ ତଥା ୧୫ ମିନିଟ୍ କହିବା ଓ ଶୁଣିବା କାର୍ଯ୍ୟ ଉପରେ ସମୟ ଦେବେ ।
- କ୍ୟାମ୍ପରେ ପିଲାମାନଙ୍କ ସହିତ କାମ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ଏହି ମାର୍ଗଦର୍ଶିକା ଏବଂ କାର୍ଯ୍ୟପୁସ୍ତକାକୁ ନିଶ୍ଚୟ ପଢ଼ିବେ, ଯାହାଦ୍ୱାରା କି ସେହି ଅନୁସାରେ ସେମାନେ ନିଜର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିପାରିବେ ।
- ଏଠାରେ ଦିଆଯାଇଥିବା ସମୟ ନିର୍ଘଣ୍ଟ ଯୋଜନା ଆପଣଙ୍କ ସାହାଯ୍ୟ ପାଇଁ ଅଛି । ଯାହା ଦିଆଯାଇଅଛି, ତାକୁ ସମ୍ପୂର୍ଣ୍ଣ ଗ୍ରହଣୀୟ ବୋଲି ଧରିନେବା ଉଚିତ୍ ନୁହେଁ । ଶିକ୍ଷକ, ପିଲାମାନଙ୍କ ସ୍ତର, ବିଦ୍ୟାଳୟର ପରିସ୍ଥିତି, ଉପଲବ୍ଧ ସମୟ ଆଦିକୁ ଦେଖି ଏଥିରେ ଆବଶ୍ୟକୀୟ ପରିବର୍ତ୍ତନ ମଧ୍ୟ କରିପାରିବେ କିନ୍ତୁ ଏହି ପରିବର୍ତ୍ତନ ନିର୍ଦ୍ଧାରିତ ସମୟରେ ପିଲାମାନଙ୍କଠାରେ ବିକଶିତ କରାଯାଉଥିବା ଦକ୍ଷତାଗୁଡିକୁ ଧ୍ୟାନରେ ରଖି ହିଁ କରାଯିବା ଉଚିତ୍ ।
- **ଫାଉଣ୍ଡେସନ୍ କ୍ୟାମ୍ପରେ ନିମ୍ନଲିଖିତ ସାମଗ୍ରୀ ଆବଶ୍ୟକ ପଡେ :-**
  - ➢ ପ୍ରଥମଶ୍ରେଣୀଠାରୁ ୮ମ ଶ୍ରେଣୀର ପାଠ୍ୟପୁସ୍ତକ
  - ➢ ଚିତ୍ରପୁସ୍ତକ ଯେଉଁଥିରେ କମ୍‌କମ୍ ଲେଖାଥିବ ବା ବାକ୍ୟ କମ୍ ଥିବ
  - ➢ ସରଳ ଭାଷାରେ ଲେଖାଥିବା ଗପ ଓ କବିତାପୁସ୍ତକ
  - ➢ ବିଭିନ୍ନ ପ୍ରକାରର ପାଠ୍ୟ ଉପକରଣ (ଯଥା : ଖବରକାଗଜ, ଶିଶୁପତ୍ରିକା ଇତ୍ୟାଦି)

ଭାଷାକୁ ଶିକ୍ଷା କରିବା ସମୟରେ ଧ୍ୟାନ ଯୋଗ୍ୟ କଥା

ଭାଷା ଆମ ଜୀବନର ଏକ ସ୍ୱାଭାବିକ ଅଙ୍ଗ । ଭାଷାର ବ୍ୟବହାର ବିନା, କହିବା, ଲେଖିବା, ସମାଜରେ କିଛି କରିବା ବହୁତ କଷ୍ଟକର । ନିଜର ତଥା ଅନ୍ୟର କଥା ବୁଝିବା ପାଇଁ, ନୂଆ କଥା ଜାଣିବା ପାଇଁ, ପଢ଼ିବା ଓ ଲେଖିବା ନିମିତ୍ତ ଏବଂ ଚିନ୍ତନ କରିବା ପାଇଁ ଆମେ ଭାଷାର ସାହାଯ୍ୟ ନେଇଥାଉ ।

ଭାଷା ଶିଖିବା ଓ ଶିଖାଇବାର ଉଦ୍ଦେଶ୍ୟ ହେଉଛି ପିଲାମାନେ ଅନ୍ୟଦ୍ୱାରା କୁହାଯାଇଥିବା କଥାକୁ ବୁଝି ପାରିବେ । ଅନ୍ୟର ବିଚାର, ଭାବକୁ ଶୁଣି, ବୁଝିକରି ନିଜର କଥାକୁ ଉଚିତ୍ ଢ଼ଙ୍ଗରେ କହିପାରିବେ । ପିଲାମାନଙ୍କର ପଢ଼ିବାର କ୍ଷମତା ଆସିବା ପରେ ସେମାନେ ପଢ଼ିପାରିବା ସାମଗ୍ରୀକୁ ପଢ଼ି ବୁଝିପାରିବେ । ସେଥିରେ ଲୁଚିଥିବା ତଥ୍ୟ, ଭାବ ବିଚାରକୁ ଗ୍ରହଣ କରିପାରିବେ ଏବଂ ପଢ଼ି ଆନନ୍ଦ ଅନୁଭବ କରି ପାରିବେ । ପିଲାମାନେ ନିଜେ ବୁଝି ବିଚାରି ନିଜର ଢ଼ଙ୍ଗରେ ବିଚାର କରିବେ ତଥା ନିଜର ଅନ୍ତରସ୍ଥ ଭାବକୁ ଲେଖି ପରିପ୍ରକାଶ କରିପାରିବେ । ଯଦି ଉପରୋକ୍ତ ଦକ୍ଷତାଗୁଡ଼ିକ ପିଲାମାନଙ୍କ ନିକଟରେ ବିକଶିତ ହୁଏ ତା' ହେଲେ ବୁଝାଯିବ ଯେ ସେମାନେ ଫଳପ୍ରଦ ଢ଼ଙ୍ଗରେ କାର୍ଯ୍ୟ କରି ଶିଖୁଛନ୍ତି, ଯାହାକି ଆଗାମୀ ଦିନରେ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଇତ୍ୟାଦି ଭଳି ଅନ୍ୟ ବିଷୟକୁ ବୁଝିବାରେ ସେମାନଙ୍କୁ ସହାୟତା ପ୍ରଦାନ କରିବ ।

ଭାଷାର ଚାରୋଟି ମୂଳ ଦକ୍ଷତା ରହିଛି :- ଶୁଣିବା, କହିବା, ପଢ଼ିବା ଓ ଲେଖିବା । ସମାଜରେ ରହିବାଦ୍ୱାରା, ଲୋକମାନଙ୍କ କହିବା କଥା ଶୁଣିଶୁଣି ତଥା ନିଜେ କହିକହି ପିଲାମାନେ କହିବା ଓ ଶୁଣିବା ନିଜେ ଶିଖି ଯାଆନ୍ତି । ସେମାନେ ଖାଆନ୍ତି, ଚାଲନ୍ତି, ଉଠନ୍ତି, ବସନ୍ତି ତଥା ଅନ୍ୟଠାରୁ ବ୍ୟବହାର ଶିଖନ୍ତି କିନ୍ତୁ ପଢ଼ିବା ଓ ଲେଖିବା ନିଜେ ଶିଖିପାରନ୍ତି ନାହିଁ । ଯାହାପାଇଁ ସକ୍ରିୟ ଉଦ୍ୟମ/ଚେଷ୍ଟା କରିବା ଆବଶ୍ୟକ ହୋଇଥାଏ ।

ପଢ଼ିବାଦ୍ୱାରା ପଠନ ସାମଗ୍ରୀରେ ଲୁଚି ରହିଥିବା ଅର୍ଥକୁ ଗ୍ରହଣ କରିହୁଏ ଏବଂ ବୁଝିହୁଏ । ପଢ଼ା ଶିଖିବାର ସର୍ବୋତ୍ତମ କୌଶଳ ହେଉଛି ପଢ଼ିବା, ଶିକ୍ଷା ଆହରଣ କରି ପଢ଼ାଇ ପାରିବା । ସାଇକେଲ ଏବଂ ତାହାକୁ ଚଲାଇବା ପାଇଁ ଆବଶ୍ୟକ ତଥ୍ୟ ଜାଣିଯିବା ଅର୍ଥ ନୁହେଁ, ସାଇକେଲ ଚଲାଇ ପାରିବା । ସାଇକେଲ ଚଲାଇବା ପାଇଁ ସାଇକେଲ ଉପରେ ଚଢ଼ି ନିୟମିତ ଅଭ୍ୟାସ କରିବା ପରେ ସାଇକେଲ ଶିଖିହୁଏ । ଏହିପରି ପଢ଼ିବା, ଶିଖିବା ପାଇଁ ସ୍ୱତନ୍ତ୍ର ରୂପରେ ଆତ୍ମନିର୍ଭରଶୀଳ ପାଠକ ହେବା ଅତ୍ୟନ୍ତ ଜରୁରୀ ଅଟେ । ଅଧିକରୁ ଅଧିକ ଜ୍ଞାନ ଆହରଣ କରିବା ଦରକାର ।

ପଢ଼ିବା-ଲେଖିବା ଶିଖିବା ସମୟରେ ନିମ୍ନଲିଖିତ କଥା ଉପରେ ଧ୍ୟାନ ରଖାଯିବା ଆବଶ୍ୟକ ।

- ପଢ଼ିବା-ଲେଖିବା ପାଇଁ ପିଲାମାନଙ୍କୁ ଆବଶ୍ୟକ ସମୟ ଦିଆଯିବା ଦରକାର । ଯାହାଦ୍ୱାରା ପଢ଼ିବା-ଲେଖିବା ପାଇଁ ଆବଶ୍ୟକ କୌଶଳକୁ ସେମାନେ ଅଧିକରୁ ଅଧିକ ଅଭ୍ୟାସ କରିପାରିବେ ।
- ଶ୍ରେଣୀରେ ଶିକ୍ଷକ ଏବଂ ପିଲାମାନଙ୍କ ମଧ୍ୟରେ ସକ୍ରିୟ ସହଭାଗିତା ଏବଂ ନିର୍ଭୀକ କଥୋପକଥନର ପର୍ଯ୍ୟାପ୍ତ ସୁଯୋଗ ରହିବା ଦରକାର ।
- ଶ୍ରେଣୀ ମଧ୍ୟରେ କରାଯାଉଥିବା ଅଭ୍ୟାସ କାର୍ଯ୍ୟରେ ପିଲାମାନଙ୍କ ଭାବନା-ବିଚାର, କଳ୍ପନାଶୀଳ ମନୋଭାବ ଉପରେ ଧ୍ୟାନ ଦେବା ଏବଂ ସେମାନଙ୍କୁ ଅଭିବ୍ୟକ୍ତ କରିବାର ସୁଯୋଗ ଦେବାର ଆବଶ୍ୟକତା ରହିଛି । ସେମାନଙ୍କର ଜିଜ୍ଞାସା ଉତ୍ପନ୍ନ କରିବା ଭଳି କାର୍ଯ୍ୟ ଅଧିକରୁ ଅଧିକ କରିବା ନିମିତ୍ତ ପରିବେଶ ସୃଷ୍ଟି କରିବା ଦରକାର । ଏଥିପାଇଁ ଭାଷାର ବିକାଶ ସମ୍ଭାବନା, ଖୋଲା ଭାବରେ ଏବଂ ଉପଯୁକ୍ତ ବାତାବରଣ ମଧ୍ୟରେ ହେବା ଅତ୍ୟନ୍ତ ଆବଶ୍ୟକ । ଏହା ହେବାଦ୍ୱାରା ପିଲାମାନେ ସଂକୋଚ ମୁକ୍ତ ହୋଇ ନିଜର ଭାଷା ସମୃଦ୍ଧ କରିପାରିବେ ଏବଂ ପଢ଼ିବା ଓ ଲେଖିବାରେ ସମର୍ଥ ହୋଇପାରିବେ ।
- ଶ୍ରେଣୀରେ ପିଲାମାନଙ୍କର ମୌଳିକତା ଏବଂ ସହଜ ଲେଖାଶୈଳୀ ଉତ୍ପନ୍ନ କରିବାର ପ୍ରୟାସ କରାଯିବା ଦରକାର ।
- ପିଲାମାନଙ୍କ ସହିତ ଶ୍ରେଣୀରେ କହିବା ଓ ଶୁଣିବାର ସୁଯୋଗ ଉପଲବ୍ଧ କରିବା ପାଇଁ ସାମୂହିକ କଥୋପ-କଥନ କରିବା, ଛୋଟଛୋଟ ଦଳ ଗଠନ କରି ସ୍ୱତନ୍ତ୍ର ଭାବରେ ଅଭ୍ୟାସ ଓ ଆଲୋଚନା କରିବାର ସୁଯୋଗ ଦେବା ଆବଶ୍ୟକ ।
- ଶ୍ରେଣୀରେ ଶୁଣିବା, କହିବା, ପଢ଼ିବା ତଥା ଲେଖିବା ପ୍ରକ୍ରିୟା, ଅଭ୍ୟାସଦ୍ୱାରା ହୋଇଥାଏ ତଥା ଆଲୋଚନା ଫଳରେ ସାମର୍ଥ୍ୟ / ଦକ୍ଷତା ଜଣେ-ଅନ୍ୟ ଜଣକୁ ସହଯୋଗ କରିବାଦ୍ୱାରା ଉଭୟଙ୍କର ବିକଶିତ ହୋଇଥାଏ, କାରଣ ଏହି ପିଲାମାନେ ବୟସରେ ବଡ଼ ହୋଇଥିବାରୁ ସେଥିପାଇଁ ପଢ଼ିବା, ଲେଖିବା ଓ ଶିଖିବାର ଅଭ୍ୟାସ ଅଧିକ କରିବା ଦରକାର ।

ଫାଉଣ୍ଡେସନ କ୍ୟାମ୍ପ ସୂଚୀ

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
୧, ୨	ପଢ଼ିବା ଲେଖିବା	ଶବ୍ଦ ଗଠନ, ଲେଖିବା ଏବଂ ପଢ଼ିବା । • ବର୍ଣ୍ଣ-ମାତ୍ରା ଫଳା ବ୍ୟବହାର କରି ଶବ୍ଦ ତିଆରି କରିବା । • ଶବ୍ଦକୁ କ୍ରମରେ ଲେଖିବା । • ବର୍ଣ୍ଣ, ମାତ୍ରା ଏବଂ ଫଳା ବ୍ୟବହାର କରି ଶବ୍ଦ ତିଆରି କରି ସେଗୁଡ଼ିକୁ ଲେଖିବା ଓ ପଢ଼ିବା । • ଦିଆଯାଇଥିବା ଶବ୍ଦକୁ ପଢ଼ିବ । • ଚିତ୍ର ଦେଖି ସେଗୁଡ଼ିକର ନାମ ଲେଖିବା । • ଶବ୍ଦର ଅର୍ଥ ଲେଖିବା ।	୧ ରୁ ୭	୪୫ ମିନିଟ୍
	କହିବା ଶୁଣିବା	ଲେଖାଥିବା ଶବ୍ଦକୁ ବ୍ୟବହାର କରି କଥୋପକଥନ ।		୧୫ ମିନିଟ୍
୩	ପଠନ ଅଭ୍ୟାସର ଅଭିବୃଦ୍ଧି	ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିବା । (ସ୍ୱତନ୍ତ୍ର ପଠନ) ଏବଂ ପଢ଼ି ଶୁଣାଇବା (ଛୋଟ ଦଳରେ ଅନ୍ୟ ପିଲାମାନଙ୍କୁ ପଢ଼ି ଶୁଣାଅ ଅଥବା ଶିକ୍ଷକ ନିଜେ ପଢ଼ି ଶୁଣାଇବେ) ଏହିପରି ଅଭ୍ୟାସ ଅଲଗା-ଅଲଗା ବିଷୟରେ କରାଯିବ ।	୮, ୯	୪୫ ମିନିଟ୍
	ପଢ଼ିବା ଶୁଣିବା	• ଶିକ୍ଷକଙ୍କଦ୍ୱାରା ପିଲାମାନଙ୍କୁ କାହାଣୀ ଶୁଣାଯିବ ଓ ସେ କାହାଣୀ ବିଷୟରେ ଆଲୋଚନା କରାଯିବ ।		୧୫ ମିନିଟ୍
୪	ପଢ଼ିବା ଲେଖିବା	ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିବା ଏବଂ ପଢ଼ିକରି ଶୁଣାଇବା । • ଶବ୍ଦଗୁଡ଼ିକୁ ଠିକ୍ ଭାବେ ସଜାଇ ଶବ୍ଦ ଗଠନ କରିବା	୧୦, ୧୧	୪୫ ମିନିଟ୍
	କହିବା ଶୁଣିବା	କୌଣସି ଦର୍ଶନୀୟ ସ୍ଥାନ ବିଷୟରେ ବର୍ଣ୍ଣନା କରିବା ।		୧୫ ମିନିଟ୍
୫	ପଢ଼ିବା ଲେଖିବା	• ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିବା ଏବଂ କ୍ରିୟାପଦ ଚିହ୍ନାଇବା । • ବାକ୍ୟର ଶୁଦ୍ଧଲିଖନ ଲେଖିବା ।	୧୨, ୧୩	୪୫ ମିନିଟ୍
	କହିବା ଶୁଣିବା	ପିଲାମାନଙ୍କ ଦୈନିକ ଅନୁଭବ ବିଷୟରେ ଆଲୋଚନା କରିବା ।		୧୫ ମିନିଟ୍
୬	ପଢ଼ିବା ଲେଖିବା	ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିବା ଏବଂ ବିଶେଷ୍ୟ ପଦ ଚିହ୍ନାଇବା । • ଚିତ୍ର ଦେଖି ତା' ଉପରେ ଏକ ବାକ୍ୟ ଲେଖିବା ।	୧୪, ୧୫	୪୫ ମିନିଟ୍
	କହିବା ଶୁଣିବା	• ପିଲାଙ୍କ ପସନ୍ଦ ଏବଂ ନାପସନ୍ଦ ଉପରେ ଆଲୋଚନା କରିବା ।		୧୫ ମିନିଟ୍
୭	ପଢ଼ିବା ଲେଖିବା	ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିବା ଓ ବିଶେଷ୍ୟ ପଦ ଚିହ୍ନାଇବା । ପଢ଼ି କରି ଶୁଣାଅ ।	୧୬, ୧୭, ୧୮	୪୫ ମିନିଟ୍
	କହିବା ଶୁଣିବା	ଗୋଟିଏଗୋଟିଏ ବାକ୍ୟ କହି କାହାଣୀ ତିଆରି କରିବା ।		୧୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
୮	ପଢ଼ିବା ଲେଖିବା	୪-୫ ପଦର କାହାଣୀ ପଢ଼ିବା (ସ୍ୱତନ୍ତ୍ର ପଠନ) ଏବଂ ତାହାକୁ ପଢ଼ି ଶୁଣାଇବା (ଛୋଟ ଦଳରେ ଅନ୍ୟ ପିଲାଙ୍କୁ ପଢ଼ାଇ ଶୁଣାଅ ଅଥବା ଶିକ୍ଷକ ନିଜେ ପଢ଼ି ଶୁଣାଇବେ) - ଏହି ଅଭ୍ୟାସ ପ୍ରତିଦିନ ଅନ୍ୟ ବିଷୟରେ ମଧ୍ୟ କରାଯିବ । • ପଢ଼ା ଯାଇଥିବା କାହାଣୀ ଉପରେ ମୌଖିକ ପ୍ରଶ୍ନୋତ୍ତର କରିବା ।	୧୯, ୨୦	୪୫ ମିନିଟ୍
	କହିବା ଶୁଣିବା	ଉତ୍ତର ନିମିତ୍ତ ମୌଖିକ ରୂପରେ ପ୍ରଶ୍ନ ତିଆରି କରିବା ।		୧୫ ମିନିଟ୍
୯	ପଢ଼ିବା ଲେଖିବା	୪-୫ ପଦର ସରଳ କାହାଣୀ ପଢ଼ିବା ଏବଂ ପଢ଼ି ଶୁଣାଇବା । • କାହାଣୀ ଉପରେ ଆଧାରିତ ଗୋଟିଏ କିମ୍ବା ଦୁଇଟି ପ୍ରଶ୍ନର ଉତ୍ତର ଦେବେ ।	୨୧	
	କହିବା ଶୁଣିବା	ପିଲାଙ୍କ ଘର / ପରିବାର ବିଷୟରେ ଆଲୋଚନା କରିବା ।		୧୫ ମିନିଟ୍
୧୦	ପଢ଼ିବା ଲେଖିବା	୪-୫ ପଦର ସରଳ କାହାଣୀ ପଢ଼ିବା ଏବଂ ପଢ଼ି ଶୁଣାଇବା । • ଶ୍ରୁତଲିଖନ ଲେଖାଇବା ।	୨୨	୪୫ ମିନିଟ୍
	କହିବା, ଶୁଣିବା	କୌଣସି ଚିତ୍ରକୁ ଦେଖି ତା' ବିଷୟରେ ଆଲୋଚନା କରିବା ।		୧୫ ମିନିଟ୍
୧୧	ପଢ଼ିବା ଲେଖିବା	୪-୫ ପଦର ସରଳ କାହାଣୀ ପଢ଼ିବା ଏବଂ ପଢ଼ି ଶୁଣାଇବା । • କାହାଣୀ ପଢ଼ି ପ୍ରଶ୍ନର ଉତ୍ତର ଦେବା ।	୨୩	୪୫ ମିନିଟ୍
		ପିଲାମାନଙ୍କ ନିଜର ଚତୁଃପାର୍ଶ୍ୱରେ ଦେଖୁଥିବା ବସ୍ତୁ ବିଷୟରେ କହିବା ପାଇଁ ଉତ୍ସାହିତ କରିବା ।		୧୫ ମିନିଟ୍
୧୨	ପଢ଼ିବା ଲେଖିବା	୪-୫ ପଦର ସରଳ କାହାଣୀ ପଢ଼ିବା ଏବଂ ଏହାକୁ ପଢ଼ି ଶୁଣାଇବା । • କାହାଣୀର ବିଭିନ୍ନ ଚରିତ୍ର ବିଷୟରେ ଗୋଟିଏ ଗୋଟିଏ ବାକ୍ୟ ଲେଖିବା । • ଚିତ୍ର ଦେଖି ତାହା ବିଷୟରେ ବାକ୍ୟ ଲେଖିବା । • ଶ୍ରେଣୀ ୨ୟ, ୩ୟର ପାଠ୍ୟ ପୁସ୍ତକରେ ଗୋଟିଏ ଫର୍ଦ୍ଦ (୭-୮ ଧାଡ଼ିର)ର ସରଳକାହାଣୀ/କବିତା ପଢ଼ିବା ଏବଂ ସରଳକାହାଣୀର ବହି ପଢ଼ିବା। (ସ୍ୱତନ୍ତ୍ର ଭାବରେ ଏବଂ ଦଳକରି ପଢ଼ାଅ) • କାହାଣୀ ପଢ଼ିବା ଏବଂ ଶୀର୍ଷକ ଲେଖ ।	୨୪, ୨୫	୪୫ ମିନିଟ୍
	କହିବା, ଶୁଣିବା	• କାହାଣୀ ଶୁଣାଇ ତାହା ଉପରେ ବିଭିନ୍ନ ଅଭ୍ୟାସ କାର୍ଯ୍ୟ କରିବା । • ନିଜର ଦୈନିକ ଅନୁଭବ ଉପରେ କହିବା ଓ କଥୋପକଥନ କରାଇବା ।		୧୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
୧୩	ପଢ଼ିବା ଲେଖିବା	• ଶ୍ରେଣୀ ୨-୩ ର ପାଠ୍ୟ ପୁସ୍ତକରେ ଏକ ଫର୍ଦ୍ଦ (୭-୮ ଧାଡ଼ି) ର ସରଳକାହାଣୀ / କବିତା ପଢ଼ିବା ଏବଂ ପୁସ୍ତକରୁ ସରଳକାହାଣୀ ପଢ଼ିବା । (ସ୍ୱତନ୍ତ୍ର ଭାବରେ ଏବଂ ଦଳରେ ପଢ଼ାଅ) • କବିତା ପଢ଼ି ତାହାକୁ ଲେଖିବା । • ଶ୍ରେଣୀ ୨-୩ ର ପାଠ୍ୟ ପୁସ୍ତକରେ ଏକ ଫର୍ଦ୍ଦ (୭-୮ ଧାଡ଼ି) ର ସରଳ କାହାଣୀ, କବିତା ପଢ଼ିବା ଏବଂ ପୁସ୍ତକରୁ ସରଳ କାହାଣୀ ପଢ଼ିବା । (ସ୍ୱତନ୍ତ୍ର ରୂପରେ ଏବଂ ଦଳରେ ପଢ଼ାଅ) • ଚିତ୍ର ଦେଖି ଭାବି କିଛି ବାକ୍ୟ ଲେଖିବା ।	୨୬, ୨୭	୪୫ ମିନିଟ୍
	କହିବା ଶୁଣିବା	ନିଜର ପସନ୍ଦ / ନାପସନ୍ଦ ଉପରେ କହିବା । ଗୋଟିଏଗୋଟିଏ ବାକ୍ୟ କହି କାହାଣୀ ଲେଖିବା ।		୧୫ ମିନିଟ୍
୧୪	ପଢ଼ିବା ଲେଖିବା	• ଶ୍ରେଣୀ ୨-୩ ର ପାଠ ପୁସ୍ତକରୁ ଏକ ଫର୍ଦ୍ଦ (୭-୮ ଧାଡ଼ି) ର ସରଳ କାହାଣୀ (କବିତା ଏବଂ ପୁସ୍ତକରୁ ସରଳ କାହାଣୀ ପଢ଼ିବା। (ସ୍ୱତନ୍ତ୍ର ଭାବରେ ଏବଂ ଦଳରେ ପଢ଼ିବା । • କାହାଣୀ ଉପରେ ଆଧାରିତ ସରଳ ପ୍ରଶ୍ନର ଉତ୍ତର ଲେଖିବା । ଶ୍ରେଣୀ ୨-୩ ର ପାଠ୍ୟ ପୁସ୍ତକରୁ ଏକ ଫର୍ଦ୍ଦ (୭-୮ ଧାଡ଼ି)ର ସରଳ କାହାଣୀ/ କବିତା ପଢ଼ିବା ଏବଂ ପୁସ୍ତକରୁ ସରଳ କାହାଣୀ ପଢ଼ିବା (ସ୍ୱତନ୍ତ୍ର ଭାବରେ ଏବଂ ଦଳରେ ପଢ଼ାଅ) • ଚିତ୍ରକୁ ଦେଖି ୨-୩ଟି ବାକ୍ୟ ଲେଖିବା ।	୨୮, ୨୯	୪୫ ମିନିଟ୍
	କହିବା ଶୁଣିବା	• ଉତ୍ତର ପାଇଁ ମୌଖିକ ଭାବରେ ପ୍ରଶ୍ନ ତିଆରି କରିବା । • କାହାଣୀ ଶୁଣି ତାହାର ଚରିତ୍ରକୁ ବଦଳାଇ କାହାଣୀ ପୁନଃ ଶୁଣାଇବା ।		୧୫ ମିନିଟ୍
୧୫	ପଢ଼ିବା ଲେଖିବା	ଶ୍ରେଣୀ ୨-୩ ର ପାଠ୍ୟ ପୁସ୍ତକରୁ ଏକ ଫର୍ଦ୍ଦ (୭-୮ ଧାଡ଼ି)ର ସରଳ କାହାଣୀ / କବିତା ପଢ଼ିବା ଏବଂ ପୁସ୍ତକରୁ ସରଳ କାହାଣୀ ପଢ଼ବା ପଢ଼ାଅ । (ସ୍ୱତନ୍ତ୍ର ଭାବରେ ଏବଂ ଦଳରେ ପଢ଼ାଅ) • କବିତା ବିଷୟରେ ଲେଖିବା । • ପ୍ରତିଦିନ ତଳେ ଦିଆଯାଇଥିବା ପାଠ୍ୟ ସାମଗ୍ରୀରେ ପଢ଼ାଇବାର ଅଭ୍ୟାସ କରିବା ଦରକାର । • ଶ୍ରେଣୀ ୪-୫ ର ପାଠ୍ୟ ପୁସ୍ତକରେ ୨-୩ ଫର୍ଦ୍ଦର କୌଣସି କାହାଣୀ/ ଛୋଟ କବିତା/ସରଳ ଲେଖା ପଢ଼ିବା (ସ୍ୱତନ୍ତ୍ର ପଠନ)ଏବଂ ପଢ଼ି ଶୁଣାଇବା । • ସରଳ କାହାଣୀ ବହି ପଢ଼ିବା (ସ୍ୱତନ୍ତ୍ର ପଠନ) ଏବଂ ପଢ଼ି ଶୁଣାଇବା • ପଢ଼ାଇବାର ଅନ୍ୟ ସାମଗ୍ରୀ (ଖବର କାଗଜ ପଢ଼ି ଶୁଣାଇବା ଇତ୍ୟାଦି ପଢ଼ ଏବଂ ପଢ଼ିକରି ଶୁଣାଅ ।) • ଚିନ୍ତା କରି କିଛି ବାକ୍ୟ ଲେଖିବା ।	୩୦, ୩୧	୪୫ ମିନିଟ୍
	କହିବା, ଶୁଣିବା	• ପିଲାମାନଙ୍କୁ ନିଜର ଚତୁଃପାର୍ଶ୍ୱର ବସ୍ତୁଗୁଡିକ ସଂପର୍କରେ କହିବା ପାଇଁ ସୂଚନା ଦେବା । ଶିକ୍ଷକଙ୍କଦ୍ୱାରା କାହାଣୀ ଶୁଣାଇବା ଏବଂ ପିଲାମାନଙ୍କଦ୍ୱାରା ଆଲୋଚନା କରାଇବା ।		୧୫ ମିନିଟ୍

୧୬	ପଢ଼ିବା ଲେଖିବା	• ବିଭିନ୍ନ ପାଠ୍ୟ ସାମଗ୍ରୀଦ୍ୱାରା ପଢ଼ାଇବା ଅଭ୍ୟାସ କରିବା । • ଚିତ୍ର ଦେଖି କାହାଣୀ ଲେଖିବା । • ବିଭିନ୍ନ ପାଠ୍ୟ ସାମଗ୍ରୀ ଦ୍ୱାରା ପଢ଼ାଇବା ଅଭ୍ୟାସ କରିବା । • ପଢ଼ା ଯାଇଥିବା ସାମଗ୍ରୀ ଉପରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।	୩୨, ୩୩	୪୫ ମିନିଟ୍
	କହିବା ଶୁଣିବା	କୌଣସି ଦେଖିଥିବା ସ୍ଥାନ ବିଷୟରେ ବର୍ଣ୍ଣନା କରିବା । କୌଣସି ଚିତ୍ରକୁ ଦେଖି ସେ ବିଷୟରେ କହିବା ।		୧୫ ମିନିଟ୍
୧୭	ପଢ଼ିବା ଲେଖିବା	• ବିଭିନ୍ନ ପାଠ୍ୟ ସାମଗ୍ରୀଦ୍ୱାରା ପଢ଼ାଇବା ଅଭ୍ୟାସ କରିବା । • ଦୁଇ ଜଣଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ଲେଖିବା । • ବିଭିନ୍ନ ପାଠ୍ୟ ସାମଗ୍ରୀଦ୍ୱାରା ପଢ଼ାଇବା ଅଭ୍ୟାସ କରିବା । • କାହାଣୀ ପଢ଼ି ପ୍ରଶ୍ନର ଉତ୍ତର ଦେବା ।	୩୪, ୩୫	୪୫ ମିନିଟ୍
	କହିବା ଶୁଣିବା	• ନିଜର ଦୈନିକ ଅନୁଭବ ଉପରେ କହିବା / କଥୋପକଥନ କରିବା । • ନିଜର ପସନ୍ଦ / ନାପସନ୍ଦ ଉପରେ କହିବା ।		୧୫ ମିନିଟ୍
୧୮	ପଢ଼ିବା ଲେଖିବା	• ବିଭିନ୍ନ ପାଠ୍ୟ ସାମଗ୍ରୀଦ୍ୱାରା ପଢ଼ାଇବା । • ଦିଆଯାଇଥିବା ଶବ୍ଦକୁ ନେଇ କାହାଣୀ ଲେଖିବା । • ବିଭିନ୍ନ ପାଠ୍ୟ ସାମଗ୍ରୀଦ୍ୱାରା ପଢ଼ାଇବା ଅଭ୍ୟାସ କରିବା । • ଦିଆଯାଇଥିବା ଚିତ୍ରଦ୍ୱାରା କାହାଣୀ ତିଆରି କରିବା ।	୩୬, ୩୭	୪୫ ମିନିଟ୍
	କହିବା ଶୁଣିବା	• ଗୋଟିଏଗୋଟିଏ ବାକ୍ୟ କହି କାହାଣୀ ତିଆରି କରିବା । • ଉତ୍ତରପାଇଁ ମୌଖିକ ଭାବରେ ପ୍ରଶ୍ନ ତିଆରି କରିବା ।		୧୫ ମିନିଟ୍

ଦିବସ - ୧ ଏବଂ ୨ :

ଅଭ୍ୟାସର ନାମ - ଶବ୍ଦ ଗଠନ କର । ଲେଖ ଏବଂ ପଢ଼ ।

ଉଦ୍ଦେଶ୍ୟ - ଶବ୍ଦଗୁଡ଼ିକୁ ପଢ଼ିବା ଓ ଲେଖିବାର ଅଭ୍ୟାସ ।

ସମୟ - ପ୍ରତିଦିନ ୧ ଘଣ୍ଟା

ସାମଗ୍ରୀ - ଶବ୍ଦ ସାରଣୀ, ଚିତ୍ର, ଅଭ୍ୟାସ ପୁସ୍ତିକା

କାର୍ଯ୍ୟଶୈଳୀ :

ଆରମ୍ଭରେ ଦୁଇଦିନ ଶବ୍ଦ ଗୁଡ଼ିକୁ ପଢ଼ିବା ଏବଂ ଲେଖିବାର ଅଭ୍ୟାସ କରାଯିବ । କିଛି ପିଲାଙ୍କ ପକ୍ଷରେ ଶବ୍ଦଗୁଡିକୁ ପଢ଼ିବାରେ ଅସୁବିଧା ହୋଇପାରେ ଏବଂ ସେମାନଙ୍କୁ ଅଧିକ ଅଭ୍ୟାସର ଆବଶ୍ୟକତା ପଡିପାରେ । ନିମ୍ନରେ ବିଭିନ୍ନ ଅଭ୍ୟାସ କାର୍ଯ୍ୟ ଦିଆଯାଇଛି ଏବଂ ଏହା ସହିତ କିଛି ଅଭ୍ୟାସ ପୁସ୍ତିକାର ଫର୍ଦ୍ଦ ମଧ୍ୟ ଅଛି । ଶିକ୍ଷକ ସ୍ତର-୧ ର ସବୁ ପିଲାମାନଙ୍କ ସହିତ ଏହି ଅଭ୍ୟାସ କାର୍ଯ୍ୟ ତଥା ସେମାନଙ୍କୁ ପୁସ୍ତିକାରୁ କାର୍ଯ୍ୟ କରିବା ପାଇଁ କହିବେ । ବର୍ଣ୍ଣ-ମାତ୍ରା ରୁ ଶବ୍ଦ ଗଠନ କରିବେ ।

- ଶିକ୍ଷକ ଦିଆଯାଇଥିବା ସାରଣୀକୁ ବୋର୍ଡ଼ରେ ତିଆରି କରିବେ ।

ଖା	ଲ	ମି	ଚ	ଲ
ନା	ମ	ନା	ର	ବ
ବା	ଆ	ମ	ଜା	ମା
ଲି	ଦି	ନ	ଲ	ମି
ତି	ଲ	ଗି	ଜୋ	ତା

- ଏବେ ପିଲାମାନଙ୍କୁ ଏହି ଶବ୍ଦ ଗଠନ କରିବାକୁ କୁହ । ଉପରେ ଦୁଇଟି ଉଦାହରଣ ଦିଆଯାଇଛି - ନାମ, ଜାଲ, ପିଲାମାନେ ଯେଉଁ ସବୁ ଶବ୍ଦ ଗଠନ କରିବେ ଶିକ୍ଷକ ସେ ସବୁକୁ ବୋର୍ଡ଼ ଉପରେ ଲେଖିପାରିବେ ତଥା ପିଲାମାନଙ୍କଦ୍ୱାରା ମଧ୍ୟ ଲେଖାଇ ପାରିବେ ।
- ଏହିପରି ଭାବରେ ବହିରେ ଏକ କାର୍ଯ୍ୟପୁସ୍ତିକା ଦିଆଯାଇଛି । କାର୍ଯ୍ୟ ପୁସ୍ତିକାରେ ଲେଖିବେ ।

ଅସଜଡ଼ା ବର୍ଣ୍ଣଗୁଡ଼ିକୁ ସଜାଇ ଶବ୍ଦ ଗଢ଼ିବା :

- ଶିକ୍ଷକ ତଳେ ଦିଆଯାଇଥିବା ଉଦାହରଣକୁ ଲେଖିବେ ।

ଳ / ଜ	ଜଳ
ଲ / ତ / ବୋ	
ଲ / କ / ମ	
ବା / କ / ଟ	
କ୍ଷ / ଶି / କ	
ସ / ଗୋ / ର / ଲା	

- ପିଲାମାନଙ୍କୁ ଠିକ୍ କ୍ରମରେ ଅକ୍ଷର ସଜାଇ ଶବ୍ଦ ଗଠନ କରିବାକୁ କୁହ । ଠିକ୍ କ୍ରମରେ ଶବ୍ଦ ହେଉଛି - ଜଳ, ବୋତଲ, କାଗଜ, କବାଟ, ଶିକ୍ଷକ, ରସଗୋଲା ।
- ଏହାପରେ ପିଲାମାନେ ଏହି ଶବ୍ଦଗୁଡ଼ିକୁ ନିଜର ଖାତାରେ ଲେଖିପାରିବେ ।
- ଏହି ପ୍ରକାରର ଏକ ଉଦାହରଣ କାର୍ଯ୍ୟ ପୁସ୍ତିକାରେ ମଧ୍ୟ ଦିଆଯାଇଛି । ପିଲାମାନେ ସେଥିରେ ଶବ୍ଦଗୁଡ଼ିକୁ ଠିକ୍ ଭାବରେ ଲେଖନ୍ତୁ ଏବଂ ମାତ୍ରା ବ୍ୟବହାର କରି ଶବ୍ଦ ଗଢ଼ନ୍ତୁ ଏବଂ ଲେଖନ୍ତୁ ।
- ଶିକ୍ଷକ ବୋର୍ଡ ଉପରେ କିଛି ମାତ୍ରା ଓ ଅକ୍ଷର ଲେଖନ୍ତୁ ।

  କ ଳ ର ମ ନ ହ ବ ତ । ି ୀ

- ପିଲାମାନଙ୍କୁ ଶବ୍ଦ ଗଠନ କରିବାକୁ କୁହନ୍ତୁ । ଯେପରି - କାମ, ରାମ, ଦିନ, ବହି, ମିତ, ଗୋଲାପ
- ପିଲାମାନେ ଯେଉଁ ଶବ୍ଦ ଗଠନ କଲେ ସେ ସବୁକୁ ଶିକ୍ଷକ ବୋର୍ଡ଼ ଉପରେ ଲେଖି ଦିଅନ୍ତୁ ।
- ଏହି ପ୍ରକାରର ଏକ ଉଦାହରଣ କାର୍ଯ୍ୟପୁସ୍ତିକାରେ ମଧ୍ୟ ଦିଆଯାଇଛି । ପିଲାମାନେ ସେଥିରେ ମଧ୍ୟ ଶବ୍ଦ ଗଠନ କରି ଲେଖିପାରିବେ ।

ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ :-

- ଶିକ୍ଷକ ବିଭିନ୍ନ ଶବ୍ଦ ବୋର୍ଡ ଉପରେ ଲେଖି ପଢ଼ିବା ପାଇଁ ପିଲାମାନଙ୍କୁ କହିବେ । ଏହା ମଧ୍ୟ ଧ୍ୟାନ ରଖିବାକୁ ହେବ ଯେ ପିଲାମାନଙ୍କୁ ସରଳ ଓ କଠିନ ଦୁଇ ପ୍ରକାରର ଶବ୍ଦକୁ ପଢ଼ିବା ପାଇଁ ଦିଆଯାଇଥିବା ଦରକାର । ସମସ୍ତ ପିଲା ଯେପରି ଶବ୍ଦ ପଢ଼ିବା କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇପାରିବେ ତାହା ମଧ୍ୟ ଶିକ୍ଷକ ଦେଖିବେ ।
- କାର୍ଯ୍ୟ ପୁସ୍ତିକାରେ ଦିଆଯାଇଥିବା ଶବ୍ଦକୁ ମଧ୍ୟ ପିଲାମାନଙ୍କୁ ପଢ଼ିବାକୁ କହିବେ ।

ଚିତ୍ର ଦେଖି ସେ ସବୁର ନାମ ଲେଖ ।

- ଶିକ୍ଷକ ପିଲାମାନଙ୍କୁ କୌଣସି ଏକ ଚିତ୍ର ଦେଖାଇ ତାହାର ନାମ ଲେଖିବାକୁ କହିବେ । ଏ ଚିତ୍ର ତାହାର ପାଠ୍ୟ ପୁସ୍ତକରୁ ମଧ୍ୟ ହୋଇପାରେ । ଏହି କୌଣସି ବହିରେ ମଧ୍ୟ ଥାଇପାରେ, ଖବରକାଗଜର ମଧ୍ୟ ହୋଇପାରେ ଅଥବା କୌଣସି ଉତ୍ସରୁ ସଂଗ୍ରହ କରାଯାଇପାରେ । ପିଲାମାନେ ଚତୁଃପାର୍ଶ୍ୱରେ ଦେଖୁଥିବା ଜିନିଷର ଚିତ୍ର ତିଆରି କରି ତାହାର ନାମ ଲେଖିପାରନ୍ତି । ଉଦ୍ଦେଶ୍ୟ ଏହି ଯେ, ପିଲାମାନେ ଅଧିକରୁ ଅଧିକ ଶବ୍ଦ ଲେଖିବାର ଅଭ୍ୟାସ କରିବେ ।
- କାର୍ଯ୍ୟ ପୁସ୍ତିକାରେ ମଧ୍ୟ ଦିଆଯାଇଥିବା ଚିତ୍ରର ନାମ ଲେଖିବା ପାଇଁ ପିଲାମାନଙ୍କୁ କୁହାଯାଇପାରେ ।
- ଏଠାରେ ଏହା ମଧ୍ୟ ମହତ୍ତ୍ୱପୂର୍ଣ୍ଣ କି ପିଲାମାନଙ୍କଦ୍ୱାରା ଲେଖା ଶବ୍ଦକୁ ମୂଲ୍ୟାଙ୍କନ କରିବେ । ଯଦି କୌଣସି ପିଲା ଭୁଲ୍ ଲେଖିଛି ତେବେ ଠିକ୍ କିପରି ଲେଖାଯିବ ତାହା କହିଦେବେ । ନିରୁତ୍ସାହିତ କଲାଭଳି କୌଣସି ମନ୍ତବ୍ୟ ଦେବେ ନାହିଁ ।

ପିଲାମାନଙ୍କୁ ଜଣେ - ଅନ୍ୟ ଜଣଙ୍କର ଖାତା ଦେଖି ଏବଂ ଶବ୍ଦକୁ ଠିକ୍ କରିବା ପାଇଁ ମଧ୍ୟ କୁହାଯାଇପାରେ ।

- ଶିକ୍ଷକ ବୋର୍ଡ଼ ଉପରେ କିଛି ଫଳା ଓ ଅକ୍ଷର ଲେଖିବେ । ଏହାକୁ ବ୍ୟବହାର କରି ଶବ୍ଦ ଗଠନ କରିବାକୁ କହିବେ । ଯେପରି :-

  ଅ, ହ, ପ, ସ, ଧ, ବ, ଜ, ଚ, କ, ର, ଅ, ଣ, ୍ୟ, ୍ର, ୍ବ, ୍ଚ, ୍ୟ

  ଅଶ୍ୱ, ହ୍ରଦ, ସ୍ୱପ୍ନ, ପଦ୍ମ, ବର୍ଷା, ବାକ୍ୟ ।

  ପିଲାମାନେ ଗଠନ କରିଥିବା ଶବ୍ଦକୁ ବୋର୍ଡ଼ରେ ଲେଖନ୍ତୁ । ଅଧିକରୁ ଅଧିକ ଲେଖିବା ପାଇଁ ଉତ୍ସାହିତ କରନ୍ତୁ ।

ଶବ୍ଦର ଶ୍ରୁତଲିଖନ :

ଶ୍ରୁତଲିଖନ ପିଲାମାନଙ୍କୁ ତ୍ରୁଟିଶୂନ୍ୟ ଲେଖିବାରେ ବହୁତ ସାହାଯ୍ୟ କରିଥାଏ । ଶିକ୍ଷକ କିଛି ଶବ୍ଦକୁ ବାଛି ସେ ଶବ୍ଦଗୁଡ଼ିକୁ (ସରଳ ଓ କଠିନ ଦୁଇ ପ୍ରକାର ହୋଇପାରେ) ପିଲାମାନଙ୍କୁ ଲେଖିବାକୁ କହି ଡାକିବେ । ଗୋଟିଏ ଶବ୍ଦକୁ ୨-୩ ଥର କହିବେ । ପିଲାମାନେ ସେହି ଶବ୍ଦଗୁଡିକୁ ନିଜର ଖାତାରେ ଶୁଣିକରି ଲେଖିବେ । ଶ୍ରୁତଲିଖନ ଶେଷ ହେବାପରେ, ଶିକ୍ଷକ ଡାକିଥିବା ସମସ୍ତ ଶବ୍ଦକୁ କଳାପଟାରେ ଲେଖିଦେବେ । ଏବେ ପିଲାମାନେ ନିଜ ନିଜର ଖାତାକୁ ପରଖି ଦେଖିବେ ସେମାନେ କେତୋଟି ଶବ୍ଦ ଠିକ୍ କିମ୍ବା ଭୁଲ୍ କରିଛନ୍ତି ଜାଣିବେ । ତଦନୁଯାୟୀ ଅଶୁଦ୍ଧ ଲେଖିଥିବା ଶବ୍ଦଗୁଡ଼ିକୁ ପାଞ୍ଚଥର ଲେଖାଏଁ ନିଜ ଖାତାରେ ଲେଖିବେ ।

ଦିବସ-୩

ଅଭ୍ୟାସର ନାମ - ବାକ୍ୟକୁ ପଢ଼ିବା ଓ ଲେଖିବା ।
ଉଦ୍ଦେଶ୍ୟ - ବାକ୍ୟଗୁଡ଼ିକୁ ପଢ଼ିବା ଓ ଲେଖିବାର ଅଭ୍ୟାସ କରିବା ।
ସମୟ ଅବଧି - ୪୫ ମିନିଟ୍ ।
ସାମଗ୍ରୀ - ପଢ଼ିବା ପାଇଁ ଅଭ୍ୟାସ ପାଠ / କାହାଣୀର ବହି / କାର୍ଯ୍ୟ ପୁସ୍ତିକା ।

କାର୍ଯ୍ୟଶୈଳୀ :

ପଢ଼ିବା-ଶିଖିବା ପାଇଁ ଜରୁରୀ ହେଉଛି ଅଧିକରୁ ଅଧିକ ପଢ଼ିବା । ଏଥିପାଇଁ ଏହା ଆବଶ୍ୟକ ଯେ ପିଲାମାନଙ୍କୁ ଅଧିକରୁ ଅଧିକ ପଢ଼ିବାର ସୁଯୋଗ ଦେବା । ଶିକ୍ଷକ ୧ମ ରୁ ୩ୟଶ୍ରେଣୀ ମଧ୍ୟରେ ପାଠ୍ୟ ପୁସ୍ତକରେ ମିଳୁଥିବା ଅଥବା ଅନ୍ୟ ବହିରୁ ମଧ୍ୟ ପଢ଼ିବା ପାଇଁ ଅଭ୍ୟାସ ନିମିତ୍ତ କହିବେ । ପଢ଼ିବାର କାର୍ଯ୍ୟ ନିମ୍ନ ପ୍ରକାର କରାଯାଇପାରେ ।

ସମୂହ ଭାବରେ ପଢ଼ିବା- ଏଥିପାଇଁ ୪-୫ ଜଣ ଲେଖାଏଁ ପିଲାଙ୍କ ଦଳ ଗଠନ କରାଯାଇପାରେ । ଯେଉଁଥିରେ ଜଣେ ଦୁଇଜଣ ପିଲା ଏମିତି ଥିବେ ଯେ କି ଠିକ୍ ଭାବରେ ପଢ଼ି ପାରୁଥିବେ ଏବଂ ଅନ୍ୟ ପିଲାମାନଙ୍କର ପଢ଼ିବାରେ ବହୁତ ଅସୁବିଧା ଥାଇପାରେ । ଠିକ୍ ଭାବରେ ପଢ଼ି ପାରୁଥିବା ପିଲାମାନେ ଅନ୍ୟ ପିଲାମାନଙ୍କୁ ସାହାଯ୍ୟ କରିପାରନ୍ତି ।

- ଏହାଛଡ଼ା ଗୋଟିଏ ସ୍ତରରେ ଥିବା ପିଲାଙ୍କ ଦଳ କରାଯାଇପାରେ । ଯେଉଁମାନେ ଶିକ୍ଷକଙ୍କ ମାର୍ଗଦର୍ଶନରେ ପଢ଼ିବା ଅଭ୍ୟାସ କରିପାରନ୍ତି । ଅର୍ଥାତ୍ ପଢ଼ିବା ସମୟରେ ଶିକ୍ଷକ ସେମାନଙ୍କୁ ଦେଖିବେ ଏବଂ ଆବଶ୍ୟକତା ଅନୁସାରେ ସେମାନଙ୍କୁ ସାହାଯ୍ୟ କରିବେ ।
- ପିଲାମାନେ ବହି ନେଇ ସ୍ୱତନ୍ତ୍ର ଭାବରେ ପଢ଼ି ପାରନ୍ତି । ଶିକ୍ଷକ ସେମାନଙ୍କ ସ୍ତର ଅନୁଯାୟୀ ପାଠ୍ୟପୁସ୍ତକ ଦେଇ ସାହାଯ୍ୟ କରିପାରନ୍ତି ।
- କାର୍ଯ୍ୟପୁସ୍ତିକାରେ ମଧ୍ୟ ବାକ୍ୟଗୁଡ଼ିକୁ ଅଭ୍ୟାସ କରିବା ପାଇଁ କାର୍ଯ୍ୟ ଦିଆଯାଇଛି, ଅନ୍ୟ ସାମଗ୍ରୀ ସହିତ ଶିକ୍ଷକ କାର୍ଯ୍ୟ ପତ୍ରିକା, "ବାକ୍ୟପଢ଼'' ଓ ପଢ଼ିବା ପାଇଁ ପିଲାମାନଙ୍କୁ ଦିଅନ୍ତୁ । ଶିକ୍ଷକ ଏହି ବାକ୍ୟଗୁଡ଼ିକୁ ପିଲାମାନଙ୍କର ଖାତାରେ ଲେଖିବା ପାଇଁ ମଧ୍ୟ କହିପାରିବେ ।

ଚିତ୍ରର ସାହାଯ୍ୟରେ ଖାଲିବାକ୍ୟଗୁଡ଼ିକୁ ପୂରଣ କରିବା ପାଇଁ କାର୍ଯ୍ୟପତ୍ରିକାରେ ଦିଆଯାଇଛି, "ଚିତ୍ର ଦେଖିକରି ବାକ୍ୟ ପୂରଣ କର'' ଉପରେ ପିଲାମାନଙ୍କୁ କାମ କରିବା ନିମିତ୍ତ କହନ୍ତୁ । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଚିତ୍ରଦେଖି ବାକ୍ୟରେ ଖାଲି ସ୍ଥାନରେ ଉପଯୁକ୍ତ ଶବ୍ଦ ଲେଖିବା ପାଇଁ କହନ୍ତୁ ।

ଅଭ୍ୟାସର ନାମ - ଶିକ୍ଷକଙ୍କଦ୍ୱାରା କାହାଣୀ ଶୁଣିବା ଏବଂ ପିଲାମାନଙ୍କଦ୍ୱାରା ଉକ୍ତ ବିଷୟରେ ଆଲୋଚନା କରାଇବା ।
ଉଦ୍ଦେଶ୍ୟ - ଶୁଣିକରି ବୁଝିବାର କ୍ଷମତା ବିକାଶ କରିବା ।
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - ଆବଶ୍ୟକତା ନାହିଁ ।

କାର୍ଯ୍ୟଶୈଳୀ :

ଶିକ୍ଷକ ପିଲାମାନଙ୍କୁ ମୌଖିକ କାହାଣୀ ଶୁଣାନ୍ତୁ । ଏହି କାହାଣୀ ଶିକ୍ଷକ ପିଲାମାନଙ୍କ ବହିରୁ ବାଛି ପାରନ୍ତି ଅଥବା ଅନ୍ୟ କେଉଁଠାରୁ ପଢ଼ି କହିପାରନ୍ତି । ଏହା ମଧ୍ୟ ଧ୍ୟାନରେ ରଖିବାକୁ ହେବ ଯେ କାହାଣୀ ଉତ୍ସାହ-ଜନକ ଏବଂ ପିଲାମାନଙ୍କୁ ଏହା ଶୁଣିବାକୁ ଆନନ୍ଦ ଦେବା ଦରକାର । କାରଣ ଏମାନେ ବଡ଼ ପିଲା ଅଟନ୍ତି । ଏଥିପାଇଁ ସ୍ତର ଅନୁଯାୟୀ କାହାଣୀ ଶୁଣାଇ ଦେବା ଦରକାର । ଶିକ୍ଷକ ଚାହିଁଲେ ମଧ୍ୟ ଶ୍ରେଣୀ ୮ମ-୯ମର କୌଣସି ଉତ୍ସାହ ଜନକ କାହାଣୀ ଶୁଣାଇ ପାରିବେ ।

- କାହାଣୀ ଶୁଣାଇବା ପରେ ଶିକ୍ଷକ କାହାଣୀ ବିଷୟରେ ପିଲାମାନଙ୍କ ସହିତ କିଛି ସମୟ ଆଲୋଚନା କରି ଦିଅନ୍ତୁ । ଆଲୋଚନା ପରେ ସେ ମଧ୍ୟ ପିଲାଙ୍କୁ ପ୍ରଶ୍ନ ପଚାରି ପାରନ୍ତି । କାହାଣୀରେ ଘଟିଥିବା ଘଟଣା ବିଷୟରେ କହିବା ପାଇଁ କୁହାଯାଇ ପାରେ ।

ଦିବସ-୪

ଅଭ୍ୟାସର ନାମ - ବାକ୍ୟକୁ ପଢ଼ିବା ଓ ଲେଖିବା
ଉଦ୍ଦେଶ୍ୟ - ଶବ୍ଦକୁ ପଢ଼ିବା ଓ ଲେଖିବା ଅଭ୍ୟାସ
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ପାଇଁ ଅଭ୍ୟାସ ନିମିତ୍ତ ପାଠ / କାହାଣୀର ବହି, କାର୍ଯ୍ୟପୁସ୍ତିକା

କାର୍ଯ୍ୟଶୈଳୀ :

- ଉପରେ କୁହାଯାଇଥିବା ଭଳି ଶିକ୍ଷକ ପିଲାମାନଙ୍କୁ ଅଧିକରୁ ଅଧିକ ପଢ଼ିବା ପାଇଁ ସୁଯୋଗ ଦେବେ । ପିଲାମାନଙ୍କୁ ପାଠ୍ୟପୁସ୍ତକରେ ଦିଆଯାଇଥିବା ବାକ୍ୟଗୁଡିକ ପଢ଼ିବା ପାଇଁ କହିପାରନ୍ତି । ସେମାନଙ୍କୁ ପାଠାଗାରରେ ଉପଲବ୍ଧ ଅନ୍ୟ ବହି ପଢ଼ିବା ଅଭ୍ୟାସ ପାଇଁ କୁହାଯାଇପାରେ । ପିଲାମାନଙ୍କୁ ଦଳରେ ଅଥବା ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ପଢ଼ିବା ପାଇଁ କୁହାଯାଇପାରେ ।
- କାର୍ଯ୍ୟ ପୁସ୍ତିକାରେ ବାକ୍ୟଗୁଡ଼ିକ ପଢ଼ିବା ଅଭ୍ୟାସ ବୃଦ୍ଧିପାଇଁ କାର୍ଯ୍ୟପତ୍ରିକା ଦିଆଯାଇଛି । ଅନ୍ୟ ସାମଗ୍ରୀ ସହିତ କାର୍ଯ୍ୟ ପତ୍ରିକା "ବାକ୍ୟ ପଢ଼'' ମଧ୍ୟ ପଢ଼ିବାକୁ ପିଲାମାନଙ୍କୁ ଦିଅନ୍ତୁ । ଶିକ୍ଷକ ଏହି ବାକ୍ୟଗୁଡିକୁ ପିଲାମାନଙ୍କ ଖାତାରେ ଲେଖିବା ପାଇଁ କହିପାରନ୍ତି ।
- କାର୍ଯ୍ୟପତ୍ରିକା "ଶବ୍ଦଗୁଡିକ ଉପଯୁକ୍ତ କ୍ରମରେ ସଜାଡ଼ି ବାକ୍ୟ ଲେଖ'' ରେ ଅବ୍ୟବସ୍ଥିତ ଭାବରେ ଶବ୍ଦଗୁଡ଼ିକୁ ଦିଆଯାଇଛି । ସେଗୁଡ଼ିକୁ କ୍ରମ ଅନୁସାରେ ସଜାଡ଼ି ବାକ୍ୟଗୁଡିକ ପୁନଃ ଲେଖିବାର ଅଛି । ଶିକ୍ଷକ ଏହି କାର୍ଯ୍ୟ ଫର୍ଦ୍ଦ ଉପରେ ପିଲାମାନଙ୍କୁ କାମ କରିବାକୁ କହିବେ । ପିଲାମାନେ ନିଜର କାମ ସାରିବା ପରେ ଶିକ୍ଷକ ସେଗୁଡିକୁ ସଂଶୋଧନ କରିବା ଆବଶ୍ୟକ ଅଛି ।

ଅଭ୍ୟାସର ନାମ - ଯେ କୌଣସି ଦେଖିଥିବା ସ୍ଥାନ ବିଷୟରେ ବର୍ଣ୍ଣନା କରିବା ।
ଉଦ୍ଦେଶ୍ୟ - ନିଜର ବିଚାରକୁ ବ୍ୟବସ୍ଥାପିତ ଉପାୟରେ ପ୍ରକାଶ କରିବା ।
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ଆବଶ୍ୟକତା ନାହିଁ

- ଶିକ୍ଷକ ପିଲାଙ୍କ ସହିତ ସେମାନେ ଦେଖିଥିବା ସ୍ଥାନ ବିଷୟରେ କଥପୋକଥନ କରିବେ । ଏହା କୌଣସି ଐତିହାସିକ ସ୍ଥାନ, ବଜାର, ମେଳା ସହର ଆଦି ହୋଇପାରେ । ଏବେ ପିଲାମାନେ ସେହି ବିଷୟରେ କହିବେ, ଶିକ୍ଷକ ପିଲାମାନଙ୍କୁ ସାହାଯ୍ୟ କରିବେ ଯେପରି ସେମାନେ ବ୍ୟବସ୍ଥିତ ଭାବରେ ଅଭିବ୍ୟକ୍ତ କରିପାରିବେ ।
- ପ୍ରତ୍ୟେକ ପିଲାମାନଙ୍କୁ କହିବା ପାଇଁ ୨/୩ ମିନିଟ୍ ଦିଆଯାଇପାରେ । ସେହି ପିଲାଙ୍କୁ ଅଧିକରୁ ଅଧିକ କହିବା ପାଇଁ ସୁଯୋଗ ଦେବେ, ଯେଉଁ ପିଲା ଶ୍ରେଣୀରେ ପଢ଼ା ସମୟରେ କମ୍ ଭାଗ ନିଅନ୍ତି ବା କଥା କୁହନ୍ତି, ଏହିପରି ଅଭ୍ୟାସ କଲେ ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ହେଇଥାଏ ।

ଦିବସ-୫

ଅଭ୍ୟାସର ନାମ - ବାକ୍ୟଗୁଡ଼ିକୁ ପଢ଼ିବା, ସହ କ୍ରିୟାପଦକୁ ଚିହ୍ନିବା ଓ ଲେଖିବା ।
ଉଦ୍ଦେଶ୍ୟ - ବାକ୍ୟକୁ ପଢ଼ିବା, ସହ କ୍ରିୟାପଦକୁ ଚିହ୍ନିବା ଓ ଲେଖିବାର ଅଭ୍ୟାସ ।
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ପାଇଁ ଅଭ୍ୟାସ ପୁସ୍ତିକା/କାହାଣୀ ବହି, କାର୍ଯ୍ୟପୁସ୍ତିକା

- ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ବାକ୍ୟଗୁଡିକୁ ପଢ଼ିବାକୁ ଦେବେ ଓ ଏଥିରେ ଥିବା କ୍ରିୟାପଦଗୁଡ଼ିକୁ ଚିହ୍ନାଇବାକୁ କହିବେ । ଏହା ପାଠ୍ୟପୁସ୍ତକଦ୍ୱାରା କରାଯାଇପାରେ । ସେମାନଙ୍କୁ ପାଠାଗାରରେ ମିଳୁଥିବା ଅନ୍ୟ ବହିଗୁଡ଼ିକରୁ କିଛି ବାକ୍ୟ ପଢ଼ିବାପାଇଁ ଦେଇ ଅଭ୍ୟାସ କରିବାକୁ କୁହାଯାଇପାରେ । ପଢ଼ିବାପାଇଁ ପିଲାମାନଙ୍କ ମଧ୍ୟରେ ଦଳ ଗଠନ କରାଯାଇପାରେ ଅଥବା ସ୍ୱତନ୍ତ୍ର ଭାବରେ ପଢ଼ିବାପାଇଁ କୁହାଯାଇପାରେ ।
- କାର୍ଯ୍ୟପୁସ୍ତିକାରେ ବାକ୍ୟଗୁଡ଼ିକ ପଢ଼ିବା ସହିତ କ୍ରିୟାପଦକୁ ଚିହ୍ନାଇବା ଅଭ୍ୟାସ ବୃଦ୍ଧି ନିମିତ୍ତ କାର୍ଯ୍ୟମାନ ଦିଆଯାଇଛି । ଅନ୍ୟ ସାମଗ୍ରୀ ସହିତ ଶିକ୍ଷକ କାର୍ଯ୍ୟପତ୍ରିକା "ବାକ୍ୟ ପଢ଼" କୁ ପଢ଼ିବା ପାଇଁ ପିଲାମାନଙ୍କୁ ଦେବେ । ଶିକ୍ଷକ ପିଲାମାନଙ୍କୁ ନିଜର ଖାତାରେ ଲେଖିବାପାଇଁ ମଧ୍ୟ କହିପାରିବେ ।
- କାର୍ଯ୍ୟପତ୍ରିକା "ଶ୍ରୁତଲିଖନ" ଉପରେ କାର୍ଯ୍ୟ କରିବାପାଇଁ ଶିକ୍ଷକ ୮-୧୦ଟି ବାକ୍ୟ ବାଛନ୍ତୁ । ଏହି ବାକ୍ୟଗୁଡ଼ିକ ସରଳ ଓ କଠିନ ହୋଇପାରେ, ଏବେ ଶିକ୍ଷକ ଧୀରେଧୀରେ ବାକ୍ୟଗୁଡ଼ିକୁ କହିବେ । ଗୋଟିଏ ବାକ୍ୟକୁ ୨/୩ ଥର କହିବେ, ପିଲାମାନେ କୁହାଯାଇଥିବା ବାକ୍ୟଗୁଡ଼ିକୁ କାର୍ଯ୍ୟ ପତ୍ରିକାରେ ଲେଖିବେ । ଶ୍ରୁତଲିଖନ ଡାକି ସାରିବା ପରେ ଶିକ୍ଷକ ବାକ୍ୟଗୁଡ଼ିକୁ କଳାପଟାରେ ଲେଖି ଦିଅନ୍ତୁ । ଏବେ ପିଲାମାନେ ବାଛି ସେମାନେ କେତୋଟି ଭୁଲ୍ କରିଥିବା ଶବ୍ଦ, ଠିକ୍ ଭାବରେ ମଧ୍ୟ ଲେଖିପାରନ୍ତି ।

  ପିଲାମାନେ ଭୁଲ୍ ଲେଖିଥିବା ବାକ୍ୟଗୁଡ଼ିକୁ ଠିକ୍ କରି ମଧ୍ୟ ଲେଖି ପାରିବେ ।

ଅଭ୍ୟାସର ନାମ - ପିଲାମାନଙ୍କର ଦୈନିକ ଅନୁଭୂତି ଉପରେ ଆଲୋଚନା ।
ଉଦ୍ଦେଶ୍ୟ - ନିଜର ଚିନ୍ତାକୁ ବ୍ୟବସ୍ଥିତ ଭାବରେ ପ୍ରକାଶ କରିବା ।
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - କିଛି ଆବଶ୍ୟକ ନାହିଁ ।

କାର୍ଯ୍ୟଶୈଳୀ :

ଶିକ୍ଷକ ପିଲାମାନଙ୍କ ସହିତ ସେମାନଙ୍କ ଦୈନିକ ଅନୁଭୂତି ବିଷୟରେ ଆଲୋଚନା କରିବେ । ଏହି ଅନୁଭୂତି ନିଜ ସ୍କୁଲର ହୋଇପାରେ କିମ୍ବା ପରିବେଶ ସମ୍ବନ୍ଧୀୟ ହୋଇପାରେ । ପିଲାମାନଙ୍କର ଦିନଚର୍ଯ୍ୟା ସମ୍ବନ୍ଧିତ ମଧ୍ୟ ହୋଇପାରେ । ଶିକ୍ଷକ ପିଲାମାନଙ୍କର ସେହି ଅନୁଭୂତିଗୁଡିକ ଉପରେ ଆଲୋଚନା କରିବେ । ଆଲୋଚନା ସମୟରେ କୌଣସି ଗୋଟିଏ ପ୍ରସଙ୍ଗ ନିଅନ୍ତୁ, ଯେପରି ପିଲାଙ୍କର ଦିନଚର୍ଯ୍ୟା । ଶିକ୍ଷକ ପିଲାମାନଙ୍କ ସହିତ ଆଲୋଚନା କରିବେ, ଯେପରିକି ଦିନସାରା ସେମାନେ କ'ଣ ସବୁ କରନ୍ତି । ଏଥିରେ ସବୁ ପିଲା ଭାଗନେବା ଜରୁରୀ । ପିଲାମାନଙ୍କଦ୍ୱାରା ନିଜର କଥାକୁ କୌଶଳ କ୍ରମେ ବ୍ୟବସ୍ଥିତ ଭାବରେ କହିବା ପାଇଁ କହନ୍ତୁ । ଶିକ୍ଷକ ସେମାନଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟଗୁଡ଼ିକ ଉପରେ ଆଲୋଚନା କରନ୍ତୁ ।

ଦିବସ-୬

ଉଦ୍ଦେଶ୍ୟ - ବାକ୍ୟକୁ ପଢ଼ିବା ଓ ବିଶେଷ୍ୟ ପଦକୁ ଚିହ୍ନିବା ଲେଖିବା ଅଭ୍ୟାସ କରିବା
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ପାଇଁ ଆବଶ୍ୟକ ପାଠ ଓ କାହାଣୀ ବହି

କାର୍ଯ୍ୟପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ବାକ୍ୟ ପଢ଼ିବା ଓ ବିଶେଷ୍ୟ ପଦକୁ ଚିହ୍ନିବା ପାଇଁ କହିବେ । ଏହି ବାକ୍ୟଗୁଡ଼ିକୁ ପାଠ୍ୟ ପୁସ୍ତକରୁ ଅଣାଯାଇପାରେ । ସେମାନଙ୍କୁ ପାଠାଗାରରେ ମିଳୁଥିବା ଅନ୍ୟ ବହିର ବାକ୍ୟ ପଢ଼ିବା ପାଇଁ ମଧ୍ୟ ଅଭ୍ୟାସ କରିବାକୁ କୁହାଯାଇ ପାରିବ ।
- କାର୍ଯ୍ୟ ପୁସ୍ତିକାରେ ବାକ୍ୟ ପଢ଼ିବା ସହିତ ବିଶେଷ୍ୟ ପଦ ଚିହ୍ନଟ ଏବଂ ଅଭ୍ୟାସ ପାଇଁ କାର୍ଯ୍ୟପତ୍ରିକା ଦିଆଯାଇଛି । ଅନ୍ୟ ସାମଗ୍ରୀ ସହିତ ଶିକ୍ଷକ କାର୍ଯ୍ୟ ପତ୍ରିକା "ବାକ୍ୟ ପଢ଼" କୁ ପଢ଼ିବା ପାଇଁ ପିଲାମାନଙ୍କୁ ଦିଅନ୍ତୁ । ଶିକ୍ଷକ ପିଲାମାନଙ୍କୁ ନିଜ ଖାତାରେ ସେହି ବାକ୍ୟକୁ ଲେଖିବା ପାଇଁ ଦିଅନ୍ତୁ ।
- କାର୍ଯ୍ୟପତ୍ରିକା "ଚିତ୍ର ଦେଖି ଲେଖ'' ଉପରେ ଅଭ୍ୟାସ କରିବା ପାଇଁ କହିବେ । ସେଥିରେ ପିଲାମାନଙ୍କୁ ଦିଆଯାଇଥିବା ଚିତ୍ର ଦେଖି ତା'ପରେ ଏକ ବାକ୍ୟ ଲେଖିବାକୁ କୁହନ୍ତୁ । ଯେତେବେଳେ ବାକ୍ୟ ଲେଖିଦେଲେ, ଶିକ୍ଷକ ସେହି ବାକ୍ୟକୁ ସଂଶୋଧନ କରନ୍ତୁ । ସେ ସେମାନଙ୍କୁ ଠିକ୍ ବାକ୍ୟ ଲେଖିବା ପାଇଁ ପ୍ରେରଣା ଦିଅନ୍ତୁ ।

ଅଭ୍ୟାସର ନାମ - ପିଲାମାନଙ୍କ ପସନ୍ଦ/ନାପସନ୍ଦ ଉପରେ ଆଲୋଚନା
ଉଦ୍ଦେଶ୍ୟ - ନିଜର ଭାବନାକୁ ବ୍ୟବସ୍ଥିତ ଶୈଳୀରେ ପ୍ରକାଶ କରିବା ।
ସମୟ ଅବଧି - **୧୫ ମିନିଟ୍**
ସାମଗ୍ରୀ - ଆବଶ୍ୟକତା ନାହିଁ ।

କାର୍ଯ୍ୟଶୈଳୀ :

ଶିକ୍ଷକ ପିଲାମାନଙ୍କ ସହିତ ସେମାନଙ୍କ ପସନ୍ଦ ଓ ନାପସନ୍ଦ ଉପରେ ଆଲୋଚନା କରନ୍ତୁ । ସେମାନଙ୍କ ସହିତ ଆଲୋଚନା କରନ୍ତୁ ଯେ ସେମାନଙ୍କୁ କ'ଣ ଖାଇବାକୁ ପସନ୍ଦ ଓ କ'ଣ ନାପସନ୍ଦ ? ସ୍କୁଲ ଓ ଘରେ କ'ଣ ପସନ୍ଦ ଏବଂ କ'ଣ ନାପସନ୍ଦ ? କେଉଁ ବିଷୟ ଶିକ୍ଷକ ତାଙ୍କର ଅଧିକ ପସନ୍ଦ କହିବେ । ଶିକ୍ଷକ ନିଜର ପସନ୍ଦ ନାପସନ୍ଦ ବିଷୟରେ ପିଲାମାନଙ୍କୁ କହିବେ । ଶିକ୍ଷକ ସମସ୍ତ ପିଲାଙ୍କୁ କହିବାର ସୁଯୋଗ ଦେବେ । ପିଲାମାନଙ୍କୁ ନିଜର ଭାବନା/ବିଚାରଗୁଡିକୁ ବ୍ୟବସ୍ଥିତ ଶୈଳୀରେ ତଥା କ୍ରମ ଅନୁଯାୟୀ କହିବାକୁ କହନ୍ତୁ ।

ଦିବସ-୭

ଅଭ୍ୟାସର ନାମ - ବାକ୍ୟଗୁଡ଼ିକୁ ପଢ଼ିବା, ବିଶେଷ୍ୟ ପଦକୁ ଚିହ୍ନିବା ଓ ଲେଖିବା
ଉଦ୍ଦେଶ୍ୟ - ବାକ୍ୟଗୁଡ଼ିକୁ ପଢ଼ିବା, ବିଶେଷ୍ୟ ପଦକୁ ଚିହ୍ନିବା ଓ ଲେଖିବାର ଅଭ୍ୟାସ
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ଅଭ୍ୟାସପାଇଁ ପାଠ/କାହାଣୀ ବହି, କାର୍ଯ୍ୟ ପୁସ୍ତିକା

କାର୍ଯ୍ୟ ଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ବାକ୍ୟ ପଢ଼ିବା ପାଇଁ ଦିଅନ୍ତୁ ଓ ସେଥିରେ ଥିବା ବିଶେଷଣ ପଦଗୁଡ଼ିକୁ ଚିହ୍ନାଇବା ପାଇଁ କୁହନ୍ତୁ । ଏହା ପାଠ୍ୟ ପୁସ୍ତକରୁ ଦିଆଯାଇପାରେ । ସେମାନେ ପାଠାଗାରରେ ମିଳୁଥିବା ଅନ୍ୟ ବହିଗୁଡ଼ିକରୁ ବାକ୍ୟ ପଢ଼ିବାର ଅଭ୍ୟାସ କରିପାରନ୍ତି ।
- କାର୍ଯ୍ୟପତ୍ରିକାରେ ମଧ୍ୟ ବାକ୍ୟ ପଢ଼ିବାର ଓ ବିଶେଷଣ ଚିହ୍ନାଇବା ଅଭ୍ୟାସ ନିମିତ୍ତ କାର୍ଯ୍ୟକ୍ରମ ଦିଆଯାଇଛି । ଅନ୍ୟ ସାମଗ୍ରୀଦ୍ୱାରା ଶିକ୍ଷକ କାର୍ଯ୍ୟପତ୍ରିକା "ବାକ୍ୟ ପଢ଼''ରୁ ପଢ଼ିବା ପାଇଁ ପିଲାଙ୍କୁ ଦେଇ ପାରନ୍ତି । ଶିକ୍ଷକ ଏହି ବାକ୍ୟଗୁଡ଼ିକୁ ନିଜ ଖାତାରେ ଲେଖିବା ପାଇଁ ପିଲାମାନଙ୍କୁ କହି ପାରନ୍ତି ।
- କାର୍ଯ୍ୟପତ୍ରିକାରେ "ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କର" ଏବଂ "ଶବ୍ଦକୁ ବାକ୍ୟରେ ପ୍ରୟୋଗ କର" ଉପରେ କାର୍ଯ୍ୟ କରିବାକୁ କହିବେ । ପ୍ରଥମେ କାର୍ଯ୍ୟପତ୍ରିକାରେ କିଛି ଶବ୍ଦ ଦିଆଯାଇଛି । ସେହି ଶବ୍ଦଗୁଡିକ ସାହାଯ୍ୟରେ ବାକ୍ୟ ତିଆରି କର । ଏହି କାର୍ଯ୍ୟପତ୍ରିକା

ପିଲାମାନଙ୍କୁ ବାକ୍ୟ ଗଠନ ବା ତିଆରି କରିବାରେ ସାହାଯ୍ୟ କରେ । ଅନ୍ୟ କାର୍ଯ୍ୟପତ୍ରିକାର ଶବ୍ଦଗୁଡିକୁ ବାକ୍ୟରେ ପ୍ରୟୋଗ କରିବାକୁ ପଡ଼ିବ । ଯେତେବେଳେ ପିଲାମାନେ ଲେଖି ସାରିବେ, ଶିକ୍ଷକ ସେହି ବାକ୍ୟଗୁଡ଼ିକୁ ସଂଶୋଧନ କରିବେ ଏବଂ ଠିକ୍ କରି ଲେଖିବାପାଇଁ ପ୍ରେରଣା ଦେବେ ।

ଅଭ୍ୟାସର ନାମ - ଗୋଟିଏ ଲେଖାଏଁ ବାକ୍ୟ କହି କାହାଣୀ ତିଆରି କରିବା । (ମିଳିତ ଗଳ୍ପ କଥନ)
ଉଦ୍ଦେଶ୍ୟ - କଳ୍ପନାଶକ୍ତିର ବିକାଶ
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - ଆବଶ୍ୟକତା ନାହିଁ ।

କାର୍ଯ୍ୟଶୈଳୀ :

ଏହି ଅଭ୍ୟାସରେ ପିଲାମାନେ ଓ ଶିକ୍ଷକ ମିଳିମିଶି କାହାଣୀ ତିଆରି କରିବେ । ଏହି କାହାଣୀ ସମସ୍ତେ ଗୋଟିଏ ଲେଖାଏଁ ବାକ୍ୟ କହି ତିଆରି କରିବେ । ଯେପରି କୁହାଯାଇପାରେ, ଗୋଟିଏ ଜଙ୍ଗଲ ଥିଲା । ଶିକ୍ଷକ କହି ସାରିବା ପରେ ଅନ୍ୟ ଜଣେ ପିଲା କହିଲା ସେଠାରେ ଏକ ସିଂହ ରହୁଥିଲା । ଅନ୍ୟ ଜଣେ ପିଲା କହିଲା - ସେ ଶିକାର କରିବାକୁ ବାହାରିଲା । ଏହିପରି ଭାବରେ ପ୍ରତ୍ୟେକ ପିଲା ଓ ଶିକ୍ଷକ ମିଶି କାହାଣୀ ତିଆରି କରିବେ ।

ଶିକ୍ଷକ ଏହି ବିଷୟରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ଯେ କାହାଣୀ ଠିକ୍ ହେବା ଦରକାର । କୌଣସି ପିଲା କାହାଣୀ ସହିତ ମିଶିବା ଭଳି ବାକ୍ୟ କହି ନ ପାରିଲା ତେବେ ଶିକ୍ଷକ ସେହି ପିଲାକୁ ବାକ୍ୟ କହିବାକୁ ଉତ୍ସାହିତ କରିବେ । ଏହିପରି ତିଆରି ହୋଇଥିବା କାହାଣୀକୁ ଶିକ୍ଷକ ବୋର୍ଡ଼ରେ ଲେଖିପାରନ୍ତି ଅଥବା ଚାର୍ଟରେ ଲେଖି ଶ୍ରେଣୀ କକ୍ଷରେ ଟାଙ୍ଗି ପାରନ୍ତି ।

ଦିବସ-୮

ଅଭ୍ୟାସର ନାମ - ୪-୫ ଧାଡ଼ିର କାହାଣୀ / ପାଠ ପଢ଼ିବା ଓ ଲେଖିବାର ଅଭ୍ୟାସ
ଉଦ୍ଦେଶ୍ୟ - ଛୋଟ କାହାଣୀକୁ ପଢ଼ି ବୁଝିବା ତଥା ଦୁଇ-ତିନିଟି ବାକ୍ୟରେ ଲେଖିପାରିବା
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ଅଭ୍ୟାସପାଇଁ ପାଠ/କାହାଣୀ ବହି, କାର୍ଯ୍ୟପୁସ୍ତିକା

କାର୍ଯ୍ୟଶୈଳୀ :

- ଏହାର ଉଦ୍ଦେଶ୍ୟ ହେଉଛି ପିଲାମାନେ ସରଳ ବାକ୍ୟକୁ ପଢ଼ିପାରିବେ । ଏବେ ଶିକ୍ଷକ ପିଲାମାନଙ୍କୁ ୪-୫ ଧାଡ଼ିର ଛୋଟ କାହାଣୀ ବା ଛୋଟ ଅନୁଚ୍ଛେଦ ପାଠ୍ୟପୁସ୍ତକରୁ ବାଛି - ପଢ଼ିବାକୁ ଦେବେ । ଏହି ପ୍ରକାରର କାହାଣୀ/ପାଠର ଉଦାହରଣ କାର୍ଯ୍ୟ ପତ୍ରିକା "ପଢ଼" ରେ କରାଯାଇପାରେ । ଶିକ୍ଷକ ପିଲାମାନଙ୍କୁ ଏହିପରି ଅନୁଚ୍ଛେଦ ପଢ଼ିବାକୁ ଦେବେ । ଏଥିପାଇଁ ପାଠାଗାରରୁ ଛୋଟ କାହାଣୀ ପୁସ୍ତକମାନ ବଛା ଯାଇପାରେ । ଏହା ବ୍ୟତୀତ ୨ୟ-୩ୟ ଶ୍ରେଣୀର ପିଲାଙ୍କ ବହିରୁ ଛୋଟ ସରଳ ଅନୁଚ୍ଛେଦ ବାଛି ପିଲାମାନଙ୍କୁ ପଢ଼ିବା ପାଇଁ କୁହାଯାଇପାରେ। ଏହି କଥାକୁ ଧ୍ୟାନ ଦେବାକୁ ହେବ ଯେ ପିଲାମାନେ ଯେତିକି ପଢ଼ିବାକୁ ଚାହୁଁଛନ୍ତି ସେତିକି ଅଭ୍ୟାସ କରିବା ଆବଶ୍ୟକ ।
  ପିଲାମାନଙ୍କ ଦ୍ୱାରା ପଢ଼ା ଯାଇଥିବା ବିଷୟକୁ କିଛି ଆଲୋଚନା କରିବା ଦରକାର, ଯାହାକି ସେମାନେ ତାହା ବୁଝିପାରୁଛନ୍ତି କି ନାହିଁ ଜଣା ପଡିବ ।

କାର୍ଯ୍ୟପତ୍ରିକା 'ପଢ଼' ଉପରେ କାମ କରିବାକୁ ପିଲାମାନଙ୍କୁ କହିବା ଉଚିତ୍ । ଏହାଦ୍ୱାରା ପିଲାମାନଙ୍କୁ ଦିଆଯାଇଥିବା କାହାଣୀ/ପାଠକୁ ପଢ଼ନ୍ତୁ ତଥା ସାମୂହିକ ଭାବରେ ମୌଖିକ ଆଲୋଚନା କରନ୍ତୁ । ଜଣେ ଆଉ ଜଣକୁ ପ୍ରଶ୍ନ ପଚାରନ୍ତୁ । ସେହି କାହାଣୀ/ପାଠ କୁ ନିଜ ଭାଷାରେ ଶୁଣାନ୍ତୁ । ଶିକ୍ଷକ ଆବଶ୍ୟକତାନୁସାରେ ପିଲାମାନଙ୍କୁ ସହାୟତା କରନ୍ତୁ ।

ଅଭ୍ୟାସର ନାମ - ଉତ୍ତର ପାଇଁ ମୌଖିକ ଭାବରେ ପ୍ରଶ୍ନ ତିଆରି କରିବା ।
ଉଦ୍ଦେଶ୍ୟ - ଚିନ୍ତା ଶକ୍ତିର ବିକାଶ କରିବା ।
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - କିଛି ନାହିଁ ।

କାର୍ଯ୍ୟଶୈଳୀ :

ଏହି କାର୍ଯ୍ୟଶୈଳୀ ପାଇଁ ଶିକ୍ଷକ ଉତ୍ତର କହିବେ ଆଉ ପିଲାମାନେ ଏହାର ପ୍ରଶ୍ନ ତିଆରି କରିବେ । ଯେପରିକି ଶିକ୍ଷକ କହୁଛନ୍ତି କି "ମୁଁ ଘରକୁ ଆସିଲି'' । ଏହି ଉତ୍ତର ପାଇଁ ପିଲାମାନେ ପ୍ରଶ୍ନ ତିଆରି କରିବେ । ପିଲାମାନେ ଏ ପ୍ରକାରର ପ୍ରଶ୍ନ ତିଆରି କରିପାରିବେ - ମୁଁ କୁଆଡ଼େ ଗଲି ? ବିଦ୍ୟାଳୟ ସମୟ ପରେ ମୁଁ କୁଆଡ଼େ ଗଲି ? ଇତ୍ୟାଦି । ଏଭଳି ଭାବରେ ଶିକ୍ଷକ ଉତ୍ତର କହିବେ ଆଉ ପିଲାମାନେ ଏଥିପାଇଁ ପ୍ରଶ୍ନ ତିଆରି କରିବେ । ଏଭଳି ଭାବରେ ପିଲାମାନେ ଓ ଶିକ୍ଷକ ଏହି କାର୍ଯ୍ୟଶୈଳୀ କରିପାରିବେ ।

ଦିବସ-୯

ଅଭ୍ୟାସର ନାମ - ୪-୫ ଧାଡ଼ିର କାହାଣୀ/ପାଠ ପଢ଼ିବା ଓ ଲେଖିବାର ଅଭ୍ୟାସ ।
ଉଦ୍ଦେଶ୍ୟ - ଛୋଟ କାହାଣୀକୁ ପଢ଼ି ବୁଝିବା କଥା ୨-୩ ବାକ୍ୟ ଲେଖିବା
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ପାଇଁ ଅଭ୍ୟାସ ପାଠ/କାହାଣୀ ବହି, ଅଭ୍ୟାସପୁସ୍ତିକା

- ଶିକ୍ଷକ ପିଲାମାନଙ୍କୁ ୪-୫ ଧାଡ଼ିର ଛୋଟ କାହାଣୀ କିମ୍ବା ଛୋଟ ଅନୁଚ୍ଛେଦ ପଢ଼ିବାକୁ ଦିଅନ୍ତୁ । ଏଥିପାଇଁ ଛୋଟ କାହାଣୀ ପାଠାଗାରରୁ ବାଛି ପାରନ୍ତି । ଏହାଛଡ଼ା ୨ୟ/୩ୟ ଶ୍ରେଣୀର ପାଠ୍ୟପୁସ୍ତକ କାହାଣୀକୁ ସରଳ ଓ ଛୋଟ କରି ପିଲାଙ୍କୁ ପଢ଼ିବାକୁ ଦିଆଯାଇପାରେ । ଏହି ସମୟରେ ଧ୍ୟାନ ଦେବା ଦରକାର ପିଲାମାନେ ଯେତେ କାହାଣୀ ପଢ଼ିବାକୁ ଚାହୁଁଛନ୍ତି ସେମାନଙ୍କୁ ସେତେ କାହାଣୀ ଦେବା ଦରକାର । ଶିକ୍ଷକ ସେମାନଙ୍କଦ୍ୱାରା ପଢ଼ାଯାଇଥିବା ସାମଗ୍ରୀ ଉପରେ ଆଲୋଚନା କରିବା ଦରକାର ଯାହାଦ୍ୱାରା ଜଣା ପଡିବ ପିଲାମାନେ ପଢ଼ି ବୁଝି ପାରୁଛନ୍ତି କି ନାହିଁ ।
- କାର୍ଯ୍ୟପତ୍ରିକା "କାହାଣୀ ପଢ଼ି ପ୍ରଶ୍ନର ଉତ୍ତର ଦିଅ'' ଉପରେ କାର୍ଯ୍ୟ କରିବା ପାଇଁ ପିଲାଙ୍କୁ କୁହନ୍ତୁ । ଏଥିରେ ପିଲାମାନେ କାହାଣୀ ପଢ଼ି କାହାଣୀ ଉପରେ ଆଧାରିତ ପ୍ରଶ୍ନର ଉତ୍ତର ଦେବାର ଅଛି ।

ଅଭ୍ୟାସର ନାମ - ପିଲାମାନଙ୍କ ଘର/ପରିବାର ବିଷୟରେ ସାଧାରଣ ଆଲୋଚନା
ଉଦ୍ଦେଶ୍ୟ - ନିଜର ଭାବନାକୁ ବ୍ୟବସ୍ଥିତ ଭାବରେ ଅଭିବ୍ୟକ୍ତ କରିବା ।
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - ଆବଶ୍ୟକ ନାହିଁ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କ ସହିତ ସେମାନଙ୍କ ଘର, ପରିବାର ବିଷୟରେ କଥୋପକଥନ କରନ୍ତୁ । ସର୍ବ ପ୍ରଥମେ ଶିକ୍ଷକ ନିଜ ପରିବାର ବିଷୟରେ କହିବେ ଯଥା ତାଙ୍କ ପରିବାରରେ କିଏକିଏ ଅଛନ୍ତି ? ସେ କ'ଣ କାମ କରନ୍ତି ? କେଉଁଠି ରୁହନ୍ତି ? ତାଙ୍କୁ କ'ଣ ସବୁ ପସନ୍ଦ ? କ'ଣ ନାପସନ୍ଦ ? ଇତ୍ୟାଦି । ଏହାପରେ ପ୍ରତ୍ୟେକ ପିଲାକୁ ତାଙ୍କ ପରିବାର ବିଷୟରେ କହିବାକୁ କହିବେ । ଶିକ୍ଷକ ସୁନିଶ୍ଚିତ ହେବା ଦରକାର ଯେ ସମସ୍ତ ପିଲା ସକ୍ରିୟ ଭାବରେ ଏହି ଅଭ୍ୟାସରେ ଭାଗ ନେଉଛନ୍ତି ।
- ଏହାପରେ ଅନ୍ୟ ପରିବେଶ ବିଷୟ ଆଲୋଚନା କରାଯିବ, ଯଥା :- ଗାଁ, ବିଦ୍ୟାଳୟ, ବନ୍ଧୁ, ଛୁଟି ସମୟରେ କରାଯାଇଥିବା କାର୍ଯ୍ୟ, ଯାତ୍ରା/ମେଳା, ଇତ୍ୟାଦି ବିଷୟରେ ଶିକ୍ଷକ ବିଶଦ ଭାବରେ ଆଲୋଚନା କରିପାରନ୍ତି ।

ଦିବସ-୧୦

ଅଭ୍ୟାସର ନାମ - ୪-୫ ଧାଡ଼ିର କାହାଣୀ / ପାଠ ପଢ଼ିବା ଓ ଲେଖିବାର ଅଭ୍ୟାସ
ଉଦ୍ଦେଶ୍ୟ - ଛୋଟ କାହାଣୀକୁ ପଢ଼ି ବୁଝିବା ତଥା ୨-୩ ଟି ବାକ୍ୟରେ ଲେଖିବା
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବାର ଅଭ୍ୟାସ ପାଇଁ ପାଠ / କାହାଣୀର ବହି, କାର୍ଯ୍ୟପୁସ୍ତିକା

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ୪-୫ ଧାଡ଼ିର ଛୋଟ କାହାଣୀ ପାଠ ବହିରୁ ଦିଅନ୍ତୁ । ଏହାପାଇଁ ପାଠାଗାରରୁ ଛୋଟଛୋଟ କାହାଣୀ ବହି ବାଛି ଆଣିବା ଦରକାର । ଏହାଛଡ଼ା ୨ୟ-୩ୟ ଶ୍ରେଣୀ ପାଠ୍ୟପୁସ୍ତକରୁ ସରଳ ପାଠକୁ ଛୋଟ କରି ପିଲାମାନଙ୍କୁ ପଢ଼ିବା ପାଇଁ କୁହାଯାଇପାରେ ।

- କାର୍ଯ୍ୟପତ୍ରିକା "ଶ୍ରୁତଲିଖନ'' ରେ କାର୍ଯ୍ୟ କରିବା ପାଇଁ ପିଲାମାନଙ୍କୁ ଶିକ୍ଷକ ଅଜଣା ଅନୁଚ୍ଛେଦଟିଏ ଡାକି ଲେଖିବାକୁ କହିବେ ।

ଅଭ୍ୟାସର ନାମ - ଚିତ୍ର ଉପରେ ଆଲୋଚନା
ଉଦ୍ଦେଶ୍ୟ - ନିଜର ଭାବନାକୁ ବ୍ୟବସ୍ଥିତ ଭାବରେ ପ୍ରକାଶ କରିବା
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - ଆଲୋଚନା ନିମିତ୍ତ ଏକ ଚିତ୍ର

କାର୍ଯ୍ୟଶୈଳୀ :

ଶିକ୍ଷକ ପିଲାମାନଙ୍କ ସହିତ ଆଲୋଚନା କରିବା ନିମିତ୍ତ କୌଣସି ଚିତ୍ର ବାଛନ୍ତୁ । ଏହି ଚିତ୍ର ପାଠ୍ୟ ପୁସ୍ତକ, ଖବର କାଗଜ କିମ୍ବା ଅନ୍ୟ କୌଣସି ବହିରୁ ନିଆଯାଇପାରେ । ଚିତ୍ର ବଡ଼ ହୋଇଥିଲେ ଭଲ କାରଣ ସମସ୍ତ ପିଲା ଏହାକୁ ଠିକ୍ ଭାବରେ ଦେଖିପାରିବେ । ଶିକ୍ଷକ ପିଲାମାନଙ୍କୁ ଚିତ୍ର ଦେଖାନ୍ତୁ ଏବଂ ସେ ଚିତ୍ରରେ କ'ଣ ହୋଇଛି ସେ ବିଷୟରେ ଆଲୋଚନା କରନ୍ତୁ । ସେମାନେ ସେଥିରୁ କୌଣସି ଏକ କାହାଣୀ ପ୍ରସ୍ତୁତି ମଧ୍ୟ କରିପାରନ୍ତି ।

ଦିବସ-୧୧

ଅଭ୍ୟାସର ନାମ - ୪-୫ ଧାଡ଼ିର କାହାଣୀ / ପାଠ ପଢ଼ିବା ଓ ଲେଖିବାର ଅଭ୍ୟାସ
ଉଦ୍ଦେଶ୍ୟ - ଛୋଟ କାହାଣୀକୁ ପଢ଼ି ବୁଝିବା ଓ ୨-୩ ଟି ବାକ୍ୟରେ ଲେଖିବା
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ପାଇଁ ଅଭ୍ୟାସ ପାଠ / କାହାଣୀ ବହି, କାର୍ଯ୍ୟ ପୁସ୍ତିକା

- ଶିକ୍ଷକ ପିଲାମାନଙ୍କୁ ୪-୫ ଧାଡ଼ିର ଛୋଟ କାହାଣୀ ପଢ଼ିବା ପାଇଁ ଦେବେ । ଏଥିପାଇଁ ପାଠାଗାରରୁ ଛୋଟ କାହାଣୀର ବହି ବଛା ଯାଇପାରେ । ଏହାଛଡା ୨ୟ-୩ୟ ଶ୍ରେଣୀର ପାଠ୍ୟ ପୁସ୍ତକରୁ ପାଠକୁ ଛୋଟ କରି ପିଲାଙ୍କୁ ପଢ଼ିବା ପାଇଁ କୁହାଯାଇପାରେ ।
- କାର୍ଯ୍ୟ ପତ୍ରିକା "କାହାଣୀ ପଢ଼ ଓ ପ୍ରଶ୍ନର ଉତ୍ତର ଦିଅ'' ରେ କାର୍ଯ୍ୟ କରିବା ପାଇଁ ପିଲାମାନଙ୍କୁ କହନ୍ତୁ । ଏଥିରୁ ପିଲାମାନେ କାହାଣୀ ପଢ଼ି କାହାଣୀରୁ ସେହି ଆଧାରିତ ପ୍ରଶ୍ନର ଉତ୍ତର ଦେବେ ।

ଅଭ୍ୟାସର ନାମ - ପିଲାମାନଙ୍କୁ ନିଜର ଚତୁଃପାର୍ଶ୍ୱରେ ଦେଖୁଥିବା ବସ୍ତୁ ବିଷୟରେ କହିବା ପାଇଁ କହିବେ ।
ଉଦ୍ଦେଶ୍ୟ - ନିଜର ଭାବନା/ବିଚାରକୁ ବ୍ୟବସ୍ଥିତ ଶୈଳୀରେ ପ୍ରକାଶ କରିବା ।
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - ଆବଶ୍ୟକ ନାହିଁ ।

କାର୍ଯ୍ୟଶୈଳୀ :

ଶିକ୍ଷକ ପିଲାମାନଙ୍କୁ ନିଜର ଚତୁଃପାର୍ଶ୍ୱରେ ଦେଖୁଥିବା ବସ୍ତୁ ବିଷୟରେ କହିବାକୁ କହିବେ । ଯେପରି ନିଜର ଶ୍ରେଣୀ ବିଷୟରେ, ନିଜର ବନ୍ଧୁ ବିଷୟରେ, ନିଜ ସ୍କୁଲ ବିଷୟରେ ଇତ୍ୟାଦି । ପ୍ରତ୍ୟେକ ପିଲାଙ୍କୁ ୨-୩ ମିନିଟ୍ ପର୍ଯ୍ୟନ୍ତ କହିବାକୁ ଦିଆଯାଇପାରେ । ଶିକ୍ଷକ ସୁଯୋଗ ସୃଷ୍ଟି କରିବେ, ସେହି ପିଲାମାନଙ୍କୁ ଅଧିକ ସୁଯୋଗ ଦେବେ, ଯେଉଁ ପିଲାମାନେ ଶ୍ରେଣୀ ପଢ଼ା ବା ଆଲୋଚନାରେ କମ୍ ଭାଗ ନିଅନ୍ତି ।

ଦିବସ-୧୨

ଅଭ୍ୟାସର ନାମ - ୪-୫ ଧାଡ଼ିର କାହାଣୀ / ପାଠ ପଢ଼ିବା ଓ ଲେଖିବାର ଅଭ୍ୟାସ
ଉଦ୍ଦେଶ୍ୟ - ଛୋଟ କାହାଣୀକୁ ପଢ଼ି ବୁଝିବା ତଥା ୨-୩ ଟି ବାକ୍ୟ ଲେଖିପାରିବା ।
ସମୟ ଅବଧି - ୪୫ ମିନିଟ୍
ସାମଗ୍ରୀ - ପଢ଼ିବା ଅଭ୍ୟାସ ପାଇଁ ପାଠ / କାହାଣୀର ବହି, କାର୍ଯ୍ୟପୁସ୍ତିକା

- ଶିକ୍ଷକ ପିଲାମାନଙ୍କୁ ୪-୫ ଧାଡ଼ିର ଛୋଟ କାହାଣୀ କିମ୍ବା ଛୋଟ ପାଠ ପଢ଼ିବା ପାଇଁ ଦିଅନ୍ତୁ । ଏଥିପାଇଁ ପାଠାଗାରରୁ ଛୋଟ କାହାଣୀ ଥିବା ବହିଗୁଡ଼ିକୁ ବଛା ଯାଇପାରେ । ଏହାଛଡ଼ା ୨ୟ-୩ୟ ଶ୍ରେଣୀର ପାଠ୍ୟ ପୁସ୍ତକରୁ ସରଳ ପାଠରୁ ଛୋଟ ଅଂଶ କରି ପିଲାମାନଙ୍କୁ ପଢ଼ିବା ପାଇଁ କୁହାଯାଇପାରେ ।
- କାର୍ଯ୍ୟପତ୍ର "ଚିତ୍ର ଦେଖି ବାକ୍ୟ ଲେଖ" ଉପରେ କାମ କରିବା ପାଇଁ ପିଲାମାନଙ୍କୁ କହନ୍ତୁ । ଏଥିପାଇଁ ପିଲାମାନଙ୍କୁ ଚିତ୍ରକୁ ଦେଖି ୨ଟି ବାକ୍ୟ ଲେଖିବାକୁ ହେବ । ଯେତେବେଳେ ପିଲାମାନେ ବାକ୍ୟ ଲେଖି ସାରିବେ ଶିକ୍ଷକ ସେହି ବାକ୍ୟକୁ ସଂଶୋଧନ କରିବେ ।

ଅଭ୍ୟାସର ନାମ - କାହାଣୀ ଶୁଣାଇ ତାହା ଉପରେ ବିଭିନ୍ନ ଅଭ୍ୟାସ କରିବେ
ଉଦ୍ଦେଶ୍ୟ - କଳ୍ପନାଶୀଳ ମନୋଭାବର ବିକାଶ
ସମୟ ଅବଧି - ୧୫ ମିନିଟ୍
ସାମଗ୍ରୀ - ଆବଶ୍ୟକ ନାହିଁ ।

କାର୍ଯ୍ୟଶୈଳୀ :

ଶିକ୍ଷକ ପିଲାମାନଙ୍କୁ କୌଣସି କାହାଣୀ କହିବେ । ଏହାପରେ କାହାଣୀର ଆଧାରିତ ବିଭିନ୍ନ ଗତିବିଧି - ପିଲାମାନଙ୍କ ସହିତ ଆଲୋଚନା କରିପାରନ୍ତି । କାହାଣୀକୁ ନିଜ ଭାଷାରେ ଶୁଣାଅ, କାହାଣୀର ପାତ୍ରଗୁଡ଼ିକୁ ବଦଳାଇ କାହାଣୀ ପୁଣିଥରେ ଶୁଣାଇ ପାରନ୍ତି । କାହାଣୀର ଶେଷଭାଗ ବଦଳାଇ କାହାଣୀକୁ ପୁନଃ ଶୁଣାଇ ଦିଆଯାଇପାରେ । କାହାଣୀରେ ଘଟିଥିବା ଘଟଣାଗୁଡ଼ିକୁ କ୍ରମ ଅନୁଯାୟୀ କହିବା ପାଇଁ କୁହାଯାଇପାରେ ।

ଦିବସ-୧୩ ରୁ ୧୪

ଅଭ୍ୟାସର ନାମ - ୭-୮ ଧାଡ଼ିର ଅଥବା ଗୋଟିଏ ପୃଷ୍ଠାର କାହାଣୀ/ପାଠ/କବିତା ପଢ଼ିବା
ଉଦ୍ଦେଶ୍ୟ - ଗୋଟିଏ ପୃଷ୍ଠାର ସରଳ କାହାଣୀକୁ ପଢ଼ିବା ଓ ବୁଝିବା ଏବଂ ପଢ଼ିବାର ଅଭ୍ୟାସ କରିବା
ସମୟ ଅବଧି - ୩୦ ମିନିଟ୍ ପ୍ରତିଦିନ
ସାମଗ୍ରୀ - ପଢ଼ିବା ଅଭ୍ୟାସ ନିମିତ୍ତ ପାଠ / କାହାଣୀର ବହି, ଶ୍ରେଣୀ ୧ମ ଓ ୩ୟର ପାଠ୍ୟପୁସ୍ତକ

କାର୍ଯ୍ୟଶୈଳୀ :

- ଏ ପର୍ଯ୍ୟନ୍ତ ପିଲାମାନେ ୪-୫ ଧାଡ଼ିର ଛୋଟ କାହାଣୀ / ଛୋଟ ପାଠ ପଢ଼ିଛନ୍ତି । ଦିବସ ୧୩ରୁ ୧୮ ପର୍ଯ୍ୟନ୍ତ (ଛଅଦିନ) ପିଲାମାନେ ଏକ ଫର୍ଦ୍ଦ ବା ୭-୮ ଧାଡ଼ିର କାହାଣୀ ପଢ଼ିବାର ପ୍ରୟାସ କରିବେ । ଏହାର ଉଦ୍ଦେଶ୍ୟ ହେଉଛି ଯେ ପିଲାମାନଙ୍କୁ ଅଧିକରୁ ଅଧିକ ପଢ଼ିବା ପାଇଁ ଅଭ୍ୟାସ କାର୍ଯ୍ୟ ଦିଆଯିବା । ଏଥିପାଇଁ ଶିକ୍ଷକ ୨ୟ-୩ୟ ଶ୍ରେଣୀର ପାଠ୍ୟ ପୁସ୍ତକରୁ ସରଳ କାହାଣୀ ପଢ଼ିବା ପାଇଁ ଦେଇପାରନ୍ତି । ଯଦି ସ୍କୁଲର ପାଠାଗାରରେ ସରଳ କାହାଣୀ ଥିବା ବହି ଅଛି ତାହା ହେଲେ ପିଲାମାନଙ୍କୁ ସେହି ବହି ପଢ଼ିବାକୁ ଦିଆଯାଇପାରେ । ପିଲାମାନଙ୍କୁ ପତ୍ରିକାରେ ବାହାରୁଥିବା ସରଳ କାହାଣୀକୁ ପଢ଼ିବା ପାଇଁ କୁହାଯାଇପାରେ ।
- ପଢ଼ିବା ସମୟରେ ଶିକ୍ଷକ ନିମ୍ନଲିଖିତ କୌଶଳକୁ ପ୍ରୟୋଗ କରିପାରନ୍ତି ।
  - ୪-୫ ଜଣ ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ତିଆରି କରାଯାଇପାରେ ଓ ସେମାନେ ପରସ୍ପର ମଧ୍ୟରେ ସହାୟତା କରି ପଢ଼ିବା ପାଇଁ କୁହାଯାଇପାରେ । ଶିକ୍ଷକ ଧ୍ୟାନ ଦେବ ଯେ ପିଲାମାନେ ପଢ଼ିବାର ଅଭ୍ୟାସ ଠିକ୍ ଭାବରେ କରୁଛନ୍ତି କି ନାହିଁ ।
  - ଯେଉଁ ପିଲାମାନଙ୍କୁ ପଢ଼ିବାରେ ଅସୁବିଧା ହେଉଛି ସେମାନଙ୍କୁ ଶିକ୍ଷକ ନିଜ ପାଖକୁ ଡାକି ପଢ଼ାଇବାର ଅଭ୍ୟାସ କରିପାରନ୍ତି ।
  - ପିଲାମାନଙ୍କୁ ସ୍ୱତନ୍ତ୍ର ଭାବରେ ପଢ଼ିବା ପାଇଁ କାହାଣୀ / ପାଠ ଦିଆଯାଇପାରେ ଯାହାକୁ ପିଲାମାନେ ସ୍ୱୟଂ ପଢ଼ିବେ । କୌଣସି ଅସୁବିଧା ହେଲେ ସେ ଅନ୍ୟ ସାଥୀ ଅଥବା ଶିକ୍ଷକଙ୍କର ସାହାଯ୍ୟ ନେଇପାରନ୍ତି । ଏହା ପରାମର୍ଶ ଦିଆଯାଇପାରେ ଯେ ସ୍ୱତନ୍ତ୍ର ଭାବରେ ପଢ଼ିବା ପାଇଁ ପ୍ରତ୍ୟେକ ପିଲାଙ୍କୁ ସୁଯୋଗ ପ୍ରତିଦିନ ଦିଆଯିବ । ଏହା ପିଲାମାନଙ୍କ ପଢ଼ିବା ଅଭ୍ୟାସଜନିତ ଆତ୍ମବିଶ୍ୱାସ ବୃଦ୍ଧି ଘଟାଇଥାଏ ।
  - ପିଲାମାନେ ବୁଝି ପାରୁଛନ୍ତି କି ନାହିଁ ଏହା ଦେଖିବା ବହୁତ ଜରୁରୀ ଅଟେ । ଏଥିପାଇଁ ଶିକ୍ଷକ ପଢ଼ା ମଧ୍ୟରେ ମୌଖିକ ପ୍ରଶ୍ନ ପଚାରିବେ, ଅଥବା ପଢ଼ା ଯାଇଥିବା ସାମଗ୍ରୀ ଉପରେ ଆଲୋଚନା କରିବେ । ଯାହାଦ୍ୱାରା ଜଣାପଡ଼ିବ ପିଲାମାନେ ବୁଝିକରି କାହାଣୀ ପଢୁଛନ୍ତି କି ନାହିଁ ।

ଅଭ୍ୟାସର ନାମ - ସରଳବାକ୍ୟ ଲେଖିବାର ଅଭ୍ୟାସ
ଉଦ୍ଦେଶ୍ୟ - ୫ ରୁ ୭ଟି ସରଳବାକ୍ୟ ଲେଖି ଶିଖିବା
ସମୟ ଅବଧି - ୧୫ ମିନିଟ୍ ପ୍ରତିଦିନ
ସାମଗ୍ରୀ - କାର୍ଯ୍ୟପୁସ୍ତିକା

କାର୍ଯ୍ୟ ଶୈଳୀ :

- ପିଲାମାନଙ୍କୁ ପଢ଼ିବା ସହିତ ଲେଖିବାର ଅଭ୍ୟାସ କରାଇବା ଜରୁରୀ ଅଟେ । ଏଥିପାଇଁ କାର୍ଯ୍ୟପୁସ୍ତିକାରେ ଲେଖିବା ନିମିତ୍ତ ଅଲଗା-ଅଲଗା ପ୍ରକାରର ଅଭ୍ୟାସ ଦିଆଯାଇଛି । ଯଦି ସମୟ ମିଳେ ତେବେ ଶିକ୍ଷକ ଏହି ପ୍ରକାରର କୌଣସି ଅଭ୍ୟାସ ପିଲାମାନଙ୍କ ମଧ୍ୟରେ କରି ପାରନ୍ତି ।

- **ଦିବସ-୧୨ :** କାର୍ଯ୍ୟପତ୍ରିକା "ଗପଟିକୁ ପଢ଼" ରେ ପିଲାମାନେ କାହାଣୀ ପଢ଼ି ଏହାର ନାମକରଣ କରିବେ । ପିଲାମାନେ ଅଲଗା ଅଲଗା ନାମକରଣ କରିପାରନ୍ତି । ଶିକ୍ଷକ ସେହି ନାମଗୁଡିକ ଉପରେ ଆଲୋଚନା କରିପାରନ୍ତି ଯେ ସେମାନେ ଏହି ନାମକରଣ କାହିଁକି କଲେ । ସେମାନଙ୍କୁ ଏହି ନାମକରଣ କାହିଁକି ଭଲ ଲାଗିଲା ? ପିଲାମାନେ ନିଜଦ୍ୱାରା ଦିଆଯାଇଥିବା ନାମକରଣ ଶ୍ରେଣୀରେ ପଢ଼ି ଶୁଣାଇ ପାରନ୍ତି । ଏହି ବିଷୟ ମଧ୍ୟ କହିପାରନ୍ତି ସେ କାହିଁକି ଏହାର ନାମକରଣ ଏପରି କଲେ ।

ଦିବସ-୧୫ ରୁ ୧୮

ଅଭ୍ୟାସର ନାମ - ଦୁଇ ବା ତିନି ପୃଷ୍ଠାର କାହାଣୀ/ପାଠ/କବିତା ପଢ଼ିବା
ଉଦ୍ଦେଶ୍ୟ - ଦୁଇ ବା ତିନି ପୃଷ୍ଠାର ସରଳ କାହାଣୀ ଏବଂ ପାଠ୍ୟ ପୁସ୍ତକ ପଢ଼ିବା ଓ ବୁଝିବା ।
ସମୟ ଅବଧି - ୩୦ ମିନିଟ୍ ପ୍ରତିଦିନ
ସାମଗ୍ରୀ - ପଢ଼ିବା ଅଭ୍ୟାସ ନିମିତ୍ତ ପାଠ / କାହାଣୀର ବହି, ଶ୍ରେଣୀ ୨ୟ ଓ ୫ମର ପାଠ୍ୟ ପୁସ୍ତକ

କାର୍ଯ୍ୟଶୈଳୀ :

- ଏ ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ପୃଷ୍ଠାର ପାଠ ପଢ଼ି ବୁଝି ପାରିଛନ୍ତି । ଏବେ ଦୁଇ ବା ତିନି ପୃଷ୍ଠାର ଟିକେ କଠିନ ପାଠ ବା କାହାଣୀ ପଢ଼ିବା ଆବଶ୍ୟକ ଅଟେ । ଦିବସ ୧୫ରୁ ୧୮ ପର୍ଯ୍ୟନ୍ତ (ସାତଦିନ) ଏହି ପ୍ରକାର ପଢ଼ିବା ଓ ଅଭ୍ୟାସ ପାଇଁ ଦିଆଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଯେ ପିଲାମାନଙ୍କୁ ଅଧିକରୁ ଅଧିକ ପଢ଼ିବା ପାଇଁ ଅଭ୍ୟାସ କାର୍ଯ୍ୟ ଦିଆଯିବ । ଏଥିପାଇଁ ଶିକ୍ଷକ ୨ୟ-୫ମ ଶ୍ରେଣୀର ପାଠ୍ୟ ପୁସ୍ତକରୁ ସରଳ କାହାଣୀ ବା ପାଠ ପଢ଼ିବା ପାଇଁ ଦେଇପାରନ୍ତି । ଯଦି ସ୍କୁଲର ପାଠାଗାରରେ ସରଳ କାହାଣୀ ଥିବା ବହି ଅଛି ତାହା ହେଲେ ପିଲାମାନଙ୍କୁ ସେହି ବହି ପଢ଼ିବାକୁ ଦିଆଯାଇପାରେ । ପିଲାମାନଙ୍କୁ ଶିଶୁପତ୍ରିକାରେ ବାହାରୁଥିବା ସରଳ କାହାଣୀକୁ ପଢ଼ିବା ପାଇଁ କୁହାଯାଇପାରେ ।

- ପଢ଼ିବାର ଅଭ୍ୟାସ ପାଇଁ ନିଆଯାଉଥିବା ପ୍ରଣାଳୀ ବିଷୟରେ ଆଗରୁ ଅବଗତ କରାଯାଇଛି । ଶିକ୍ଷକ ପଢ଼ିବାର ଅଭ୍ୟାସ ପାଇଁ କରୁଥିବା କାମ ସମୟରେ ସେହି ପ୍ରଣାଳୀକୁ ପ୍ରୟୋଗ କରିପାରନ୍ତି ।

ଅଭ୍ୟାସର ନାମ - ଆଠ ବା ଦଶଟି ବାକ୍ୟ ଲେଖିବାର ଅଭ୍ୟାସ
ଉଦ୍ଦେଶ୍ୟ - ଚିତ୍ର ଦେଖିକରି ଆଠରୁ ଦଶଟି ବାକ୍ୟ ଲେଖି ଶିଖିବେ । କାହାଣୀ ପଢ଼ିକରି ପ୍ରଶ୍ନର ଉତ୍ତର ଦେଇପାରିବେ ।
ସମୟ ଅବଧି - ୧୫ ମିନିଟ୍ ପ୍ରତିଦିନ
ସାମଗ୍ରୀ - କାର୍ଯ୍ୟପୁସ୍ତିକା

କାର୍ଯ୍ୟଶୈଳୀ :

- ପଢ଼ିବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଲେଖିବାର ଅଭ୍ୟାସ କରାଇବା ଜରୁରୀ ଅଟେ । ଏଥିପାଇଁ କାର୍ଯ୍ୟ ପୁସ୍ତିକାରେ ଲେଖିବା ପାଇଁ ଅଲଗା ଅଲଗା ପ୍ରକାରର ଅଭ୍ୟାସ କାର୍ଯ୍ୟ ଦିଆଯାଇଅଛି । ଯଦି ସମୟ ଉପଲବ୍ଧ ଅଟେ, ତେବେ ଶିକ୍ଷକ ଏହି ପ୍ରକାରର ଅଭ୍ୟାସ ବିଦ୍ୟାର୍ଥୀମାନଙ୍କଦ୍ୱାରା କରାଇପାରିବେ ।

- **ଦିବସ ୧୫-** କାର୍ଯ୍ୟପତ୍ରିକା 'ଭାବିକରି ଲେଖ'ରେ ଦୁଇଟି ପିଲାଙ୍କ ମଧ୍ୟରେ କଥୋପକଥନକୁ ଭାବିକରି ଲେଖିବାକୁ ପଡ଼ିବ । ଏଠି ଶିକ୍ଷକ ବିଦ୍ୟାର୍ଥୀମାନଙ୍କର ପୂର୍ବରୁ ମୌଖିକ କଥାବାର୍ତ୍ତା କରିପାରିବେ ।

- **ଦିବସ ୧୬-** କାର୍ଯ୍ୟପତ୍ରିକା 'ଚିତ୍ର ଦେଖି କାହାଣୀ ଲେଖ'ରେ ଏକ ଚିତ୍ର ଦିଆଯାଇଅଛି । ଯାହାକୁ ଦେଖିକି ବିଦ୍ୟାର୍ଥୀଙ୍କୁ କାହାଣୀ ଲେଖିବାକୁ ପଡ଼ିବ । ପିଲାମାନେ ଯେଉଁ କାହାଣୀ ଲେଖିବେ ତାକୁ ପୂରା ଶ୍ରେଣୀ ମଧ୍ୟରେ ପଢ଼ି ଶୁଣାଇ ପାରନ୍ତି ।

- **ଦିବସ ୧୬-** କାର୍ଯ୍ୟପତ୍ରିକା 'ପଢ଼ ଓ ପ୍ରଶ୍ନର ଉତ୍ତର ଦିଅ'ରେ ଏକ ମେଳାର ବର୍ଣ୍ଣନା କରାଯାଇଛି । ଯାହା ଉପରେ ଆଧାରିତ ପ୍ରଶ୍ନର ଉତ୍ତର ପିଲାମାନଙ୍କୁ ଦେବାକୁ ପଡ଼ିବ ।

- **ଦିବସ ୧୬**- କାର୍ଯ୍ୟପତ୍ରିକା 'ଭାବିକରି ଲେଖ'ରେ ଏକ ଦୋକାନୀ ଓ ଗ୍ରାହକ ମଧ୍ୟରେ କଥୋପକଥନ ପିଲାମାନଙ୍କୁ ଲେଖିବାକୁ ପଡ଼ିବ । ଶିକ୍ଷକମାନେ ଚେଷ୍ଟା କରିବେ କି ପିଲାମାନେ ଅଧିକରୁ ଅଧିକ ବାକ୍ୟ ତା' ଉପରେ ଲେଖିବା ଦରକାର ।
- **ଦିବସ ୧୭**- କାର୍ଯ୍ୟପତ୍ରିକା 'ଗପଟିକୁ ପଢ଼ ଓ ପ୍ରଶ୍ନର ଉତ୍ତର ଦିଅ'ରେ କାହାଣୀ ପଢ଼ିକରି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ । ଏଠି ଟିକେ ବଡ଼ କାହାଣୀ ଦିଆଯାଇଛି ଆଉ ପ୍ରଶ୍ନ ମଧ୍ୟ ଟିକେ କଠିନ ଦିଆଯାଇଛି, ଯାହାକି ପିଲାମାନେ ଭାବିକରି ଉତ୍ତର ଲେଖିପାରିବେ ।
- **ଦିବସ ୧୮**- କାର୍ଯ୍ୟପତ୍ରିକା 'ଦିଆଯାଇଥିବା ଶବ୍ଦକୁ ନେଇ କାହାଣୀ ଲେଖ'ରେ କିଛି ଶବ୍ଦ ଦିଆଯାଇଛି । ପିଲାମାନଙ୍କୁ ସେଇ ଶବ୍ଦକୁ ନେଇ କାହାଣୀ ତିଆରି କରିବାକୁ ପଡ଼ିବ । ଏହି କାମ ପିଲାମାନଙ୍କ ପାଇଁ ଟିକେ କଠିନ ହୋଇପାରେ, ସେଥିପାଇଁ ଶିକ୍ଷକ ପ୍ରଥମେ ମୌଖିକ ଭାବରେ ସେହି କାହାଣୀ ତିଆରି କରିବା କାମରେ ସାହାଯ୍ୟ କରିପାରନ୍ତି । ତା'ପରେ କାହାଣୀକୁ ପିଲାମାନେ ଲେଖିପାରିବେ ।
- **ଦିବସ ୧୮**- କାର୍ଯ୍ୟପତ୍ରିକା 'ଚିତ୍ର ଦେଖିକରି କାହାଣୀ ଲେଖ'ରେ ତିନୋଟି ଚିତ୍ର ଦିଆଯାଇଅଛି । ଯିଏ ଏକ କାହାଣୀର କ୍ରମରେ ଅଛି, ପିଲାମାନଙ୍କୁ ସେଇ ଚିତ୍ର ଦେଖିକରି କାହାଣୀ ତିଆରି କରିବାର ଅଛି ।

ଅଭ୍ୟାସର ନାମ - ମୌଖିକ ଭାଷାର ବିକାଶ (କହିବା-ଶୁଣିବା)
ଉଦ୍ଦେଶ୍ୟ - ଶୁଣିକରି ବୁଝିବା ଏବଂ ନିଜ ବିଚାର ଅନୁସାରେ ପ୍ରକାଶ କରିପାରିବା
ସମୟ ଅବଧି - ୧୫ ମିନିଟ୍ ପ୍ରତିଦିନ
ସାମଗ୍ରୀ - କିଛି ନାହିଁ

କାର୍ଯ୍ୟ ଶୈଳୀ :


- ମୌଖିକ ଭାଷାର ବିକାଶ (କହିବା-ଶୁଣିବା) ପାଇଁ ଦିବସ-୧ରୁ ୧୨ ପର୍ଯ୍ୟନ୍ତ ଅଭ୍ୟାସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଛି । ଶିକ୍ଷକ ସେହି ଅଭ୍ୟାସକୁ ପିଲାମାନଙ୍କ ସାଙ୍ଗରେ ପୁଣି ଥରେ କରିପାରନ୍ତି । ସେଥି ମଧ୍ୟରୁ ଅଧିକାଂଶ ଅଭ୍ୟାସ ଚର୍ଚ୍ଚା ସମ୍ବନ୍ଧିତ ଅଟେ । ଅଲଗାଅଲଗା ବିଷୟକୁ ନେଇ ଶିକ୍ଷକ ପିଲାମାନଙ୍କ ସହିତ ଚର୍ଚ୍ଚା କରିପାରନ୍ତି ଏବଂ ନିଜର ବିଚାରକୁ ବ୍ୟବସ୍ଥିତ ପ୍ରକାରେ ରଖିବା ପାଇଁ ସୁଯୋଗ ଦେଇପାରନ୍ତି ।

ଆକଳନ :

ଫାଉଣ୍ଡେସନ କ୍ୟାମ୍ପର ସମାପ୍ତି ପରେ ଶିକ୍ଷକ ଆକଳନ ପ୍ରଶ୍ନ ଆଧାରରେ ଶିକ୍ଷାର୍ଥୀମାନେ ହାସଲ କରିଥିବା ଦକ୍ଷତାକୁ ଆକଳନ କରିବେ । ଆକଳନ ଲବ୍ଧ ଫଳାଫଳ ଆଧାରରେ ଶିକ୍ଷକ ପରବର୍ତ୍ତୀ ପର୍ଯ୍ୟାୟ ସହାୟକ ଶିକ୍ଷଣ ସ୍ତରରେ (Supporting Learning Phase) ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ । କେଉଁ କେଉଁ ସମସ୍ୟା ଯୋଗୁ ପିଲାମାନେ ଉପଯୁକ୍ତ ସ୍ତରରେ ଦକ୍ଷତା ହାସଲ କରିବାରେ ପ୍ରତିବନ୍ଧକମାନ ରହୁଛି ତାହା ବିଚାରକୁ ନେଇ ଆବଶ୍ୟକୀୟ ପରିବର୍ତ୍ତନ କରିବେ । ସହାୟକ ଶିକ୍ଷଣ ସୋପାନପାଇଁ ଉପଯୁକ୍ତ ଯୋଜନା, ଶିକ୍ଷଣ କାର୍ଯ୍ୟ, ପରିଚାଳନା କୌଶଳ ଆଦିକୁ ନିର୍ଦ୍ଧାରଣ କରିବେ ।

ସହଯୋଗାତ୍ମକ ଶିକ୍ଷଣ ସୋପାନ





*ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଦକ୍ଷତା ଗୁଡ଼ିକ NCERT ସ୍ଥିରୀକୃତ ଶିକ୍ଷଣ ଫଳାଫଳ ଆଧାରରୁ ଅଣାଯାଇ ୨୦୧୭-୨୦୧୮ ରେ ବିଦ୍ୟାର୍ଥୀମାନଙ୍କର ଆକଳନ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଷୟ ବିଶାରଦ ମାନଙ୍କର ମତାମତ ଅନୁସାରେ ଏହାର ପ୍ରାଥମିକତା ନିର୍ଦ୍ଧାରଣ କରାଯାଇଅଛି । ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପାଖରୁ ଏହା ଆଶା କରାଯାଏ ଯେ ସେମାନେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ / ଅଧିକ ବିଷୟ / ଦକ୍ଷତା ପ୍ରସ୍ତୁତ କରିପାରିବେ ଯାହା ବିଦ୍ୟାର୍ଥୀ ଅଭ୍ୟାସ ପୁସ୍ତିକା କିମ୍ବା ଶିକ୍ଷକ ମାର୍ଗଦର୍ଶିକାରେ ନାହିଁ।

ସହଯୋଗାତ୍ମକ ଶିକ୍ଷଣସୋପାନ

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
୧ମ	ପଢ଼ିବା ଲେଖିବା	• ଶବ୍ଦ ଗଠନ କରିବା • ଅକ୍ଷର କ୍ରମ ବଢ଼ାଇ ଶବ୍ଦ ଲେଖିବା • ପ୍ରଥମ ଅକ୍ଷର ସମାନ ଥାଇ ଶବ୍ଦ ଲେଖିବା • ପ୍ରଥମ ଆଉ ଶେଷ ଅକ୍ଷରକୁ ନେଇ ଶବ୍ଦ ଲେଖିବା • ଗୋଟିଏ ଶବ୍ଦରୁ ଅନେକ ଶବ୍ଦ ଲେଖିବା ଇତ୍ୟାଦି	୧	୪୫ ମିନିଟ୍
	କହିବା ଶୁଣିବା	ଲେଖିଥିବା ଶବ୍ଦକୁ ବ୍ୟବହାର କରି କଥୋପକଥନ କରିବା		୧୫ ମିନିଟ୍
୨ୟ	ପଢ଼ିବା ଲେଖିବା	• କବିତା ପଢ଼ିବେ ଓ ପ୍ରଶ୍ନର ଉତ୍ତର ଦେବେ • କବିତାଟିର ନାମକରଣ କରିବେ • ଏହିପରି ଅଲଗାଅଲଗା ପଠନ ଅଭ୍ୟାସ କରାଯିବ • ପଦ୍ୟ ରୂପରୁ ଗଦ୍ୟ ରୂପକୁ ପରିବର୍ତ୍ତନ କରିବେ	୨	୪୫ ମିନିଟ୍
	କହିବା ଶୁଣିବା	ଏହିପରି କବିତା ଶୁଣାଇ ପିଲାମାନଙ୍କ ସହିତ ଆଲୋଚନା କରାଇବେ ।		୧୫ ମିନିଟ୍
୩ୟ	ପଢ଼ିବା ଲେଖିବା	• ଅନୁଚ୍ଛେଦ ଓ କବିତା ପଢ଼ିବେ ଏବଂ ସେଗୁଡ଼ିକର ପ୍ରଶ୍ନ ଉତ୍ତର ଲେଖିବେ • ଶବ୍ଦଭଣ୍ଡାର ବୃଦ୍ଧି କରାଯିବ	୩ ଓ ୪	୪୫ ମିନିଟ୍
	କହିବା ଶୁଣିବା	ଏହିଭଳି କାହାଣୀ / କବିତା ଶୁଣାଇ ଆଲୋଚନା କରିବେ ଓ ଏଥି ସହିତ ଗଠନ କରାଯାଇଥିବା ଶବ୍ଦର ପ୍ରୟୋଗ କଥୋପକଥନରେ କରିବେ ।		୧୫ ମିନିଟ୍
୪ର୍ଥ	ପଢ଼ିବା ଲେଖିବା, ଧାରଣାର ବୋଧଗମ୍ୟତା	• ଦିଆଯାଇଥିବା କାହାଣୀ ପଢ଼ିବେ, ପ୍ରଶ୍ନର ଉତ୍ତର କରିବେ । • ବ୍ୟାବହାରିକ ବ୍ୟାକରଣ ଯଥା- କ୍ରିୟା, ବିଭକ୍ତି, ତତ୍‌ସମ, ତଦ୍‌ଭବ ଦେଶଜ, ବୈଦେଶିକ ଶବ୍ଦ ଆଦିର ପ୍ରୟୋଗ ଶିକ୍ଷାଲାଭ କରିବେ । • କିଏ, କ'ଣ, କେଉଁଠି ଇତ୍ୟାଦି ଆଧାରରେ ପ୍ରଶ୍ନ ପ୍ରସ୍ତୁତି ଶିଖିବେ ।	୫	୪୫ ମିନିଟ୍
	କହିବା ଶୁଣିବା	ଏହିପରି କାହାଣୀ ବିଷୟରେ ଦଳରେ ଆଲୋଚନା କରାଇବେ ଓ କିଏ କ'ଣ, କେଉଁଠି ଲଗାଇ ପରସ୍ପର ମଧ୍ୟରେ ପ୍ରଶ୍ନ ପଚରାପଚରି ହେବେ ।		୧୫ ମିନିଟ୍
୫ମ	ପଢ଼ିବା ଲେଖିବା, ଧାରଣାର ବୋଧଗମ୍ୟତା	• ଅନୁଚ୍ଛେଦଟି ପଢ଼ିବେ ଓ ଅନୁଚ୍ଛେଦ ଆଧାରରେ ପ୍ରଶ୍ନ ପ୍ରସ୍ତୁତ କରିବେ । • ନୂଆନୂଆ ଶବ୍ଦ ଗଠନ କରିବେ । • ନୂତନ ଶବ୍ଦକୁ ନେଇ ବାକ୍ୟ ଗଠନ କରିବେ	୬	୪୫ ମିନିଟ୍
	ଓ ବ୍ୟାବହାରିକ ବ୍ୟାକରଣ	• ଶିକ୍ଷକ ଏହି ଆଧାରରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରଶ୍ନ ପଚାରି କଥୋପକଥନ କରାଇବେ ।		୧୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
୬ଷ୍ଠ	ପଢ଼ିବା, ଲେଖିବା, ଧାରଣାର ବୋଧଗମ୍ୟତା, ଅଭିଧାନର ବ୍ୟବହାର ଓ ବ୍ୟାବହାରିକ ବ୍ୟାକରଣ	• କାହାଣୀ ପଢ଼ିବେ ଓ ତା'ର ନାମକରଣ କରିବେ। • କାହାଣୀ ଆଧାରିତ ପ୍ରଶ୍ନର ଉତ୍ତର ଦେବେ। • ପିଲାମାନେ ଅଭିଧାନର ବ୍ୟବହାର କରି ଶବ୍ଦଗୁଡ଼ିକୁ କ୍ରମରେ ସଜାଡ଼ିବେ। • ବିଶେଷ୍ୟ ଓ ବିଶେଷଣ ପଦ ବିଷୟରେ ଜାଣିବେ ଓ ବ୍ୟବହାର କରିବେ। • ଦେଶଜ ଓ ବୈଦେଶିକ ଶବ୍ଦର ବ୍ୟବହାର ଜାଣିବେ ।	୬ ଓ ୮	୪୫ ମିନିଟ୍
	କହିବା ଓ ଶୁଣିବା	• ଗୋଟିଏଗୋଟିଏ ବାକ୍ୟ କହି ପିଲାମାନଙ୍କୁ କାହାଣୀ ତିଆରି କରିବା ପାଇଁ ଉତ୍ସାହିତ କରିବେ।		୧୫ ମିନିଟ୍
୭ମ	ପଢ଼ିବା, ଲେଖିବା, ବ୍ୟାବହାରିକ ବ୍ୟାକରଣ, ଧାରଣାର ବୋଧଗମ୍ୟତା	• ପ୍ରଶ୍ନ ଉତ୍ତର ମାଧ୍ୟମରେ ଅନୁଚ୍ଛେଦ ଲେଖିବା ଓ ତା'ର ନାମକରଣ କରିବା। • ବ୍ୟାବହାରିକ ବ୍ୟାକରଣ ଯଥା- କ୍ରିୟା, ସର୍ବନାମ, ବିଶେଷ୍ୟର ପ୍ରୟୋଗ କରିବା ଶିକ୍ଷାଲାଭ କରିବେ।	୯, ୧୦ ଓ ୧୧	୪୫ ମିନିଟ୍
	କହିବା ଓ ଶୁଣିବା	• ପ୍ରଶ୍ନ ଉତ୍ତର ମାଧ୍ୟମରେ ପିଲାମାନଙ୍କୁ କଥୋପକଥନ କରିବା ପାଇଁ ଉତ୍ସାହିତ କରିବା ଓ କ୍ରିୟା, ସର୍ବନାମ ଆଦି ଶବ୍ଦକୁ କଥୋପକଥନରେ ବ୍ୟବହାର କରିବା		୧୫ ମିନିଟ୍
୮ମ	ପଢ଼ିବା, ଲେଖିବା, ଧାରଣାର ବୋଧଗମ୍ୟତା, ବ୍ୟବହାରିକ ବ୍ୟାକରଣ	• ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଅନୁଚ୍ଛେଦ ଲେଖିବେ ଓ ନାମକରଣ କରିବେ। • ବ୍ୟାବହାରିକ ବ୍ୟାକରଣରେ ପ୍ରତ୍ୟୟ ଓ ଶୁଦ୍ଧଲିଖନ ସଂପର୍କରେ ଜାଣିବେ ଓ ତାର ପ୍ରୟୋଗ କରିବେ।	୧୨, ୧୩ ଓ ୧୪	୪୫ ମିନିଟ୍
	କହିବା ଶୁଣିବା	• ପିଲାମାନଙ୍କ ପସନ୍ଦ ଓ ନାପସନ୍ଦ ଉପରେ ଆଲୋଚନା କରାଯିବା । ପ୍ରତ୍ୟୟ ସଂପର୍କରେ କଥୋପକଥନ କରିବେ।		୧୫ ମିନିଟ୍
୯ମ	ପଢ଼ିବା, ଲେଖିବା, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ, ଶବ୍ଦ ଭଣ୍ଡାର ବୃଦ୍ଧି	• ଅନୁଚ୍ଛେଦ ପଠନ ଓ ଅନୁଚ୍ଛେଦ ଆଧାରରେ ପ୍ରଶ୍ନ ପ୍ରସ୍ତୁତ କରିବେ। • ବ୍ୟାବହାରିକ ବ୍ୟାକରଣ ଯଥା- ବୀପରୀତାର୍ଥବୋଧକ ଶବ୍ଦ, ଅବ୍ୟୟ ଓ ଏକ ପଦରେ ପ୍ରକାଶ ବିଷୟରେ ଜାଣିବେ। • ଶବ୍ଦଭଣ୍ଡାର ବୃଦ୍ଧି ନିମନ୍ତେ ନୂତନ ଶବ୍ଦ ଲେଖିବେ।	୧୫, ୧୬ ଓ ୧୭	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଓ ଶୁଣିବା	• ପିଲାମାନେ ଆଲୋଚନା କରିଥିବା ଶବ୍ଦକୁ ନେଇ କଥୋପକଥନରେ ପ୍ରୟୋଗ କରିବେ।		୧୫ ମିନିଟ୍
୧୦ମ	ପଢ଼ିବା, ଲେଖିବା, ଧାରଣାର ବୋଧଗମ୍ୟତା	• କବିତା ପଠନ, ପ୍ରଶ୍ନ ଉତ୍ତର ଲିଖନ ଓ କବିତାର ନାମକରଣ କରିବେ। • ଶବ୍ଦ ଭଣ୍ଡାର ବୃଦ୍ଧି ଓ ଧାରଣାର ବୋଧଗମ୍ୟତା ପାଇଁ ନୂତନ ଶବ୍ଦ ଗଠନ କୌଶଳ ଆହରଣ କରିବେ।	୧୮ ଓ ୧୯	୪୫ ମିନିଟ୍
	କହିବା ଓ ଶୁଣିବା	• ଅବଗତ ହୋଇଥିବା ଶବ୍ଦଗୁଡ଼ିକୁ ନେଇ ବାକ୍ୟରେ ପ୍ରୟୋଗ କରିବେ ଓ ଆଲୋଚନା କରିବେ।		୧୫ ମିନିଟ୍
୧୧ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦ ଭଣ୍ଡାର ବୃଦ୍ଧି ଓ ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ପ୍ରଶ୍ନୋତ୍ତର ଲିଖନ ଓ ନାମକରଣ। • ବ୍ୟାବହାରିକ ବ୍ୟାକରଣ ଯଥା- ବିରାମ ଚିହ୍ନର ବ୍ୟବହାର ଓ ସର୍ବନାମର ବ୍ୟବହାର ଶିକ୍ଷାଲାଭ କରିବେ ଓ ପ୍ରୟୋଗ କରିବେ।	୨୦, ୨୧ ଓ ୨୨	୪୫ ମିନିଟ୍
	କହିବା ଓ ଶୁଣିବା	• ଅନୁଚ୍ଛେଦ ଆଧାରିତ ଶବ୍ଦଗୁଡ଼ିକୁ ନେଇ ନିଜନିଜ ମଧ୍ୟରେ ଆଲୋଚନା କରିବେ।		୧୫ ମିନିଟ୍
୧୨ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦ ଭଣ୍ଡାର ବୃଦ୍ଧି ଓ ବ୍ୟାବହାରିକ ବ୍ୟାକରଣ	• କବିତା ପଠନ ଓ ସେଇ ଆଧାରରେ ପ୍ରଶ୍ନର ଉତ୍ତର, କବିତାର ନାମକରଣ କରିବେ। • ବ୍ୟାବହାରିକ ବ୍ୟାକରଣରେ ନୂତନ ଶବ୍ଦର ବ୍ୟବହାର, ବଚନ ଶୁଦ୍ଧି, ବଚନ ଆଦିର ବ୍ୟବହାର ଶିଖିବେ ଓ ତାକୁ ପ୍ରୟୋଗ କରିବେ।	୨୩, ୨୪ ଓ ୨୫	୪୫ ମିନିଟ୍
	କହିବା ଶୁଣିବା	• ନୂତନ ଶବ୍ଦଗୁଡ଼ିକୁ ପରସ୍ପର ମଧ୍ୟରେ କଥୋପକଥନରେ ପ୍ରୟୋଗ କରିବେ ଓ ଆଲୋଚନା କରିବେ।		୧୫ ମିନିଟ୍
୧୩ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦ ଭଣ୍ଡାର ବୃଦ୍ଧି ଓ ବ୍ୟାବହାରିକ ବ୍ୟାକରଣ	• କବିତା ପଢ଼ିବେ ଓ କବିତା ଆଧାରିତ ପ୍ରଶ୍ନ ଉତ୍ତର ଲିଖନ। • ଶବ୍ଦଭଣ୍ଡାର ବୃଦ୍ଧି ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ କରିବା। • ବ୍ୟାବହାରିକ ବ୍ୟାକରଣ ଯଥା- ରଢ଼ିପ୍ରୟୋଗର କୌଶଳ ଶିକ୍ଷାଲାଭ କରିବେ ଓ ପ୍ରୟୋଗ କରିବେ।	୨୬ ଓ ୨୭	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଶୁଣିବା	• ରଢ଼ି ପ୍ରୟୋଗରେ ଅନ୍ୟାନ୍ୟ ଅନେକ ରଢ଼ି ଶବ୍ଦ ଶିକ୍ଷାଲାଭ କରିବେ ଓ ପ୍ରୟୋଗ କରିବେ।		୧୫ ମିନିଟ୍
୧୪ଶ	ପଠନ ଲିଖନ ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ପ୍ରଶ୍ନୋତ୍ତର ଲିଖନ, ଶବ୍ଦଗଠନ, ବ୍ୟାବହାରିକ ବ୍ୟାକରଣ (କ୍ରିୟା ଆଦି) ର ପ୍ରୟୋଗ	୨୮, ୨୯ ଓ ୩୦	୪୫ ମିନିଟ୍
	କହିବା ଶୁଣିବା	ମୌଖିକ ଉତ୍ତର ପାଇଁ ପ୍ରଶ୍ନ ତିଆରି କରିବେ		୧୫ ମିନିଟ୍
୧୫ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ପ୍ରଶ୍ନୋତ୍ତର ଲିଖନ ସହିତ ବ୍ୟାବହାରିକ ବ୍ୟାକରଣ ଓ ଶବ୍ଦ ଭଣ୍ଡାର ବୃଦ୍ଧି ପାଇ ଶିକ୍ଷଣ କାର୍ଯ୍ୟମାନ କରିବେ।	୩୧, ୩୨ ଓ ୩୩	୪୫ ମିନିଟ୍
	କହିବା ଶୁଣିବା	• ଶିକ୍ଷକ ନୂତନ ଶବ୍ଦଗୁଡ଼ିକ କଥୋପକଥନରେ ପ୍ରୟୋଗ କରି ଆଲୋଚନା କରିବେ।		୧୫ ମିନିଟ୍
୧୬ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ପ୍ରଶ୍ନୋତ୍ତର ଲିଖନ, ଶବ୍ଦ ଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ ନିମିତ୍ତ ଶିକ୍ଷଣ କାର୍ଯ୍ୟ ପରିଚାଳନା କରିବେ	୩୪ ଓ ୩୫	୪୫ ମିନିଟ୍
	କହିବା ଶୁଣିବା	• ଉପଲବ୍ଧ ଶବ୍ଦଗୁଡ଼ିକ କଥୋପକଥନରେ ପ୍ରୟୋଗ ଓ ତା'ର ଆଲୋଚନା କରିବେ		୧୫ ମିନିଟ୍
୧୭ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଶବ୍ଦ ଭଣ୍ଡାର ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ ଓ ଅନୁଚ୍ଛେଦ ଆଧାରିତ ପ୍ରଶ୍ନୋତ୍ତର ଲିଖନ, ଶବ୍ଦ ଭଣ୍ଡାର ବୃଦ୍ଧି, ସଂଳାପ ଲିଖନ, ଶବ୍ଦର ଗଦ୍ୟରୂପ ପରିବର୍ତ୍ତନ ଆଦି ବିଷୟରେ ଶିଖିବେ ଓ କାର୍ଯ୍ୟରେ ପ୍ରୟୋଗ କରିବେ।	୩୬ ଓ ୩୭	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଶୁଣିବା	• ପିଲାମାନଙ୍କୁ ନିଜ ଚତୁଃପାର୍ଶ୍ୱର ବସ୍ତୁ ବିଷୟରେ କହିବା ପାଇଁ ଉତ୍ସାହିତ କରିବେ । ସଂଳାପ ଲିଖନ ଉପରେ ପୂର୍ଣ୍ଣଧାରଣା ପ୍ରଦାନ କରିବେ ।		୧୫ ମିନିଟ୍
୧୮ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ବ୍ୟାବହାରିକ ବ୍ୟାକରଣ	• କାହାଣୀ ପଠନ, କାହାଣୀ ଆଧାରିତ ପ୍ରଶ୍ନୋତ୍ତର ଲିଖନ, ନୂତନ ଶବ୍ଦର ପ୍ରୟୋଗ, ସମୋଚ୍ଚାରିତ ଶବ୍ଦର ପ୍ରୟୋଗ ବିଷୟରେ ଜାଣିବା ଓ କାର୍ଯ୍ୟରେ ବ୍ୟବହାର କରିବା ।	୩୮ ଓ ୩୯	୪୫ ମିନିଟ୍
	କହିବା ଓ ଶୁଣିବା	• ଆଲୋଚ୍ୟ ଶବ୍ଦଗୁଡ଼ିକୁ ନେଇ କଥୋପକଥନ କରାଇବେ ।		୧୫ ମିନିଟ୍
୧୯ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ଧାରଣାର ବୋଧଗମ୍ୟତା, ଅନୁଚ୍ଛେଦ ଆଧାରିତ ପ୍ରଶ୍ନର ଉତ୍ତର ଲିଖନ, ବାକ୍ୟ ଗଠନ, ବ୍ୟାବହାରିକ ବ୍ୟାକରଣ ଆଦିର ପ୍ରୟୋଗ ଶିଖିବେ ଓ କାର୍ଯ୍ୟରେ ବ୍ୟବହାର କରିବେ ।	୪୦, ୪୧	୪୫ ମିନିଟ୍
	କହିବା ଓ ଶୁଣିବା	• ଦୈନିକ ଅନୁଭୂତି ଉପରେ କଥୋପକଥନ କରାଇବେ ।		୧୫ ମିନିଟ୍
୨୦ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ପ୍ରଶ୍ନୋତ୍ତର ଲିଖନ, ବ୍ୟାବହାରିକ ବ୍ୟାକରଣ (କ୍ରିୟାପଦ ଚିହ୍ନଟ, ବିରାମ ଚିହ୍ନ), ଧାରଣାର ବୋଧଗମ୍ୟତା ଆଧାରିତ କାର୍ଯ୍ୟ କରିବା ।	୪୨, ୪୩	୪୫ ମିନିଟ୍
	କହିବା ଓ ଶୁଣିବା	• କଥୋପକଥନ ଓ ଲିଖନରେ ବିରାମ ଚିହ୍ନ ଓ କ୍ରିୟାପଦର ପ୍ରୟୋଗ		୧୫ ମିନିଟ୍
୨୧ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ବ୍ୟାବହାରିକ ବ୍ୟାକରଣ	• କବିତା ପଠନ ଓ ଅନୁଚ୍ଛେଦ ପଠନ । ପ୍ରଶ୍ନୋତ୍ତର ଲିଖନ / ବ୍ୟାବହାରିକ ବ୍ୟାକରଣ ଆଧାରିତ କାର୍ଯ୍ୟ କରିବା ।	୪୪ ଓ ୪୫	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଓ ଶୁଣିବା	• ବିରାମ ଚିହ୍ନ ଆଧାରରେ କଥୋପକଥନ କାର୍ଯ୍ୟ କରାଇବେ।		୧୫ ମିନିଟ୍
୨୨ଶ	ପଠନ, ଲିଖନ ଧାରଣାର ବୋଧଗମ୍ୟତା	• ସମୟ ସାରଣୀ ପଢ଼ିବେ ଓ ତତ୍ ଆଧାରିତ ପ୍ରଶ୍ନର ଉତ୍ତର କରିବେ ଓ ଲେଖିବେ।	୪୬	୪୫ ମିନିଟ୍
	କହିବା ଓ ଶୁଣିବା	• ନିଜ ଶ୍ରେଣୀର ସମୟ ସାରଣୀ (TimeTable) ଉପରେ କଥୋପକଥନ କରିବା		୧୫ ମିନିଟ୍
୨୩ଶ	ପଠନ, ଲିଖନ ଓ ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ ଓ ସେଇ ଆଧାରିତ ପ୍ରଶ୍ନ ପ୍ରସ୍ତୁତି, ବ୍ୟାବହାରିକ ବ୍ୟାକରଣ (ସର୍ବନାମ, ଉପସର୍ଗ ପ୍ରୟୋଗ ଜାଣିବେ।)	୪୭	୪୫ ମିନିଟ୍
	କହିବା ଓ ଶୁଣିବା	• ଉପସର୍ଗ ଓ ସର୍ବନାମ ଆଧାରିତ କଥୋପକଥନ କରାଇବେ		୧୫ ମିନିଟ୍
୨୪ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଚିତ୍ର ପଠନ, ସଜ୍ଜୀକରଣ, ଚିତ୍ର ଆଧାରିତ ସୃଜନଶୀଳ ଲିଖନ, ବ୍ୟାବହାରିକ ବ୍ୟାକରଣ (କ୍ରିୟା) ର ପ୍ରୟୋଗ ଆଦି ଲେଖିବେ ଓ କାର୍ଯ୍ୟରେ ପ୍ରୟୋଗ କରିବେ।	୪୮	୪୫ ମିନିଟ୍
	କହିବା ଓ ଶୁଣିବା	• ନିଜ ଘରେ ଓ ବିଦ୍ୟାଳୟରେ ହେଉଥିବା କାର୍ଯ୍ୟଗୁଡ଼ିକର କ୍ରମ ବିଷୟରେ କଥୋପକଥନ କରିବେ।		୧୫ ମିନିଟ୍
୨୫ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ପ୍ରଶ୍ନୋତ୍ତର ଲିଖନ, ବ୍ୟାବହାରିକ ବ୍ୟାକରଣ (ସମୋଚାରିତ ଶବ୍ଦ, ସନ୍ଧି) ପ୍ରୟୋଗ କରିବେ ଓ ଦୈନନ୍ଦିନ କାର୍ଯ୍ୟରେ ପ୍ରୟୋଗ କରିବେ।	୪୯ ଓ ୫୦	୪୫ ମିନିଟ୍
	କହିବା ଓ ଶୁଣିବା	• ସମୋଚାରିତ ଶବ୍ଦଗୁଡ଼ିକ ସଂଗ୍ରହ କରି କାର୍ଯ୍ୟରେ ପ୍ରୟୋଗ କରିବେ। • କଥୋପକଥନ ବେଳେ ଏହା ଉପରେ ଗୁରୁତ୍ୱ ଦେବେ।		୧୫ ମିନିଟ୍
୨୬ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା ଶବ୍ଦକୁ ନେଇ ଅନୁଚ୍ଛେଦ ଲିଖନ, ଶିରୋନାମା ପ୍ରଦାନ, ବ୍ୟାବହାରିକ ବ୍ୟାକରଣର ପ୍ରତିଶବ୍ଦ ଚିହ୍ନଟ ଓ ପ୍ରୟୋଗ ଶିଖିବେ।	୫୧ ଓ ୫୨	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଓ ଶୁଣିବା	• ପ୍ରତିଶବ୍ଦଗୁଡ଼ିକର ପ୍ରୟୋଗ କଥୋପକଥନରେ କରାଇବେ ।		୧୫ ମିନିଟ୍
୨୭ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ପ୍ରଶ୍ନୋତ୍ତର ଲିଖନ, ପ୍ରତ୍ୟୟ (ବ୍ୟାବହାରିକ ବ୍ୟାକରଣ) ଜାଣିବା ଓ ପ୍ରୟୋଗ କରିବା ।	୫୩ ଓ ୫୪	୪୫ ମିନିଟ୍
	କହିବା ଓ ଶୁଣିବା	• ପ୍ରତ୍ୟୟ ଆଧାରିତ ଶବ୍ଦ ଓ ବାକ୍ୟଗୁଡ଼ିକ ଆଲୋଚନାରେ ପ୍ରୟୋଗ କରିବା ।		୧୫ ମିନିଟ୍
୨୮ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, କବିତାପଠନ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ ଓ (ବିଶେଷ୍ୟ, ବିଶେଷଣ, ଲିଙ୍ଗ ପରିବର୍ତ୍ତନ) ଧାଡ଼ି ନୂତନ ଶବ୍ଦ ବିଷୟରେ ଜାଣିବେ ଓ ପ୍ରୟୋଗ କରିବେ ।	୫୫ ଓ ୫୬	୪୫ ମିନିଟ୍
	କହିବା ଓ ଶୁଣିବା	• ଉପର ଆଧାରିତ ନୂତନ ଶବ୍ଦର ପ୍ରୟୋଗ କଥୋପକଥନରେ କରାଇବେ ।		୧୫ ମିନିଟ୍
୨୯ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ତାପମାତ୍ରା ଆଧାରିତ ସାରଣୀଟି ପଢ଼ିବେ ଓ ସାରଣୀ ଆଧାରିତ ତଥ୍ୟଗୁଡ଼ିକ ବୁଝି ପ୍ରଶ୍ନର ଉତ୍ତର ଲେଖିବେ ।	୫୭	୪୫ ମିନିଟ୍
	କହିବା ଓ ଶୁଣିବା	• ଖବରକାଗଜରୁ ତାପମାତ୍ରା ଆଧାରିତ ତଥ୍ୟ ସଂଗ୍ରହ କରି ଆଲୋଚନା କରିବା		୧୫ ମିନିଟ୍
୩୦ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ବାକ୍ୟ ପଠନ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ (ବଚନ) ଓ ଅନ୍ୟାନ୍ୟ ନୂତନ ବାକ୍ୟର ପଠନ ଓ ଲିଖନ ଶିଖିବେ ଓ ପ୍ରୟୋଗ କରିବେ ।	୫୮ ଓ ୫୯	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଓ ଶୁଣିବା	• ବଚନ ଓ ନୂତନ ଶବ୍ଦଗୁଡ଼ିକ ନେଇ କଥୋପକଥନ କରାଇବେ।		୧୫ ମିନିଟ୍
୩୧ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା ଚିତ୍ର ପଢ଼ି, ବୁଝି ତାକୁ ଆଧାର କରି ଅନୁଚ୍ଛେଦ ଲେଖିବେ • ପ୍ରଶ୍ନୋତ୍ତର ଲେଖିବେ	୬୦	୪୫ ମିନିଟ୍
	କହିବା ଓ ଶୁଣିବା	• ଏହିଭଳି ଅନ୍ୟାନ୍ୟ ଋତୁ ଉପରେ ଏପରିକି ବର୍ଷାଋତୁ ଉପରେ ନିଜର ଅଭିଜ୍ଞତାକୁ ନେଇ କଥୋପକଥନ କରାଇବେ।		୧୫ ମିନିଟ୍
୩୨ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ପଠନବୋଧ, ଶବ୍ଦ ଲିଖନ, ବ୍ୟାବହାରିକ ବ୍ୟାକରଣ (ଏକପଦୀ କରଣ, ସମାର୍ଥବୋଧକ ଶବ୍ଦର ବ୍ୟବହାର) ଆଦି ବିଷୟରେ ଶିଖିବେ ଓ କାର୍ଯ୍ୟରେ ପ୍ରୟୋଗ କରିବେ।	୬୧ ଓ ୬୨	୪୫ ମିନିଟ୍
	କହିବା ଓ ଶୁଣିବା	• ଉପର ଲିଖିତ ଶବ୍ଦକୁ ନେଇ ପରସ୍ପର ମଧ୍ୟରେ କଥୋପକଥନ କରାଇବେ		୧୫ ମିନିଟ୍
୩୩ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଅନୁଚ୍ଛେଦ ପଠନ, ଧାରଣାର ବୋଧଗମ୍ୟତା, ଶବ୍ଦ ଲିଖନ, ବ୍ୟାବହାରିକ ବ୍ୟାକରଣ (ବିଭକ୍ତି, ସନ୍ଧି) ଆଦିର ବ୍ୟବହାର ଓ ପ୍ରୟୋଗ କରିବେ।	୬୩ ଓ ୬୪	୪୫ ମିନିଟ୍
	କହିବା ଓ ଶୁଣିବା	• ଉପର ଲିଖିତ ଆଧାରରେ ମୌଖିକ ପ୍ରଶ୍ନ ପ୍ରସ୍ତୁତ କରି କଥୋପକଥନ କରାଇବେ।		୧୫ ମିନିଟ୍
୩୪ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ପଠନ ସହିତ ପଠନବୋଧ, ବ୍ୟାବହାରିକ ବ୍ୟାକରଣ (ଏକପଦୀକରଣ) ସମାସ), ବାକ୍ୟଲିଖନ ଆଦି ଶିଖିବେ ଓ କାର୍ଯ୍ୟର ପ୍ରୟୋଗ କରିବେ।	୬୫, ୬୬	୪୫ ମିନିଟ୍


ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଓ ଶୁଣିବା	• ଏକପଦୀ ଓ ସମାସ ଶବ୍ଦଗୁଡ଼ିକ ବାକ୍ୟରେ ପ୍ରୟୋଗ କରି କଥୋପକଥନ କରାଇବେ।		୧୫ ମିନିଟ୍
୩୫ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦରଖାସ୍ତପଠନ, ଲିଖନ, କବିତା, ପଠନ, ପଠନ-ବୋଧ ଓ କବିତା ଆଧାର ପ୍ରଶ୍ନୋତ୍ତର ଲିଖନ, ବ୍ୟାବହାରିକ ବ୍ୟାକରଣ ଆଦି ଜାଣିବେ ଓ ପ୍ରୟୋଗ କରିବେ।	୬୭ ଓ ୬୮	୪୫ ମିନିଟ୍
	କହିବା ଓ ଶୁଣିବା	• ନିଜର ଅନୁଭୂତି ବର୍ଣ୍ଣନା କରିବେ ଓ ବ୍ୟାକରଣ ପ୍ରତି ଧ୍ୟାନ ଦେବେ।		୧୫ ମିନିଟ୍
୩୬ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ବିଜ୍ଞାପନ ପଠନ, ବୋଧଗମ୍ୟତା ଆହରଣ ଓ ବିଜ୍ଞାପନ ଆଧାରିତ ପ୍ରଶ୍ନ ଉତ୍ତର ଲିଖନ।	୬୯	୪୫ ମିନିଟ୍
	କହିବା ଓ ଶୁଣିବା	• ଏହିଭଳି ବିଭିନ୍ନ ବିଜ୍ଞାପନ ଖବର କାଗଜରୁ ସଂଗ୍ରହ କରି ପଢ଼ିବେ, ବୁଝିବେ, ଆଲୋଚନା କରିବେ ଓ ଲେଖିବେ।		୧୫ ମିନିଟ୍
୩୭ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଶବ୍ଦ ପଠନ, ଲିଖନ, ବ୍ୟାବହାରିକ ବ୍ୟାକରଣ (ଆ. ପ୍ରତ୍ୟୟ ଓ ଏହିଭଳି ଅନ୍ୟାନ୍ୟ, ଏକପଦୀକରଣ, ନୂତନ ଶବ୍ଦ ଗଠନ) ଆଦି ଜାଣିବେ ଓ ବ୍ୟବହାର କରିବେ।	୭୦ ଓ ୭୧	୪୫ ମିନିଟ୍
	କହିବା ଓ ଶୁଣିବା	• ଏହିଭଳି ଶବ୍ଦଗୁଡ଼ିକ ନେଇ କଥୋପକଥନରେ ପ୍ରୟୋଗ କରିବା		୧୫ ମିନିଟ୍
୩୮ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା କ୍ୟାଲେଣ୍ଡର ପଢ଼ିବେ, ବୁଝିବେ ଓ ପ୍ରଶ୍ନର ଉତ୍ତର ଲେଖିବେ ଓ କ୍ୟାଲେଣ୍ଡର ପ୍ରସ୍ତୁତି ଜାଣିବେ।	୭୨	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଓ ଶୁଣିବା	• କ୍ୟାଲେଣ୍ଡର ବିଷୟରେ ଅଧିକ ଧାରଣା ଦେବେ ଓ ପ୍ରସ୍ତୁତ କରାଇବେ ।		୧୫ ମିନିଟ୍
୩୯ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ବିଜ୍ଞାପନ ପଠନ, ବୋଧଗମ୍ୟତା ଓ ବିଜ୍ଞାପନ ଆଧାରିତ ପ୍ରଶ୍ନର ଉତ୍ତର ଲିଖନ ।	୭୩	୪୫ ମିନିଟ୍
	କହିବା ଓ ଶୁଣିବା	• ଖବରକାଗଜରୁ ଓ ଅନ୍ୟାନ୍ୟ ମାଧ୍ୟମରୁ ଏହିଭଳି ବିଜ୍ଞାପନମାନ ସଂଗ୍ରହ କରି ସେ ବିଷୟରେ ଆଲୋଚନା କରିବେ ।		୧୫ ମିନିଟ୍
୪୦ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ସୂଚନା ପଠନ ସହିତ ବୁଝିବା, ଖବରକାଗଜରେ ପ୍ରକାଶ ନିମିତ୍ତ ସମ୍ବାଦ ବିବରଣୀ ପ୍ରସ୍ତୁତ କରିବା ଓ ଲେଖିବା ।	୭୪	୪୫ ମିନିଟ୍
	କହିବା ଓ ଶୁଣିବା	• ଏହିଭଳି ନିଜ ଅଞ୍ଚଳରୁ ବିଭିନ୍ନ ଖବର ସଂଗ୍ରହ କରି ସମ୍ବାଦ-ବିବରଣୀ ପ୍ରସ୍ତୁତ କରିବେ ।		୧୫ ମିନିଟ୍
୪୧ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା ନିମନ୍ତ୍ରଣପତ୍ର ପଠନ, ବୁଝିବା, ପ୍ରଶ୍ନ ଉତ୍ତର ପ୍ରସ୍ତୁତ କରିବା ଓ ସେହିଭଳି ନିମନ୍ତ୍ରଣ ପତ୍ର ଲେଖିବା ।	୭୫	୪୫ ମିନିଟ୍
	କହିବା ଓ ଶୁଣିବା	• ସେହିଭଳି ଅନ୍ୟାନ୍ୟ ନିମନ୍ତ୍ରଣପତ୍ର ସଂଗ୍ରହ କରି, ନିଜନିଜ ମଧ୍ୟରେ ଆଲୋଚନା କରିବେ ।		୧୫ ମିନିଟ୍
୪୨ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା ବିଜ୍ଞାପନ ପତ୍ର, ବୁଝି, ପ୍ରଶ୍ନର ଉତ୍ତର ଦେବେ ଓ ସେହିଭଳି ବିଜ୍ଞାପନ ସଂଗ୍ରହ କରି ଲେଖିବେ ।	୭୬	୪୫ ମିନିଟ୍

ଦିବସ	ଦକ୍ଷତା	ଅଭ୍ୟାସର ବିବରଣୀ	କାର୍ଯ୍ୟ ପତ୍ରିକାର କ୍ରମାଙ୍କ	ସମୟ
	କହିବା ଓ ଶୁଣିବା	• ଏହିଭଳି ବିଜ୍ଞାପନ ସଂଗ୍ରହ କରିବେ, ନିଜନିଜ ମଧ୍ୟରେ ଆଲୋଚନା କରିବେ।		୧୫ ମିନିଟ୍
୪୩ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା ପତ୍ରକୁ ପଢ଼ିବେ, ବୁଝିବେ ଓ ଏହିପରି ଲେଖିବେ।	୭୭ ଓ ୭୮	୪୫ ମିନିଟ୍
	କହିବା ଓ ଶୁଣିବା	• ଏହିଭଳି ପତ୍ର ସଂଗ୍ରହ କରିବେ ଓ ନିଜନିଜ ମଧ୍ୟରେ ଆଲୋଚନା କରିବେ।		୧୫ ମିନିଟ୍
୪୪ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା ବିଜ୍ଞାପନ ପଢ଼ିବେ, ବୁଝିବେ, ପ୍ରଶ୍ନର ଉତ୍ତର ଦେବେ ଓ ଏହିପରି କରାଇବାକୁ ଅଭ୍ୟାସ କରିବେ।	୭୯	୪୫ ମିନିଟ୍
	କହିବା ଓ ଶୁଣିବା	• ଏହିଭଳି ବିଜ୍ଞାପନମାନ ଖବରକାଗଜରୁ ସଂଗ୍ରହ କରି ପଢ଼ିବେ ଓ ଆଲୋଚନା କରିବେ।		୧୫ ମିନିଟ୍
୪୫ଶ	ପଠନ, ଲିଖନ, ଧାରଣାର ବୋଧଗମ୍ୟତା ଓ ବ୍ୟାବହାରିକ ବ୍ୟାକରଣ	• ଦିଆଯାଇଥିବା ରେଳଗାଡ଼ି ଚଳାଚଳ ସମୟ ସାରଣୀ ପଢ଼ିବେ, ବୁଝିବେ ଓ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବେ।	୮୦	୪୫ ମିନିଟ୍
	କହିବା ଓ ଶୁଣିବା	• ଏହିଭଳି ସମୟ ସାରଣୀକୁ ସଂଗ୍ରହ କରିବେ ଓ ନିଜନିଜ ଭିତରେ ଆଲୋଚନା କରିବେ।		୧୫ ମିନିଟ୍

ସହଯୋଗାତ୍ମକ ଶିକ୍ଷଣ ସୋପାନ
(Supported Learning Phase)





*ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଦକ୍ଷତାଗୁଡ଼ିକ NCERT ସ୍ଥିରୀକୃତ ଶିକ୍ଷଣ ଫଳାଫଳ ଆଧାରରୁ ଅଣାଯାଇ ୨୦୧୭-୨୦୧୮ ରେ ବିଦ୍ୟାର୍ଥୀମାନଙ୍କର ଆକଳନ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଷୟ ବିଶାରଦ ମାନଙ୍କର ମତାମତ ଅନୁସାରେ ଏହାର ପ୍ରାଥମିକତା ନିର୍ଦ୍ଧାରଣ କରାଯାଇଅଛି । ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ପାଖରୁ ଏହା ଆଶା କରାଯାଏ ଯେ ସେମାନେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ / ଅଧିକ ବିଷୟ / ଦକ୍ଷତା ପ୍ରସ୍ତୁତ କରିପାରିବେ ଯାହା ବିଦ୍ୟାର୍ଥୀ ଅଭ୍ୟାସ ପୁସ୍ତିକା କିମ୍ବା ଶିକ୍ଷକ ମାର୍ଗଦର୍ଶିକାରେ ନାହିଁ ।

ପରିଚୟ

ଓଡ଼ିଆ ଭାଷାର ଏହି ଶିକ୍ଷକ ମାର୍ଗଦର୍ଶିକା 'ସହଯୋଗାତ୍ମକ ଶିକ୍ଷଣ ସୋପାନ' ସମୟରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି । ଏହା ପିଲାମାନଙ୍କ ସହିତ କରାଯିବାକୁ ଥିବା କାମର ପ୍ରଥମଭାଗ ଅଟେ । ଏହି ମାର୍ଗଦର୍ଶିକାରେ ଦିଆଯାଇଥିବା ଗତିବିଧିଗୁଡ଼ିକ ସହିତ ପିଲାମାନଙ୍କ କାମ କରିବାପାଇଁ ଅଭ୍ୟାସପୁସ୍ତିକାମାନ ତିଆରି କରାଯାଇଛି । ପିଲାମାନେ ଗତିବିଧିଗୁଡ଼ିକ ମାର୍ଗଦର୍ଶିକା ଆଧାରରେ କରିବେ । ଏହି ସହଯୋଗାତ୍ମକ ଶିକ୍ଷଣ ସୋପାନ ୪୫ ଦିନ ଧରି ଚାଲିବ ।

'ସହଯୋଗାତ୍ମକ ଶିକ୍ଷଣ ସୋପାନ' ସମୟରେ କରାଯାଉଥିବା କାମର ଏକ ଖସଡ଼ା ପ୍ରସ୍ତୁତ କରାଯିବା ସହିତ ସେହିଦିନଗୁଡ଼ିକରେ କରିବାକୁ ଥିବା କାର୍ଯ୍ୟଗୁଡ଼ିକ ପାଇଁ ସହାୟତା ପ୍ରଦାନ କରିବା ଏହି ମାର୍ଗଦର୍ଶିକାର ଉଦ୍ଦେଶ୍ୟ ଅଟେ ।

ବିଷୟବସ୍ତୁ ଏବଂ ପ୍ରକ୍ରିୟା

- ଏହି ଶିକ୍ଷକ ମାର୍ଗଦର୍ଶିକା ସହଯୋଗାତ୍ମକ ଶିକ୍ଷଣ ସୋପାନ ସମୟରେ ଓଡ଼ିଆ ଭାଷା ଶିକ୍ଷାରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ପାଇଁ ତିଆରି କରାଯାଇଛି ।
- ସହଯୋଗାତ୍ମକ ଶିକ୍ଷଣ ସୋପାନ ସର୍ବମୋଟ ୪୫ ଦିନ ପାଇଁ ସଞ୍ଚାଳିତ କରାଯିବ ଏବଂ ଏଥିରେ ମୁଖ୍ୟତଃ ସ୍ତର ୧ (ଶ୍ରେଣୀ-୩ ପର୍ଯ୍ୟନ୍ତ) ଏବଂ ସ୍ତର-୨ (ଶ୍ରେଣୀ-୫ ପର୍ଯ୍ୟନ୍ତ) ସ୍ତର ୩ (ଶ୍ରେଣୀ-୮ ପର୍ଯ୍ୟନ୍ତ) ପିଲାମାନଙ୍କ ସହିତ କାମ କରାଯିବ । ଏହି ତିନି ସ୍ତରକୁ ଧ୍ୟାନରେ ରଖି ଏହି ମାର୍ଗଦର୍ଶିକାରେ ପିଲାମାନଙ୍କ ସହିତ କରାଯାଉଥିବା କାର୍ଯ୍ୟ ବିଷୟରେ କୁହାଯାଇଛି ।
- ମାର୍ଗଦର୍ଶିକାରେ ସର୍ବମୋଟ ୪୫ ଦିନର କରାଯାଉଥିବା କାମର ବିସ୍ତୃତ ବିବରଣୀ ଅଛି । ଯେପରିକି ପ୍ରତିଦିନ ପଢ଼ିବା, ଲେଖିବା, ଶୁଣିବା ଏବଂ ଅଭ୍ୟାସ ସମ୍ବନ୍ଧରେ ନୀତି ନିୟମର ସୂଚନା ପ୍ରଦାନ କରାଯାଇଛି ।
- ପ୍ରାରମ୍ଭିକ ଅଧ୍ୟୟନ ପରେ ସ୍ତର-୧, ୨ ଓ ୩ ରେ ଆସୁଥିବା ପିଲାମାନଙ୍କ ସହିତ ଦିନ ୧ ରୁ ଦିନ ୪୫ ପର୍ଯ୍ୟନ୍ତ କରାଯାଉଥିବା କାମଗୁଡ଼ିକୁ ମାର୍ଗଦର୍ଶିକାରେ ଦିଆଯାଇଥିବା କ୍ରମ ଅନୁସାରେ କରାଯାଇପାରିବ ।
- ଶିକ୍ଷକ ମାର୍ଗଦର୍ଶିକା ସହିତ ପିଲାମାନଙ୍କପାଇଁ କାର୍ଯ୍ୟପୁସ୍ତିକା ତିଆରି କରାଯାଇଛି । ଶିକ୍ଷକମାନଙ୍କଠାରୁ ଆଶା କରାଯାଉଛି ଯେ ସେମାନେ ମାର୍ଗଦର୍ଶିକାରେ ଦିଆଯାଇଥିବା ଗତିବିଧିଗୁଡ଼ିକ ସହିତ ପ୍ରତିଦିନ କାର୍ଯ୍ୟ ପୁସ୍ତିକାରେ ମଧ୍ୟ ପିଲାମାନଙ୍କୁ କାମ କରେଇବେ, ଯାହାଦ୍ୱାରା କି ପିଲାମାନେ ପଢ଼ିବା ଓ ଲେଖିବା ଅଧିକରୁ ଅଧିକ ଅଭ୍ୟାସ କରିପାରିବେ ।
- ସହଯୋଗାତ୍ମକ ଶିକ୍ଷଣ ସୋପାନ ସମୟରେ ପଢ଼ିବା, ଲେଖିବା, କହିବା ଓ ଶୁଣିବାର ଗତିବିଧିଗୁଡ଼ିକ ନିୟମିତ କରାଯିବା ସହିତ ପଢ଼ିବା ଓ ଲେଖିବା ଉପରେ ଅଧିକ ଧ୍ୟାନ ଦିଆଯିବ । ଶିକ୍ଷକ ଅତି କମ୍‌ରେ ୩୦ ମିନିଟ୍ ପଢ଼ିବା ଲେଖିବା କାମ କରାଇବେ ତଥା ୧୫ ମିନିଟ୍ କହିବା ଓ ଶୁଣିବା କାର୍ଯ୍ୟ ଉପରେ ସମୟ ଦେବେ ।
- ସହଯୋଗାତ୍ମକ ଶିକ୍ଷଣ ସୋପାନରେ ପିଲାମାନଙ୍କ ସହିତ କାମ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ଏହି ମାର୍ଗଦର୍ଶିକା ଏବଂ କାର୍ଯ୍ୟ ପୁସ୍ତକକୁ ନିଶ୍ଚୟ ପଢ଼ିବେ, ଯାହାଦ୍ୱାରା ସେହି ଅନୁସାରେ ସେମାନେ ନିଜର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିପାରିବେ ।
- ଏଠାରେ ଦିଆଯାଇଥିବା ସମୟ ନିର୍ଘଣ୍ଟ ଯୋଜନା ଆପଣଙ୍କ ସାହାଯ୍ୟ ପାଇଁ ଅଛି । ଯାହା ଦିଆଯାଇଅଛି, ତାକୁ ସମ୍ପୂର୍ଣ୍ଣ ଗ୍ରହଣୀୟ ବୋଲି ଧରିନେବା ଉଚିତ୍ ନୁହେଁ । ଶିକ୍ଷକ, ପିଲାମାନଙ୍କ ସ୍ତର, ବିଦ୍ୟାଳୟର ପରିସ୍ଥିତି, ଉପଲବ୍ଧ ସମୟ ଆଦିକୁ ଦେଖି ଏଥିରେ କିଛି ପରିବର୍ତ୍ତନ ମଧ୍ୟ କରିପାରିବେ କିନ୍ତୁ ଏହି ପରିବର୍ତ୍ତନ ନିର୍ଦ୍ଧାରିତ ସମୟରେ ପିଲାମାନଙ୍କଠାରେ ବିକଶିତ କରାଯାଉଥିବା ଦକ୍ଷତାଗୁଡ଼ିକୁ ଧ୍ୟାନରେ ରଖି ହିଁ କରାଯିବା ଉଚିତ୍ ।
- ବିଦ୍ୟାର୍ଥୀମାନଙ୍କର ଅଭ୍ୟାସପୁସ୍ତିକାରେ ଦିଆଯାଇଥିବା ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ଗୋଟିଏଗୋଟିଏ ଉଦାହରଣ ମାତ୍ର । ଶିକ୍ଷକ ପିଲାମାନଙ୍କର ସଂପୃକ୍ତିକୁ ନିଶ୍ଚିତ କରିବା ଲକ୍ଷ୍ୟରେ ଏହିଭଳି ଶିକ୍ଷଣକାର୍ଯ୍ୟଗୁଡ଼ିକୁ ପାଠ୍ୟପୁସ୍ତକ ପ୍ରସଙ୍ଗ ଆଧାରରେ ପ୍ରସ୍ତୁତ କରିବେ ।
- **ସହଯୋଗାତ୍ମକ ଶିକ୍ଷଣ ସୋପାନରେ ନିମ୍ନଲିଖିତ ସାମଗ୍ରୀ ଆବଶ୍ୟକ ପଡେ :-**
  - ପ୍ରଥମଶ୍ରେଣୀଠାରୁ ୮ମ ଶ୍ରେଣୀର ପାଠ୍ୟପୁସ୍ତକ
  - ଚିତ୍ରପୁସ୍ତକ ଓ ଗଳ୍ପପୁସ୍ତିକା
  - ସରଳ ଓ ଜଟିଳ ଭାଷାରେ ଲେଖାଥିବା ଗପ ଓ କବିତାପୁସ୍ତକ
  - ବିଭିନ୍ନ ପ୍ରକାରର ପାଠ୍ୟ ଉପକରଣ (ଯଥା : ଖବରକାଗଜ, ଶିଶୁପତ୍ରିକା ଇତ୍ୟାଦି)
  - ବର୍ଣ୍ଣମାଳା, ଶବ୍ଦରାଶି ଏବଂ ବାକ୍ୟଗଠନର ଛୋଟଛୋଟ କାର୍ଡ଼ ଇତ୍ୟାଦି

ଦିବସ-୧

ଅଭ୍ୟାସର ନାମ : ପଢ଼ିବା ଓ ଲେଖିବା

ଉଦ୍ଦେଶ୍ୟ : ପଠନ ବୋଧ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି ।

ସମୟ : ୪୫ ମିନିଟ୍

ସାମଗ୍ରୀ : ଶବ୍ଦକାର୍ଡ଼, ପ୍ରଶ୍ନ କାର୍ଡ଼, ଚିତ୍ର କାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ କାର୍ଡ଼ ବା ଶବ୍ଦ କାର୍ଡ଼ କିମ୍ବା ଚିତ୍ର କାର୍ଡ଼ ଦେଇ ପଢ଼ିବାକୁ କହିବେ ଓ କିଛି ସନ୍ଦେହ ଆସିଲେ ପଚାରିବେ ।
- ଭଲଭାବେ ପଢ଼ି ସାରିବା ପରେ ସେମାନଙ୍କୁ ସୂଚନା ଆଧାରରେ କାର୍ଯ୍ୟ କରିବା ପାଇଁ କହିବେ । ଏଥିରେ ଶବ୍ଦ ଗଢ଼ିବା ଉପରେ ବିଭିନ୍ନ କାର୍ଯ୍ୟମାନ ଦିଆଯାଇଛି । ଶିକ୍ଷକ ଏହାର ଉଦ୍ଦେଶ୍ୟ ବୁଝି ଦକ୍ଷତା ହାସଲ ପାଇଁ ପିଲାମାନଙ୍କୁ ସହାୟକ ପରିସ୍ଥିତି ଦେବେ ।
- ବ୍ୟକ୍ତିଗତ ଭାବେ ଉତ୍ତର କରି ସାରିବା ପରେ ଯୋଡ଼ିରେ ବା ଦଳରେ ସଂଶୋଧନ କରିବେ ।
- ଏହାପରେ ବିଭିନ୍ନ ଦଳକୁ ପ୍ରଶ୍ନମାନ ପଚାରି ପିଲାମାନେ କରିଥିବା କାର୍ଯ୍ୟରୁ ଶବ୍ଦ ସଂଗ୍ରହ କରି କଳାପଟାରେ ଲେଖିବେ ।
- ଆବଶ୍ୟକୀୟ ସଂଶୋଧନ ସହ ସଂକ୍ଷେପଣ କରିବେ ଓ ପିଲାମାନଙ୍କୁ ଏହାକୁ ଲେଖି ନେବାକୁ କହିବେ ।
- ଲେଖିଥିବା ଶବ୍ଦକୁ ବ୍ୟବହାର କରି କଥୋପକଥନ ପାଇଁ ଶିକ୍ଷକ ସୁଯୋଗ ସୃଷ୍ଟି କରିବେ ।
- ଶିକ୍ଷକ ଏହିପରି ନୂତନ ଶବ୍ଦମାନ ଗଠନ କରିବା ପାଇଁ ଖେଳମାନ କରିବେ ଓ ପିଲାମାନଙ୍କୁ ଉତ୍ସାହିତ କରିବେ ।

ଦିବସ-୨

ଅଭ୍ୟାସର ନାମ : କବିତା ଆବୃତ୍ତି ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : କବିତାକୁ ଆବୃତ୍ତି କରିବା, ବୁଝିବା, କବିତା ଆଧାରିତ ପ୍ରଶ୍ନର ଉତ୍ତର ଲେଖିବା

ସମୟ : ୪୫ ମିନିଟ୍

ସାମଗ୍ରୀ : କବିତା ଲେଖାଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- କବିତା ଆବୃତ୍ତି କରିବାକୁ କହିବେ ।
- ପିଲାମାନଙ୍କୁ କବିତା ଲେଖାଥିବା ଫର୍ଦ୍ଦ ଦେଇ ନିଜେନିଜେ ପଢ଼ିବାକୁ କହିବେ ।
- ଏହାପରେ ପ୍ରଶ୍ନକାର୍ଡ଼ ମାନ ଦେଇ ଉତ୍ତର ଲେଖିବାକୁ କହିବେ ।
- ପଢୁଥିବା ଶବ୍ଦଗୁଡିକୁ ନିଜ ଖାତାରେ ଲେଖି ତାହାକୁ ମନେ ରଖିବେ ।
- ଶିକ୍ଷକ ଏହିପରି ନୂଆନୂଆ କବିତା ଆଧାରରେ ଆବୃତ୍ତି ଓ ବିଭିନ୍ନ ସରଳ ପ୍ରଶ୍ନର ଅଭ୍ୟାସ କରିବେ ।

ଦିବସ-୩

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ, କବିତା ଆବୃତ୍ତି ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ, ପ୍ରଶ୍ନ ଉତ୍ତର ଲିଖନ, ଶବ୍ଦଭଣ୍ଡାର ବୃଦ୍ଧି, କବିତା ଆବୃତ୍ତି, ଧାରଣାର ବୋଧଗମ୍ୟତା

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା ଫର୍ଦ୍ଦ, କବିତା ଲେଖାଥିବା ଫର୍ଦ୍ଦ, ପ୍ରଶ୍ନ କାର୍ଡ଼ ।

କାର୍ଯ୍ୟଶୈଳୀ :

- ଶିକ୍ଷକ ଅନୁଚ୍ଛେଦଟିକୁ ପଢ଼ିବାକୁ ଦେବେ
- ପଠନ ସହ ପଠନ ବୋଧ ଉପରେ ଗୁରୁତ୍ୱ ଦିଆଯିବ ।

- ଏହାପରେ ପ୍ରଶ୍ନକାର୍ଡ଼ ମାନ ଦେଇ ଉତ୍ତର କରିବାକୁ କହିବେ ।
- ଦଳ ମଧ୍ୟରେ ଆଲୋଚନା କରି ଉପସ୍ଥାପନ ପରେ ଶିକ୍ଷକ ଏହାର ସଂଶୋଧନ ଓ ସଂକ୍ଷେପଣ କରିବେ ।
- କବିତା ଆବୃତ୍ତି ପାଇଁ ପିଲାମାନଙ୍କୁ କବିତା ଲେଖାଥିବା ଫର୍ଦ୍ଦ ଦେବେ ।
- ବ୍ୟକ୍ତିଗତ ଆବୃତ୍ତି ଉପରେ ଗୁରୁତ୍ୱ ଦେବେ ।
- କବିତା ଆଧାରିତ ପ୍ରଶ୍ନକାର୍ଡ ଦେଇ ଉତ୍ତର କରିବାକୁ କହିବେ ।
- ଏଠାରେ ଧାରଣାର ବୋଧଗମ୍ୟତା ଉପରେ ଗୁରୁତ୍ୱ ଦେବେ ।
- ପ୍ରଶ୍ନର ଉତ୍ତର ଦଳରେ ସଂଶୋଧନ କରି ଉପସ୍ଥାପନ ଓ ସଂକ୍ଷେପଣ କରିବେ ।

ଦିବସ-୪

ଅଭ୍ୟାସର ନାମ : କାହାଣୀ ପଢ଼ିବା ଓ ପ୍ରଶ୍ନର ଉତ୍ତର ଲେଖିବା

ଉଦ୍ଦେଶ୍ୟ : ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ, ଶବ୍ଦଭଣ୍ଡାର ବୃଦ୍ଧି, ଲିଖନଦକ୍ଷତା

ସମୟ : ୪୫ ମିନିଟ୍

ସାମଗ୍ରୀ : କାହାଣୀ ଫର୍ଦ୍ଦ, ପ୍ରଶ୍ନକାର୍ଡ଼, ଶବ୍ଦକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ଦଳରେ କାହାଣୀ ଫର୍ଦ୍ଦ ଦେବେ ଓ ପ୍ରତ୍ୟେକ ପିଲାକୁ ମନ ଦେଇ ପଢ଼ିବାକୁ କହିବେ ।
- କାହାଣୀ ପଢ଼ି ସାରିବା ପରେ ପିଲାମାନଙ୍କୁ ପ୍ରଶ୍ନକାର୍ଡ଼ ଉତ୍ତର କରିବାକୁ ଦେବେ । କାର୍ଡ଼ଗୁଡିକୁ ପ୍ରତ୍ୟେକ ପିଲା ପଢ଼ି ବୁଝିବାକୁ ସମୟ ଦେବେ ।
- କ୍ରମରେ ଗୋଟିଏ ପରେ ଗୋଟିଏ ପ୍ରଶ୍ନର ଉତ୍ତର ଆଦାୟ କରି ଶିକ୍ଷକ ସଂକ୍ଷେପଣ କରିବେ ।
- ଉତ୍ତର କରିବାରେ ସମସ୍ୟା ଆସିଲେ ଶିକ୍ଷକ ସହପାଠୀ ଶିକ୍ଷଣ, ସହାୟକ ସୂଚନା, ଉଦାହରଣ ଆଦିର ସାହାଯ୍ୟ ନେବେ ।
- ଏଥିପାଇଁ ଆବଶ୍ୟକ ହେଲେ ଶିକ୍ଷକ ଅଧିକ ସମୟ ଦେଇପାରନ୍ତି ।

ଦିବସ-୫

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ପ୍ରଶ୍ନର ଉତ୍ତର ଲିଖନ

ଉଦ୍ଦେଶ୍ୟ : ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ, ଶବ୍ଦଭଣ୍ଡାର ବୃଦ୍ଧି (ଯଥା ତତ୍‌ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ), ଲିଖନ ଦକ୍ଷତାର ଅଭ୍ୟାସ

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, ଶବ୍ଦକାର୍ଡ଼

କାର୍ଯ୍ୟଶୈଳୀ :

- ପିଲାମାନେ ଅନୁଚ୍ଛେଦଟିକୁ ବ୍ୟକ୍ତିଗତ ଭାବେ ପଢ଼ିବେ ।
- ପଢ଼ି ସାରିବା ପରେ ଶିକ୍ଷକ ପିଲାମାନଙ୍କୁ ଅନୁଚ୍ଛେଦ ଆଧାରରେ ପ୍ରଶ୍ନ କରିବାକୁ କହିବେ ଯେପରି ତାହାର ଉତ୍ତର ଅନୁଚ୍ଛେଦରେ ଥିବ ।
- ଏହାପରେ ଶବ୍ଦ ଲେଖାଥିବା କାର୍ଡ଼ ଦେଇ ସୂଚନା ଆଧାରରେ କାର୍ଯ୍ୟ କରିବା ପାଇଁ କହିବେ ।
- ଶ୍ରେଣୀରେ ତତ୍‌ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ ଶବ୍ଦ ସମ୍ପର୍କରେ ଶିକ୍ଷକ ବିଧିବଦ୍ଧ ଆଲୋଚନା କରିବେ ।
- ପିଲାମାନଙ୍କ ଦ୍ୱାରା ସଂଶୋଧନ ଓ ଉପସ୍ଥାପନ କରାଯିବ ।
- ସହପାଠୀ ଶିକ୍ଷଣ ଉପରେ ଶିକ୍ଷକ ଗୁରୁତ୍ୱ ଦେବେ ।

ଦିବସ-୬

ଅଭ୍ୟାସର ନାମ : କାହାଣୀ ପଢ଼ିବା ଓ ଲେଖିବା

ଉଦ୍ଦେଶ୍ୟ : ଦେଶଜ ଓ ବୈଦେଶିକ ଶବ୍ଦ ସମ୍ପର୍କରେ ଧାରଣା, ପଠନ, କଥନ, ପଠନବୋଧ, ଅଭିଧାନର ବ୍ୟବହାର, ବ୍ୟାବହାରିକ ବ୍ୟାକରଣ (ବିଶେଷ୍ୟ ଓ ବିଶେଷଣ)

ସମୟ : ୪୫ ମିନିଟ୍

ସାମଗ୍ରୀ : କାହାଣୀ ଲେଖାଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, ଶବ୍ଦକାର୍ଡ଼ ଅଭିଧାନ

କାର୍ଯ୍ୟଶୈଳୀ :

- ଶିକ୍ଷକ କାହାଣୀ ଲେଖାଥିବା ଫର୍ଦ୍ଦ ପିଲାମାନଙ୍କୁ ପଢ଼ିବାକୁ ଦେବେ ।
- ପଠନଗତ ଅସୁବିଧା ଥିଲେ ବ୍ୟକ୍ତିଗତ ଧ୍ୟାନ ଦେଇ ସହାୟତା ପ୍ରଦାନ କରିବେ ।
- ପଠନ କାର୍ଯ୍ୟ ସମାପ୍ତି ପରେ ପ୍ରଶ୍ନକାର୍ଡ଼ ଦେଇ ସୂଚନା ଅନୁସାରେ କାର୍ଯ୍ୟ କରିବା ପାଇଁ କହିବେ ।
- ଦଳରେ ସଂଶୋଧନ, ଉପସ୍ଥାପନ ପରେ ଶିକ୍ଷକ ସଂକ୍ଷେପଣ କରିବେ ।
- ଅଭିଧାନ ଦେଇ ଅଭିଧାନ କ୍ରମରେ ଶବ୍ଦ ଲିଖନ ଓ ସଜାଇବା ଉପରେ ଗୁରୁତ୍ୱ ଦେବେ ।
- ଏହି କ୍ରମରେ ବିଭିନ୍ନ ଶବ୍ଦମାନ ଦେଇ ଲେଖିବାର ଅଭ୍ୟାସ କରାଇବେ ।
- ବିଶେଷ୍ୟ ଓ ବିଶେଷଣ ଶବ୍ଦର ଚିହ୍ନଟ ଓ ଏହାର ଲିଖନ ପାଇଁ ଅଭ୍ୟାସ କରାଇବେ ।
- ଦେଶଜ ଓ ବୈଦେଶିକ ଶବ୍ଦ ଚିହ୍ନଟ ଓ ଲିଖନ ପାଇଁ ଅଭ୍ୟାସ କରିବେ ।
- ଏଥିପାଇଁ ଶିକ୍ଷକ ଆବଶ୍ୟକ ଅନୁସାରେ ସମୟର ପରିବର୍ତ୍ତନ କରିପାରିବେ ।

ଦିବସ-୭

ଅଭ୍ୟାସର ନାମ : ପଠନ ଓ ଅନୁଚ୍ଛେଦ ଲିଖନ

ଉଦ୍ଦେଶ୍ୟ : ପଠନ ବୋଧ, ବ୍ୟାବହାରିକ ବ୍ୟାକରଣ, ଧାରଣାର ବୋଧଗମ୍ୟତା ଓ ଲିଖନ ଦକ୍ଷତାର ଅଭ୍ୟାସ

ସମୟ : ୪୫ ମିନିଟ୍

ସାମଗ୍ରୀ : ପ୍ରଶ୍ନକାର୍ଡ଼, ଶବ୍ଦକାର୍ଡ଼ (ବ୍ୟାବହାରିକ ବ୍ୟାକରଣ)

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ ଲେଖାଥିବା କାର୍ଡ଼ ପଢ଼ିବାକୁ ଦେବେ ।
- ପ୍ରଶ୍ନଗୁଡ଼ିକୁ ପଢ଼ିବା ପରେ ଏହାର ଉତ୍ତରଗୁଡ଼ିକୁ ଲେଖିବାକୁ ଯୋଡ଼ିରେ କହିବେ । ଉତ୍ତର ଲେଖିଲା ବେଳେ କଥାବାର୍ତ୍ତା ହୋଇ ଠିକ୍ ଉତ୍ତର ଗୁଡ଼ିକୁ ଲେଖିବାକୁ କହିବେ ।
- ଉତ୍ତର ଲେଖା ସରିବା ପରେ ଏଗୁଡିକ ଦଳରେ ସଂଶୋଧନ କରି ଉପସ୍ଥାପନ କରିବାକୁ କହିବେ ।
- ଶେଷରେ ଶିକ୍ଷକ ଆବଶ୍ୟକୀୟ ସଂଶୋଧନ ସହ ସଂକ୍ଷେପଣ କରି ନିଜନିଜ ଖାତାରେ ଲେଖି ନେବାକୁ ପିଲାମାନଙ୍କୁ କହିବେ ।
- ଅନୁଚ୍ଛେଦଟି ଲେଖା ସରିବା ପରେ ଦଳରେ ଏହାର ନାମକରଣ କରିବାକୁ କହିବେ ।
- ସବୁଠାରୁ ଭଲ ନାମଟିକୁ ବାଛି ଶିକ୍ଷକ ଲେଖିବାକୁ କହିବେ ।
- ବ୍ୟାବହାରିକ ଅଭ୍ୟାସ ନିମିତ୍ତ କାର୍ଡ଼ଗୁଡ଼ିକୁ ପିଲାମାନଙ୍କୁ ନେଇ ସୂଚନା ଆଧାରରେ ଅଭ୍ୟାସ କରିବେ ।
- ବ୍ୟକ୍ତିଗତ, ଦଳଗତ ଉପସ୍ଥାପନ ଓ ସଂଶୋଧନ ଆଦି କାର୍ଯ୍ୟମାନ କରି ଶିକ୍ଷକ ସଂକ୍ଷେପଣ କରିବେ । ଏଥିପାଇଁ ପର୍ଯ୍ୟାପ୍ତ ଅଭ୍ୟାସ ସୁଯୋଗ ଦେବେ ।

ଦିବସ-୮

ଅଭ୍ୟାସର ନାମ : ଶବ୍ଦକୁ ପଢ଼ି ଅନୁଚ୍ଛେଦ ଲିଖନ

ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : ଶବ୍ଦକାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଶବ୍ଦକାର୍ଡ଼ ଦେଇ ନିଜେ ପଢ଼ିଦେବେ ।

- ଏହାପରେ ବ୍ୟକ୍ତିଗତ ଭାବେ ଶବ୍ଦଗୁଡ଼ିକୁ ନେଇ ଗୋଟିଏ ଅନୁଚ୍ଛେଦ ଲେଖିବାକୁ କହିବେ । ଯେପରି ସବୁପିଲା ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରନ୍ତି ତାହା ଶିକ୍ଷକ ନିଶ୍ଚିତ କରିବେ ।
- ଅନୁଚ୍ଛେଦ ଲେଖା ସରିବା ପରେ ଦଳରେ ଏହାର ସଂଶୋଧନ ପିଲାମାନଙ୍କ ଦ୍ୱାରା କରି ଉପସ୍ଥାପନ କରିବେ ।
- ଆବଶ୍ୟକୀୟ ସଂଶୋଧନ ସହ ଶିକ୍ଷକ ଏହାର ସଂକ୍ଷେପଣ କରିବେ ।
- ପିଲାମାନଙ୍କର ଖାତାକୁ ମଧ୍ୟ ଶିକ୍ଷକ ନିଜେ ଦେଖି ମନ୍ତବ୍ୟ ଦେଇପାରିବେ ।
- ଏହାପରେ ପ୍ରଶ୍ନଲେଖା କାର୍ଡ଼ ଦେଇ ସୂଚନା ଆଧାରରେ ଉତ୍ତର ଲେଖିବା ପାଇଁ ଶିକ୍ଷକ କହିବେ ।
- ଆବଶ୍ୟକ ହେଲେ ଶିକ୍ଷକ ଏହାର ଗୋଟିଏ ଉଦାହରଣ ନିଜେ କିଛି ପିଲାମାନଙ୍କୁ ଦେଖାଇପାରିବେ ।
- ଏହିଭଳି କାର୍ଯ୍ୟମାନ କରି ବ୍ୟାବହାରିକ ବ୍ୟାକରଣର ଅଭ୍ୟାସ ଶିକ୍ଷକ କରାଇବେ ।

ଦିବସ-୯

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ

ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା କାର୍ଡ଼, ପ୍ରଶ୍ନ ଲେଖାଥିବା କାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଅନୁଚ୍ଛେଦ ଲେଖାଥିବା କାର୍ଡ଼ଟିକୁ ପଢ଼ିବାକୁ ଦେବେ ।
- ବ୍ୟକ୍ତିଗତ ପଠନ କ୍ଷେତ୍ରରେ ଅସୁବିଧା ହେଲେ ଶିକ୍ଷକ ନିଜେ ଏହାକୁ ପଢ଼ି ଶୁଣାଇ ଦେବେ ।
- ଅନୁଚ୍ଛେଦ ପଠନ ପରେ ଏହାକୁ ଆଧାର କରି ପିଲାମାନଙ୍କୁ ପ୍ରଶ୍ନ କରିବାକୁ କହିବେ ଯେପରି ତିଆରି କରିଥିବା ପ୍ରଶ୍ନ ଗୁଡିକର ଉତ୍ତର ଅନୁଚ୍ଛେଦଟିରେ ଥିବ । ଏଥିପାଇଁ ଗୋଟିଏ ଉଦାହରଣ ଦିଆଯାଇଛି ଯଥା ପ୍ରଶ୍ନ ଓ ଏହାର ଉତ୍ତର ।
- ଏହିପରି ପିଲାମାନଙ୍କୁ ଅଧିକରୁ ଅଧିକ ପ୍ରଶ୍ନ ତିଆରି କରିବାକୁ ଉତ୍ସାହିତ କରିବେ ।
- ବ୍ୟକ୍ତିଗତ କାର୍ଯ୍ୟ, ଦଳଗତ ଆଲୋଚନା ଓ ସଂଶୋଧନ ପରେ ଉପସ୍ଥାପନ କରିବେ ।
- ଶିକ୍ଷକ ସଂଶୋଧନ ଓ ସଂକ୍ଷେପଣ କରିବେ ।
- ଏହାପରେ ପ୍ରଶ୍ନକାର୍ଡ ମାନ ଦେଇ ବ୍ୟାବହାରିକ ବ୍ୟାକରଣ ଓ ଶବ୍ଦ ଭଣ୍ଡାର ବୃଦ୍ଧି ପାଇଁ ଅଭ୍ୟାସ କାର୍ଯ୍ୟଗୁଡ଼ିକ କରିବେ ।

ଦିବସ-୧୦

ଅଭ୍ୟାସର ନାମ : କବିତା ଆବୃତ୍ତି ଓ ପ୍ରଶ୍ନ ଉତ୍ତର ଲିଖନ

ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା

ସମୟ : ୪୫ ମିନିଟ୍

ସାମଗ୍ରୀ : କବିତା ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ କବିତା ଲେଖାଥିବା କାର୍ଡ଼ ପିଲାମାନଙ୍କୁ ପଢ଼ିବାକୁ ଦେବେ ।
- ଏହାପରେ କିଛି ପିଲାଙ୍କୁ ଆବୃତ୍ତି କରିବାକୁ କହିବେ ।
- ଆବୃତ୍ତି ପରେ ପିଲାମାନଙ୍କୁ ପ୍ରଶ୍ନକାର୍ଡ଼ ଦେଇ ସୂଚନା ଆଧାରରେ ପ୍ରଶ୍ନର ଉତ୍ତର ଲେଖିବାକୁ କହିବେ ।
- ପିଲାମାନଙ୍କଦ୍ୱାରା ଖାତା ଅଦଳ ବଦଳ କରି ସଂଶୋଧନ କରିବେ । ଆବଶ୍ୟକ ସ୍ଥଳେ ନିଜେ ସଂଶୋଧନ କରି ସଂକ୍ଷେପଣ କରିବେ ।
- ବ୍ୟାବହାରିକ ବ୍ୟାକରଣର ଅଭ୍ୟାସପାଇଁ କାର୍ଯ୍ୟପତ୍ର ଦେଇ ଅଭ୍ୟାସ କରାଇବେ ।

ଦିବସ-୧୧

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ
ସମୟ : ୪୫ ମିନିଟ୍
ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା କାର୍ଡ଼ ବା ଡ୍ରଇଁ ସିଟ୍, ପ୍ରଶ୍ନକାର୍ଡ଼, ଶବ୍ଦ କାର୍ଡ଼

କାର୍ଯ୍ୟଶୈଳୀ :

- ଅନୁଚ୍ଛେଦ ଲେଖାଥିବା କାର୍ଡ ପିଲାମାନଙ୍କୁ ପଢ଼ିବାକୁ ଦେବେ କିମ୍ବା ବଡ ଡ୍ରଇଁ ସିଟ୍‌ରେ ଲେଖି କଳାପଟାରେ ଟାଙ୍ଗି ଦେବେ ।
- ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ପିଲା ଯେପରି ପଢ଼ନ୍ତି ତାହା ନିଶ୍ଚିତ କରିବେ ଓ ପଠନ ଗତ ଅସୁବିଧା ଦୂର ପାଇଁ ବ୍ୟକ୍ତିଗତ ଧ୍ୟାନ ଦେବେ ।
- ପଠନ ପରେ ପ୍ରଶ୍ନକାର୍ଡ ଦେଇ ଉତ୍ତର କରିବାକୁ କହିବେ । ସୂଚନା ଯେପରି ବୁଝି କାର୍ଯ୍ୟ କରନ୍ତି ତାହା ଦେଖିବେ ।
- ପ୍ରଶ୍ନ ଉତ୍ତର ପରେ ପିଲାମାନଙ୍କ ଦ୍ୱାରା ଖାତା ଅଦଳବଦଳ କରି ସଂଶୋଧନ କରିବେ ଓ ଶେଷରେ ଆବଶ୍ୟକୀୟ ସଂଶୋଧନ ସହ ସଂକ୍ଷେପଣ କରିବେ ।

ଦିବସ-୧୨

ଅଭ୍ୟାସର ନାମ : କବିତା ଆବୃତ୍ତି ଓ ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ ବୋଧ, ଲିଖନ ଅଭ୍ୟାସ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ
ସମୟ : ୪୫ ମିନିଟ୍
ସାମଗ୍ରୀ : କବିତା ଲେଖାଥିବା ଫର୍ଦ୍ଦ ବା ଡ୍ରଇଁ ସିଟ୍, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ କବିତା ଲେଖାଥିବା ଫର୍ଦ୍ଦ ଦେଇ ନିଜେନିଜେ ପଢ଼ିବାକୁ କହିବେ ।
- ଏହାପରେ ଆବୃତ୍ତି ପାଇଁ ପିଲାମାନଙ୍କୁ କହିବେ ।
- ଆବୃତ୍ତି ପରେ ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ କାର୍ଡ଼ ଦେଇ କବିତା ଆଧାରରେ ଉତ୍ତର କରିବାକୁ କହିବେ ।
- କବିତାରେ ଥିବା ବିଭିନ୍ନ ବାକ୍ୟକୁ ଶବ୍ଦଗୁଡ଼ିକୁ ଉପଯୁକ୍ତ ଧ୍ୟାନ ଦେଇ ପିଲାମାନଙ୍କର ବୁଝିବା ଉପରେ ଗୁରୁତ୍ୱ ଦେବେ ।
- ବ୍ୟାବହାରିକ ବ୍ୟାକରଣର ଅଭ୍ୟାସ ପାଇଁ ପ୍ରଶ୍ନକାର୍ଡ଼ ଦେଇ ଅଭ୍ୟାସ କରିବେ ।
- ଯେପରି ପ୍ରତି ପିଲା ଏଥିରେ ଅଂଶଗ୍ରହଣ କରନ୍ତି ତାହା ଶିକ୍ଷକ ନିଶ୍ଚିତ କରିବେ ।

ଦିବସ-୧୩

ଅଭ୍ୟାସର ନାମ : କବିତା ଆବୃତ୍ତି, ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଲିଖନ ଅଭ୍ୟାସ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ, ଶବ୍ଦଭଣ୍ଡାର ବୃଦ୍ଧି
ସମୟ : ୪୫ ମିନିଟ୍
ସାମଗ୍ରୀ : କବିତା ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ କବିତା ଲେଖାଥିବା କାର୍ଡ଼ଟିକୁ ପିଲାମାନଙ୍କୁ ଦେଇ ନିଜେନିଜେ ପଢ଼ିବାକୁ କହିବେ ଓ ପରେ ଆବୃତ୍ତି କରିବାକୁ କହିବେ ।
- ଆବୃତ୍ତି ପରେ କବିତା ଆଧାରିତ ପ୍ରଶ୍ନକାର୍ଡ଼ ପିଲାମାନଙ୍କୁ ଦେଇ ସୂଚନା ଆଧାରରେ ଉତ୍ତର କରିବାକୁ କହିବେ ।
- ପରେ ବ୍ୟାବହାରିକ ବ୍ୟାକରଣ ନିମିତ୍ତ ଅଭ୍ୟାସ ଫର୍ଦ୍ଦକୁ ଦେଇ ପ୍ରଶ୍ନ ଉତ୍ତର କରିବାକୁ କହିବେ ।
- ଯେପରି ସବୁ ପିଲା ଏଥିରେ ଭାଗ ନିଅନ୍ତି ତାହା ଦେଖିବେ ।

- ପ୍ରଶ୍ନର ଉତ୍ତର ପରେ ନିଜନିଜ ଭିତରେ ଖାତା ବଦଳାଇ ସଂଶୋଧନ କରିବାକୁ କହିବେ ।
- ଶେଷରେ ଶିକ୍ଷକ ଆବଶ୍ୟକୀୟ ସଂଶୋଧନ କରି ସଂକ୍ଷେପଣ କରିବେ ।
- ଏହିପରି ଅଭ୍ୟାସ କାର୍ଯ୍ୟ କରି ପିଲାମାନଙ୍କୁ ଦକ୍ଷତା ହାସଲରେ ସହାୟତା ପ୍ରଦାନ କରିବେ ।

ଦିବସ-୧୪

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଧାରଣାର ବୋଧଗମ୍ୟତା, ଶବ୍ଦ ଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ
ସମୟ : ୪୫ ମିନିଟ୍
ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, ବ୍ୟାବହାରିକ ବ୍ୟାକରଣ ଅଭ୍ୟାସ ପାଇଁ କାର୍ଯ୍ୟପତ୍ର ।

କାର୍ଯ୍ୟଶୈଳୀ :

- ଶିକ୍ଷକ ଅନୁଚ୍ଛେଦ ଲେଖାଟିକୁ ପିଲାମାନଙ୍କୁ ପଢ଼ିବାକୁ ଦେବେ ।
- ପିଲାମାନେ ନିଜେନିଜେ ପଢ଼ିବା ସମୟରେ ପଠନଗତ ସମସ୍ୟା ଥିଲେ ଶିକ୍ଷକ ଏହାର ଦୂରୀକରଣ କରିବେ ଯେପରି ପିଲାମାନେ ପଠନବୋଧ ହାସଲ କରନ୍ତି ।
- ଶିକ୍ଷକ ପ୍ରଶ୍ନକାର୍ଡଗୁଡ଼ିକୁ ଦେଇ ସୂଚନା ଆଧାରରେ ଉତ୍ତର ଲେଖିବା ପାଇଁ ସୂଚନା ଦେବେ ।
- ପିଲାମାନଙ୍କ ସହଭାଗିତାରେ ସଂଶୋଧନ କରିବେ ଓ ଲେଖିନେବାକୁ କହିବେ । ଆବଶ୍ୟକ ସ୍ଥଳେ ସଂଶୋଧନ କରିବେ ଓ ସଂକ୍ଷେପଣ କରିବେ ।
- ବ୍ୟାବହାରିକ ବ୍ୟାକରଣ ପାଇଁ କାର୍ଯ୍ୟପତ୍ର ଦେବେ ଓ ଅଭ୍ୟାସର ସୁଯୋଗ ସୃଷ୍ଟି କରିବେ ଯେପରି ପିଲାମାନେ ଅଧିକରୁ ଅଧିକ ଅଭ୍ୟାସ ପାଆନ୍ତି ।

ଦିବସ-୧୫

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ପ୍ରଶ୍ନ ଉତ୍ତର ଲିଖନ
ଉଦ୍ଦେଶ୍ୟ : ପଠନ ବୋଧ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର, ବୃଦ୍ଧି, ଲିଖନ
ସମୟ : ୪୫ ମିନିଟ୍
ସାମଗ୍ରୀ : ଅନୁଚ୍ଛେଦ ପତ୍ର, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ଆବଶ୍ୟକୀୟ ଦଳ ଗଠନ କରି ଅନୁଚ୍ଛେଦଟିକୁ ପ୍ରତି ପିଲା ପଢ଼ିବା ପାଇଁ ଦେବେ ।
- ପ୍ରତି ପିଲା ପଢ଼ି ସାରିବା ପରେ ଧାରଣାର ବୋଧଗମ୍ୟତା ପାଇଁ ଅନୁଚ୍ଛେଦର ପ୍ରଶ୍ନ କରିବାକୁ କହିବେ ଯେପରି ଏହାର ଉତ୍ତର ଅନୁଚ୍ଛେଦଟିରୁ ମିଳିପାରିବ ।
- ଶିକ୍ଷକ ଦଳରେ ପ୍ରଶ୍ନଗୁଡିକର ଉପସ୍ଥାପନ କରିବେ ଓ ଭଲ ପ୍ରଶ୍ନଗୁଡିକୁ କଳାପଟାରେ ଲେଖି ସଂକ୍ଷେପଣ କରିବେ । ପିଲାମାନଙ୍କୁ ଏହାକୁ ଲେଖି ନେବାକୁ କହିବେ ଓ ଏହାର ଉତ୍ତର ମଧ୍ୟ ଲେଖିବାକୁ କହିବେ ।
- ପରବର୍ତ୍ତୀ ପ୍ରଶ୍ନକାର୍ଡ଼ ଦେଇ ପିଲାମାନଙ୍କୁ ସୂଚନା ଦେବେ ଓ ସୂଚନା ଆଧାରରେ କାର୍ଯ୍ୟ କରି ଦଳରେ ସଂଶୋଧନ କରାଇବେ ।
- ଶିକ୍ଷକ ସହପାଠୀ ଶିକ୍ଷଣ / ସହଭାଗୀ ଶିକ୍ଷଣ ଉପରେ ଗୁରୁତ୍ୱ ଦେବେ ଓ ବାସ୍ତବ ଜୀବନ ପରିସ୍ଥିତିରୁ ଉଦାହରଣ ଓ ସହାୟକ ସୂଚନା ଦେବେ ।
- ବ୍ୟାବହାରିକ ବ୍ୟାକରଣ ଦକ୍ଷତା ହାସଲ ନିମିତ୍ତ କାର୍ଯ୍ୟପତ୍ର ମାନ ନେଇ ଅଭ୍ୟାସ କରିବେ ଓ ସେହିପରି ନୂଆନୂଆ ପରିସ୍ଥିତିମାନ ଉପସ୍ଥାପନ କରିବେ ।

ଦିବସ-୧୬

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ ବୋଧ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା କାର୍ଡ଼ ବା ଡ୍ରଇଁ ସିଟ୍, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଅନୁଚ୍ଛେଦ ଲେଖାଥିବା କାର୍ଡ଼କୁ ଦେଇ ନିଜେନିଜେ ପଢ଼ିବାକୁ କହିବେ ଓ ପିଲାମାନେ ଯେପରି ପଠନବୋଧ ହାସଲ କରନ୍ତି ତାହା ଦେଖିବେ ।
- ଅନୁଚ୍ଛେଦ ଆଧାରିତ ପ୍ରଶ୍ନକାର୍ଡ଼ ମାନ ଦେଇ ଉତ୍ତର ଲେଖିବାକୁ ପିଲାମାନଙ୍କୁ ସୂଚନା ଦେବେ । ପିଲାମାନେ ବୁଝି ନ ପାରିଲେ ସହପାଠୀମାନଙ୍କ ସହାୟତା ଓ ନିଜେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ ।
- ବ୍ୟାବହାରିକ ବ୍ୟାକରଣ ଦକ୍ଷତା ହାସଲ ପାଇଁ କାର୍ଯ୍ୟଫର୍ଦ୍ଦ ଦେଇ ଅଭ୍ୟାସ ସୁଯୋଗ ସୃଷ୍ଟି କରିବେ ।
- ଦଳରେ ସଂଶୋଧନ କାର୍ଯ୍ୟ କରି ସଂକ୍ଷେପଣ କରିବେ ।

ଦିବସ-୧୭

ଅଭ୍ୟାସର ନାମ : କାହାଣୀ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ ଓ ପଠନବୋଧ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି

ସମୟ : ୪୫ ମିନିଟ୍

ସାମଗ୍ରୀ : କାହାଣୀ ଲେଖାଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, ଶବ୍ଦକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ କାହାଣୀ ପଢ଼ିବାକୁ କହିବେ ଓ ଏଥିପାଇଁ କାହାଣୀ ଲେଖାଥିବା କାର୍ଡ଼ ପ୍ରତି ପିଲାଙ୍କୁ ଦେବେ ।
- ପଠନ ବୋଧ ହାସଲ ପାଇଁ ଶିକ୍ଷକ ବ୍ୟକ୍ତିଗତ ଧ୍ୟାନ ଦେବେ ।
- ଏହାପରେ ପ୍ରଶ୍ନକାର୍ଡ଼ ଦେଇ ସୂଚନା ଆଧାରରେ ଉତ୍ତର ଲେଖିବା ପାଇଁ ପିଲାମାନଙ୍କୁ କହିବେ ଓ ଏଥିନିମିତ୍ତ ଆବଶ୍ୟକ ବ୍ୟକ୍ତିଗତ ସହାୟତା ପିଲାମାନଙ୍କୁ ଦେବେ ।
- ବିଭିନ୍ନ ଉଦାହରଣ ପରିସ୍ଥିତି ଆଦି ସାହାଯ୍ୟରେ ପିଲାମାନଙ୍କ ବୋଧଶକ୍ତିର ବିକାଶ କରିବେ ।
- ଶବ୍ଦ ଭଣ୍ଡାର ବୃଦ୍ଧି ନିମିତ୍ତ ଅଭ୍ୟାସ କାର୍ଯ୍ୟ ଫର୍ଦ୍ଦମାନ ଦେଇ ସୂଚନା ଆଧାରରେ କାର୍ଯ୍ୟର ଅଭ୍ୟାସ କରିବେ ଓ ସେହି ଅନୁସାରେ ପରବର୍ତ୍ତୀ କାର୍ଯ୍ୟ ମାନ କରିବେ ।
- ବ୍ୟକ୍ତିଗତ କାର୍ଯ୍ୟ, ଦଳଗତ ଉପସ୍ଥାପନ ଓ ସଂକ୍ଷେପଣ ଆଦି ମାଧ୍ୟମରେ ଶିକ୍ଷକ କାର୍ଯ୍ୟ ପରିଚାଳନା କରିବେ ।

ଦିବସ-୧୮

ଅଭ୍ୟାସର ନାମ : କାହାଣୀ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ ବୋଧ, ଲିଖନ ଅଭ୍ୟାସ, ଶବ୍ଦଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ ଦକ୍ଷତା ହାସଲ

ସମୟ : ୪୫ ମିନିଟ୍

ସାମଗ୍ରୀ : କାହାଣୀ ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, ଶବ୍ଦକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷାର୍ଥୀମାନଙ୍କୁ କାହାଣୀ ଫର୍ଦ୍ଦ ଦେଇ ନିଜେନିଜେ ପଢ଼ିବାକୁ କହିବେ । ଯେପରି ଶିକ୍ଷାର୍ଥୀମାନେ ପଠନରେ ଅଂଶଗ୍ରହଣ କରନ୍ତି ଓ ପଠନ ବୋଧ ହାସଲ କରନ୍ତି ତାହା ଦେଖିବେ ।
- ପଠନ ପରେ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନକାର୍ଡ଼ ଦେଇ ସୂଚନା ଆଧାରରେ ପ୍ରଶ୍ନର ଉତ୍ତର କରିବା ପାଇଁ ସୂଚନା ଦେବେ ।
- ବ୍ୟାବହାରିକ ବ୍ୟାକରଣ ନିମିତ୍ତ ଅଭ୍ୟାସ ଉପରେ ଗୁରୁତ୍ୱ ଦେବେ । ଅଭିଜ୍ଞତାରୁ ଉଦାହରଣ, ପରିସ୍ଥିତି ଆଦିର ସାହାଯ୍ୟ ନେବେ ।

ଦିବସ- ୧୯

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଲେଖା ହୋଇଥିବା କାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ଅନୁଚ୍ଛେଦଟିକୁ ପିଲାମାନଙ୍କୁ ଦେବେ । ନିଜେନିଜେ ପଢ଼ିବା ପାଇଁ ସୂଚନା ଦେବେ । ପଠନ ସମୟରେ ବ୍ୟକ୍ତିଗତ ଅସୁବିଧା ଥିଲେ ସୂଚିତ କରିବେ ।
- ପ୍ରଶ୍ନକାର୍ଡ଼ ଦେଇ ପିଲାମାନଙ୍କୁ ସୂଚନା ଆଧାରରେ ଉତ୍ତର ଲେଖିବା ପାଇଁ କହିବେ ।
- ବ୍ୟକ୍ତିଗତ ଉତ୍ତର ପରେ ଦଳରେ ସଂଶୋଧନ କରି ଉପସ୍ଥାପନ କରିବେ ।
- ଶିକ୍ଷକ ସଂଶୋଧନ ଓ ସଂକ୍ଷେପଣ କରି ପିଲାମାନଙ୍କୁ ଲେଖି ନେବାକୁ କହିବେ ।
- ସହଭାଗୀ ଶିକ୍ଷଣ ଓ ବ୍ୟକ୍ତିଗତ ଧ୍ୟାନ ପୂର୍ବକ ପିଲାମାନଙ୍କ ଶିକ୍ଷଣ ସହଭାଗିତାକୁ ନିଶ୍ଚିତ କରିବେ ।

ଦିବସ- ୨୦

ଅଭ୍ୟାସର ନାମ : କାହାଣୀ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ, ଲିଖନ ଅଭ୍ୟାସ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : କାହାଣୀ ଲେଖାଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ କାହାଣୀ ପଢ଼ି ଶୁଣାଇ ଦେବେ ବା ପିଲାମାନଙ୍କୁ କାହାଣୀ ଫର୍ଦ୍ଦ ନେଇ ନିଜେ ପଢ଼ିବାକୁ କହିପାରିବେ ।
- ପିଲାମାନେ ଯେପରି କାହାଣୀ ପଠନରେ ଅଂଶଗ୍ରହଣ କରନ୍ତି ତାହା ଶିକ୍ଷକ ଦେଖିବେ ।
- କାହାଣୀ ଆଧାରିତ ପ୍ରଶ୍ନକାର୍ଡ଼ ମାନ ଦେଇ ସୂଚନା ଆଧାରରେ ଉତ୍ତର ଲେଖିବାକୁ କହିବେ ।
- ବ୍ୟକ୍ତିଗତ ଲିଖନ ପରେ ଦଳରେ ସଂଶୋଧନ କରି ସଂକ୍ଷେପଣ କରିବେ ।
- ଏହି କ୍ରମରେ ଶିକ୍ଷକ ଅନ୍ୟ କାର୍ଯ୍ୟଫର୍ଦ୍ଦ ମାନ ଦେଇ ଅଭ୍ୟାସ କାର୍ଯ୍ୟକୁ ଆଗେଇ ନେବେ ।
- ଆବଶ୍ୟକ ସମୟ ଅଧିକ ଦରକାର ହେଲେ ଶିକ୍ଷକ ସେହି ଅନୁସାରେ ପରିବର୍ତ୍ତନ କରିବେ ।
- ଶିକ୍ଷକ କ୍ରିୟା, ମିଶ୍ର କ୍ରିୟା ସମ୍ପର୍କରେ ଅଧିକ ଅଭ୍ୟାସ ନିମିତ୍ତ ଅଧିକ ଉଦାହରଣ ଦେବେ ଓ ପାଠ୍ୟପୁସ୍ତକର ପ୍ରସଙ୍ଗ ସହିତ ସମ୍ପର୍କିତ କରିବେ ।

ଦିବସ- ୨୧

ଅଭ୍ୟାସର ନାମ : ପଠନ ଓ ଲିଖନ

ଉଦ୍ଦେଶ୍ୟ : ପଠନ ବୋଧ, ବ୍ୟାବହାରିକ ବ୍ୟାକରଣ, ଶବ୍ଦଭଣ୍ଡାର ବୃଦ୍ଧି ଓ ଧାରଣାର ବୋଧଗମ୍ୟତା

ସମୟ : ୪୫ ମିନିଟ୍

ସାମଗ୍ରୀ : ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକୀୟ ଦଳ ଗଠନ କରି ପ୍ରଶ୍ନକାର୍ଡ଼ ଦେବେ ।
- ପ୍ରତ୍ୟେକ ପିଲାକୁ ଏହାକୁ ପଢ଼ିବାକୁ କହିବେ ଓ ସେଥିପାଇଁ ସମୟ ଦେବେ ।
- କ'ଣ କାର୍ଯ୍ୟ କରିବାକୁ ପଡ଼ିବ ତାହାର ସୂଚନା ସ୍ପଷ୍ଟ ଭାବେ ଦେବେ ।
- ପ୍ରଶ୍ନର ସୂଚନା ଅନୁସାରେ ପିଲାମାନଙ୍କୁ ବ୍ୟକ୍ତିଗତ ଭାବେ କାର୍ଯ୍ୟ କରିବାକୁ ସୂଚନା ଦେବେ ।
- କାର୍ଯ୍ୟ ସରିବା ପରେ ଦଳରେ ବା ଯୋଡିରେ ସଂଶୋଧନ କରି ଉପସ୍ଥାପନ କରିବେ ।
- ଉପସ୍ଥାପନ ପରେ ଆବଶ୍ୟକୀୟ ସଂଶୋଧନ କରି କଳାପଟାରେ ଲେଖିଦେବେ ଓ ପ୍ରତ୍ୟେକ ପିଲା ସେହି ଅନୁସାରେ ନିଜର ଲେଖାକୁ ମିଳାଇବା ପାଇଁ କହିବେ ।
- କାର୍ଯ୍ୟ କଲାବେଳେ ଶିକ୍ଷକ ସହାୟକ ସୂଚନା ଓ ଉଦାହରଣମାନ ଦେଇପାରିବେ ।
- ଏଥିପାଇଁ ଅଧିକ ସମୟ ଲାଗିଲେ ଶିକ୍ଷକ ତାହା ଦେବେ ।
- ଏହି ପ୍ରଣାଳୀରେ ଶିକ୍ଷକ ପରବର୍ତ୍ତୀ ପ୍ରଶ୍ନମାନ ପରିଚାଳନା କରିବେ ।

ଦିବସ-୨୨

ଅଭ୍ୟାସର ନାମ : ବିଦ୍ୟାଳୟ ସମୟ ନିର୍ଘଣ୍ଟ ପଠନ ଓ ଲିଖନ

ଉଦ୍ଦେଶ୍ୟ : ପଠନ ବୋଧ, ଲିଖନ ଅଭ୍ୟାସ

ସମୟ : ୪୫ ମିନିଟ୍

ସାମଗ୍ରୀ : ସମୟ ନିଘଣ୍ଟ ସୂଚିତ ଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ସମୟ ନିର୍ଘଣ୍ଟ ଲେଖାଥିବା ଫର୍ଦ୍ଦଟିକୁ ଦେଇ ପିଲାମାନଙ୍କୁ ପଢ଼ିବାକୁ କହିବେ ।
- ପଠନ ବୋଧରେ ସମସ୍ୟା ଥିଲେ ବ୍ୟକ୍ତିଗତ ଧ୍ୟାନ ଦେଇ ଏହା ଦୂର କରିବାକୁ ଚେଷ୍ଟା କରିବେ ।
- ଆବଶ୍ୟକ ହେଲେ ଶିକ୍ଷକ ସମୟ ନିର୍ଘଣ୍ଟକୁ ନିଜେ ପଢ଼ି ଆବଶ୍ୟକୀୟ ସୂଚନା ଦେବେ ।
- ସମୟ ନିର୍ଘଣ୍ଟ ଆଧାରିତ ପ୍ରଶ୍ନକାର୍ଡ଼ ମାନ ଦେଇ ସୂଚନା ଆଧାରରେ ପ୍ରଶ୍ନର ଉତ୍ତର ଲେଖିବାକୁ କହିବେ ।
- ପିଲାମାନେ ଯେପରି ସମୟ ନିର୍ଘଣ୍ଟ ଠିକ୍ ଭାବେ ଅଧ୍ୟୟନ କରିପାରିବେ ଏହା ଉପରେ ଗୁରୁତ୍ୱ ଦେବେ ।

ଦିବସ-୨୩

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ ବୋଧ, ଲିଖନ ଅଭ୍ୟାସ, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟ ଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଅନୁଚ୍ଛେଦ ଦେଇ ନିଜେନିଜେ ପଢ଼ିବା ପାଇଁ କହିବେ । ପଠନଗତ ଅସୁବିଧା ଥିଲେ ଶିକ୍ଷକ ବ୍ୟକ୍ତିଗତ ଧ୍ୟାନ ଦେଇ ଏହାର ଦୂରୀକରଣ କରିବେ ।
- ଏହାପରେ ଅନୁଚ୍ଛେଦଟିକୁ ଆଧାର କରି ପ୍ରଶ୍ନ ପ୍ରସ୍ତୁତ କରିବାକୁ କହିବେ । ଆବଶ୍ୟକ ହେଲେ ଶିକ୍ଷକ ନିଜେ ଗୋଟିଏ କରି ପିଲାମାନଙ୍କୁ ସେପରି କରିବା ପାଇଁ କହି ପାରିବେ ।
- ଏହାପରେ ପ୍ରଶ୍ନକାର୍ଡ଼ ଦେଇ ବ୍ୟକ୍ତିଗତ ଭାବେ ଉତ୍ତର ଲେଖିବା ପାଇଁ କହିବେ ।

- ବ୍ୟକ୍ତିଗତ କାର୍ଯ୍ୟ, ଦଳଗତ ଉପସ୍ଥାପନ, ସଂଶୋଧନ, ସଂକ୍ଷେପଣ ଆଧାରରେ ଶିକ୍ଷକ କାର୍ଯ୍ୟ ପରିଚାଳନା କରିବେ ।
- ଏହିପରି ଅଭ୍ୟାସ କାର୍ଯ୍ୟମାନ ଶିକ୍ଷକ ପିଲାମାନଙ୍କୁ ଦେଇ ପାରିବେ ।

ଦିବସ-୨୪

ଅଭ୍ୟାସର ନାମ : ଚିତ୍ର ପଠନ ଓ ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଲିଖନ ଅଭ୍ୟାସ, ପଠନବୋଧ, ବ୍ୟାବହାରିକ ବ୍ୟାକରଣ, ସର୍ଜନଶୀଳ ଲିଖନ
ସମୟ : ୪୫ ମିନିଟ୍
ସାମଗ୍ରୀ : ଚିତ୍ରକାର୍ଡ଼, କାର୍ଯ୍ୟଫର୍ଦ୍ଦ, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଚିତ୍ର ଥିବା କାର୍ଡ଼କୁ ଦେଇ ପଢ଼ିବାକୁ କହିବେ ଓ ଚିତ୍ରଗୁଡ଼ିକୁ କାର୍ଯ୍ୟ ଆଧାରରେ ସଜାଇବେ ।
- ଏହାପରେ ଚିତ୍ର ପଠନ ପୂର୍ବକ ପ୍ରତି କାର୍ଡ଼ର କାର୍ଯ୍ୟ ଆଧାରରେ ୨ ଟି ଲେଖାଏଁ ବାକ୍ୟ ଲେଖିବାକୁ ସୂଚନା ଦେବେ ।
- ଲିଖନ ପରେ କାର୍ଯ୍ୟଟିର ନାମକରଣ କରିବେ ।
- ବ୍ୟକ୍ତିଗତ ଲିଖନ ପରେ ଦଳଗତ ସଂଶୋଧନ ଓ ଉପସ୍ଥାପନ କରିବେ । ଶିକ୍ଷକ ଆବଶ୍ୟକୀୟ ସଂଶୋଧନ ସହ ସଂକ୍ଷେପଣ କରିବେ ।
- ଏହି କ୍ରମରେ ଶିକ୍ଷକ ଭିନ୍ନଭିନ୍ନ ପରିସ୍ଥିତିକୁ ଦେଇ ପିଲାମାନଙ୍କର ସୃଜନଶୀଳ ଲିଖନ ପାଇଁ ସୁଯୋଗ ଦେବେ ।

ଦିବସ-୨୫

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ
ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ
ସମୟ : ୪୫ ମିନିଟ୍
ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଅନୁଚ୍ଛେଦଟିକୁ ଶିକ୍ଷାର୍ଥୀମାନେ ପଢ଼ିବେ ।
- ଧାରଣାର ବୋଧଗମ୍ୟତା ଉପରେ ଗୁରୁତ୍ୱ ଦିଆଯିବ ।
- ବ୍ୟାବହାରିକ ବ୍ୟାକରଣ ଦକ୍ଷତା ହାସଲ ଓ ଏହାର ପ୍ରୟୋଗ ନିମିତ୍ତ କୌଶଳ ହାସଲ ପାଇଁ ଅଭ୍ୟାସ ଉପରେ ଗୁରୁତ୍ୱ ।
- କାର୍ଯ୍ୟଫର୍ଦ୍ଦର ବ୍ୟବହାର
- ସଂଶୋଧନ ଓ ସଂକ୍ଷେପଣ ଶିକ୍ଷକଙ୍କଦ୍ୱାରା କରାଯିବ ।

ଦିବସ-୨୬

ଅଭ୍ୟାସର ନାମ : ଶବ୍ଦ ପଢ଼ି ଅନୁଚ୍ଛେଦ ଗଠନ ଓ ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ
ସମୟ : ୪୫ ମିନିଟ୍
ସାମଗ୍ରୀ : ଅନୁଚ୍ଛେଦ ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ଶବ୍ଦକାର୍ଡ଼କୁ ଦେଇ ପଢ଼ିବା ପାଇଁ କହିବେ ।
- ଶବ୍ଦ ଆଧାରିତ ପଠନ ବୋଧଗତ ସମସ୍ୟା ଥିଲେ ଶିକ୍ଷକ ଏହାର ସମାଧାନପାଇଁ ଧ୍ୟାନ ଦେବେ ।

- ଦିଆଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏଗୋଟିଏ ବାକ୍ୟ ଲେଖିବା ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ କହିବେ ।
- ଅନୁଚ୍ଛେଦଟି ଲେଖିବା ପରେ ଏହାର ଗୋଟିଏ ନାମ ଦେବାକୁ କହିବେ ।
- ବ୍ୟକ୍ତିଗତ ଲିଖନ ପରେ ଦଳରେ ସଂଶୋଧନ ଓ ଉପସ୍ଥାପନ କରିବେ ।
- ଶିକ୍ଷକ ସବୁଠାରୁ ଭଲ ବାକ୍ୟଗୁଡ଼ିକୁ କଳାପଟାରେ ଲେଖିଦେଇ ସଂକ୍ଷେପଣ କରିବେ ଓ ପିଲାମାନଙ୍କୁ ଲେଖି ନେବାକୁ କହିବେ ।
- ଏହିପରି ଭିନ୍ନଭିନ୍ନ ଘଟଣା / ପରିସ୍ଥିତିକୁ ନେଇ ଲିଖନ ଅଭ୍ୟାସ ଓ ଧାରଣାର ବୋଧଗମ୍ୟତା ପାଇଁ ଚେଷ୍ଟା କରିବେ ।
- ବ୍ୟାବହାରିକ ବ୍ୟାକରଣ ଦକ୍ଷତା ହାସଲପାଇଁ ଅଭ୍ୟାସ କାର୍ଯ୍ୟ ମାଧ୍ୟମରେ ସୁଯୋଗ ସୃଷ୍ଟି କରିବେ ।

ଦିବସ-୨୭

ଅଭ୍ୟାସର ନାମ : ପଢ଼ିବା ଓ ଲେଖିବା

ଉଦ୍ଦେଶ୍ୟ : ଧାରଣାର ବୋଧଗମ୍ୟତା, ପଠନବୋଧ, ଶବ୍ଦଭଣ୍ଡାର ବୃଦ୍ଧି, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ପ୍ରଶ୍ନକାର୍ଡ଼ ଦେଇ ଭଲଭାବେ ପଢ଼ିବାକୁ କହିବେ ।
- ପଢ଼ି ସାରିବା ପରେ ପ୍ରଶ୍ନର ଉତ୍ତର କରିବାକୁ ଥିବା ସୂଚନାକୁ କହିବେ । ଆବଶ୍ୟକ ହେଲେ ଏହାର ପୁନରାବୃତ୍ତି କରିବେ ।
- ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି କରନ୍ତି ତାହା ନିଶ୍ଚିତ କରିବେ ।
- ଉତ୍ତର କରୁଥିବାବେଳେ ପିଲାମାନଙ୍କର କାର୍ଯ୍ୟକୁ ନିରୀକ୍ଷଣ କରିବେ ଓ ଆବଶ୍ୟକୀୟ ସହାୟତା ଦେବେ ।
- ବ୍ୟକ୍ତିଗତ ଉତ୍ତର ସରିବା ପରେ ଦଳଗତ ସଂଶୋଧନ କରି ଉପସ୍ଥାପନ କରିବେ ।
- ଶିକ୍ଷକ ଶେଷରେ ସଂକ୍ଷେପଣ କରି ସଂଶୋଧିତ ଉତ୍ତରକୁ କଳାପଟାରେ ଲେଖିଦେବେ ଓ ପିଲାମାନଙ୍କୁ ମିଳାଇବା ପାଇଁ କହିବେ ।
- ଏହି କ୍ରମରେ ଅନ୍ୟ ପ୍ରଶ୍ନଗୁଡ଼ିକୁ ପରିଚାଳନା କରିବେ ।

ଦିବସ-୨୮

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ପ୍ରଶ୍ନ ଉତ୍ତର ଲିଖନ

ଉଦ୍ଦେଶ୍ୟ : ପଠନବୋଧ, ଶବ୍ଦଭଣ୍ଡାର ବୃଦ୍ଧି, ଲିଖନ

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଫର୍ଦ୍ଦ, ପ୍ରଶ୍ନକାର୍ଡ଼, ଶବ୍ଦକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଅନୁଚ୍ଛେଦଟି ଦେଇ ପଢ଼ିବାକୁ କହିବେ ।
- ଏହାପରେ ପ୍ରଶ୍ନକାର୍ଡ଼ ପିଲାମାନଙ୍କୁ ଦେଇ ଅନୁଚ୍ଛେଦ ଆଧାରରେ ଉତ୍ତର କରିବାକୁ କହିବେ ।
- ବ୍ୟକ୍ତିଗତ ଉତ୍ତର ଲେଖି ସାରିବା ପରେ ଦଳରେ ଯୋଡ଼ିଯୋଡ଼ି ହୋଇ ସଂଶୋଧନ କରିବା ପାଇଁ କହିବେ ।
- କୌଣସି ଗୋଟିଏ ଦଳ ଉତ୍ତର ନ କରିପାରିଲେ ବା ଉତ୍ତର ତ୍ରୁଟିଯୁକ୍ତ ହେଲେ ଅନ୍ୟ ଦଳଦ୍ୱାରା ସଂଶୋଧନ କରିବେ ।
- ଶେଷରେ ଶିକ୍ଷକ କଳାପଟାରେ ଲେଖି ତ୍ରୁଟି ସଂଶୋଧନ ଓ ସଂକ୍ଷେପଣ କରିବେ ।
- ବିଶେଷ କରି ସହଭାଗୀ ଶିକ୍ଷଣ, ସଂଶୋଧନାତ୍ମକ ଶିକ୍ଷଣ, ସହାୟକ ସୂଚନା ଆଦି ଉପରେ ଶିକ୍ଷକ ଗୁରୁତ୍ୱ ଦେବେ ।
- ଏହି କ୍ରମରେ କାର୍ଯ୍ୟପତ୍ରିକାରେ ଥିବା ଅନ୍ୟ ପ୍ରଶ୍ନଗୁଡ଼ିକ ଶିକ୍ଷକ ପରିଚାଳନା କରିବେ ।

ଦିବସ-୨୯

ଅଭ୍ୟାସର ନାମ : ତାପମାତ୍ରା ସାରଣୀ ପଠନ ଓ ଲିଖନ

ଉଦ୍ଦେଶ୍ୟ : ଧାରଣାର ବୋଧଗମ୍ୟତା, ପଠନ, ଲିଖନ

ସମୟ : ୪୫ ମିନିଟ୍

ସାମଗ୍ରୀ : ତାପମାତ୍ରା ସାରଣୀ ଫର୍ଦ୍ଦ, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ତାପମାତ୍ରା ସୂଚିତ ଥିବା କାର୍ଡ଼ ପଢ଼ିବାକୁ ଦେବେ ଓ ପଠନ ଗତ ସମସ୍ୟା ଥିଲେ ଶିକ୍ଷକ ନିଜେ ପଢ଼ିବେ ।
- ଶିକ୍ଷାର୍ଥୀମାନଙ୍କର ପଠନଗତ ସମସ୍ୟା ସମାଧାନ ପରେ ପ୍ରଶ୍ନକାର୍ଡ଼ ପ୍ରତ୍ୟେକଙ୍କୁ ଦେବେ ଓ ସୂଚନା ଅନୁସାରେ ଉତ୍ତର ଲେଖିବା ପାଇଁ ଉତ୍ସାହିତ କରିବେ ।
- ତାପମାତ୍ରା ସାରଣୀ ପଠନ କୌଶଳ ଉପରେ ଗୁରୁତ୍ୱ ଦେବେ ଓ ପିଲାମାନେ ଯେପରି ନିର୍ଭୁଲ ଭାବେ ତାପମାତ୍ରା ଲିଖନ କରିପାରିବେ ତାହା ଦେଖିବେ ।
- ବ୍ୟକ୍ତିଗତ କାର୍ଯ୍ୟପରି ଦଳରେ ସଂଶୋଧନ କରିବେ ଓ ଶେଷରେ ଶିକ୍ଷକ ଆବଶ୍ୟକ ସଂଶୋଧନ କରି ସଂକ୍ଷେପଣ କରିବେ ।

ଦିବସ-୩୦

ଅଭ୍ୟାସର ନାମ : ପଢ଼ିବା ଓ ପ୍ରଶ୍ନ ଉତ୍ତର ଲେଖିବା

ଉଦ୍ଦେଶ୍ୟ : ପଠନବୋଧ, ବ୍ୟାବହାରିକ ବ୍ୟାକରଣ, ଶବ୍ଦଭଣ୍ଡାର ବୃଦ୍ଧି

ସମୟ : ୪୫ ମିନିଟ୍

ସାମଗ୍ରୀ : ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ଆବଶ୍ୟକୀୟ ପ୍ରଶ୍ନକାର୍ଡ଼ ନେଇ ଦଳରେ ଦେବେ ।
- ପ୍ରତ୍ୟେକ ପିଲାକୁ ପଢ଼ିବାକୁ ସୂଚନା ଦେବେ ଓ ପ୍ରଶ୍ନର ସୂଚନା ଆଧାରରେ ବ୍ୟକ୍ତିଗତ ଭାବେ ଉତ୍ତର କରିବାକୁ କହିବେ ।
- ଉତ୍ତର କରିବା ସମୟରେ ଶିକ୍ଷକ ବ୍ୟକ୍ତିଗତ ଧ୍ୟାନ ଦେବେ ଓ ସହପାଠୀ ଶିକ୍ଷଣର ସାହାଯ୍ୟ ନେବେ ।
- ପିଲାମାନଙ୍କଦ୍ୱାରା ଦଳରେ ସଂଶୋଧନ କରିବେ ।
- ଶେଷରେ ସଂକ୍ଷେପଣ କରି କଳାପଟାରେ ଲେଖିଦେବେ ଓ ଶିକ୍ଷାର୍ଥୀମାନେ ସେହି ଅନୁସାରେ ନିଜ ଖାତାରେ ଲେଖାକୁ ପରିବର୍ତ୍ତନ କରିବେ ।
- ଏହିପରି ଭାବରେ କାର୍ଯ୍ୟପତ୍ରିକାରେ ଥିବା ସମସ୍ତ ପ୍ରଶ୍ନକୁ ଶିକ୍ଷକ ଶ୍ରେଣୀରେ ପରିଚାଳନା କରିବେ ।
- ଆବଶ୍ୟକ ହେଲେ ଶିକ୍ଷକ ଏହି କାର୍ଯ୍ୟଗୁଡ଼ିକ ପାଇଁ ଅଧିକ ସମୟ ଦେଇପାରିବେ ।

ଦିବସ-୩୧

ଅଭ୍ୟାସର ନାମ : ପଠନ ଓ ଲିଖନ

ଉଦ୍ଦେଶ୍ୟ : ପଠନବୋଧ, ଧାରଣାର ବୋଧଗମ୍ୟତା, ସର୍ଜନଶୀଳ ଲିଖନ

ସମୟ : ୪୫ ମିନିଟ୍

ସାମଗ୍ରୀ : ଚିତ୍ରକାର୍ଡ଼, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ଡ୍ରଇଁ ସିଟ୍‌ରେ ପୂର୍ବରୁ ଦତ୍ତ ଚିତ୍ରଟିକୁ ତିଆରି କରି ନେଇ ଶ୍ରେଣୀରେ ଟାଙ୍ଗି ଦେବେ ।
- ଚିତ୍ର କାର୍ଡ଼ରେ ଏହା କରି ଦଳରେ ଦେବେ ଓ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ପିଲା ପଢ଼ି ବୁଝିବାକୁ ଚେଷ୍ଟା କରିବେ ।

- ଶିକ୍ଷକ ସୂଚନାଟିକୁ ମଧ୍ୟ ପଢ଼ି ପିଲାମାନଙ୍କୁ ବୁଝାଇ ଦେବେ ।
- ଏହାପରେ ପିଲାମାନଙ୍କୁ ସୂଚନା ଅନୁସାରେ ଲେଖିବାକୁ କହିବେ ଓ ଲେଖା ସରିବା ପରେ ନାମକରଣ କରିବେ ।
- ଦଳ ମଧ୍ୟରେ ପରସ୍ପର ଭିତରେ ସଂଶୋଧନ କରି ଉପସ୍ଥାପନ କରିବେ ।
- ଅନୁଚ୍ଛେଦ ଆଧାରରେ ଶିକ୍ଷକ ଦଳକୁ ପ୍ରଶ୍ନମାନ ପଚାରିବେ ଓ ଉତ୍ତରକୁ କଳାପଟାରେ ଲେଖିଦେବେ ।
- ପ୍ରଶ୍ନ ଉତ୍ତର କାର୍ଯ୍ୟ ପରେ ଶିକ୍ଷକ ସଂକ୍ଷେପଣ କରିବେ ।
- ଏହି କାର୍ଯ୍ୟ ପାଇଁ ଅଧିକ ସମୟ ଲାଗିପାରେ । ଶିକ୍ଷକ ପିଲାମାନଙ୍କ ଆବଶ୍ୟକତା ଅନୁସାରେ ସମୟ ଦେବେ ।
- ସୃଜନଶୀଳ ଲେଖା ଉପରେ ଅଧିକ ଗୁରୁତ୍ୱ ଦେବେ ।

ଦିବସ-୩୨

ଅଭ୍ୟାସର ନାମ : ଅନୁଚ୍ଛେଦ ଲିଖନ

ଉଦ୍ଦେଶ୍ୟ : ଲିଖନ, ବ୍ୟାବହାରିକ ବ୍ୟାକରଣ

ସମୟ : ୫୫ ମିନିଟ୍

ସାମଗ୍ରୀ : ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ବାକ୍ୟ ଲେଖାଥିବା କାର୍ଡ଼ଗୁଡ଼ିକୁ ପଢ଼ିବାକୁ ଦେବେ ।
- ପଢ଼ି ସାରିବା ପରେ ରେଖାଙ୍କିତ ଶବ୍ଦଗୁଡ଼ିକୁ ଲେଖିବାକୁ କହିବେ ।
- ଏହାପରେ ବ୍ୟାବହାରିକ ବ୍ୟାକରଣ ଅଭ୍ୟାସ ନିମିତ୍ତ ଶିକ୍ଷାର୍ଥୀମାନଙ୍କୁ ଅଭ୍ୟାସ କାର୍ଯ୍ୟ ଫର୍ଦ୍ଦ ଦେଇ ଉତ୍ତର କରିବାକୁ କହିବେ ।
- ଶିକ୍ଷାର୍ଥୀମାନଙ୍କ ଅଭ୍ୟାସ ନିମିତ୍ତ ଏହିପରି ଅଭ୍ୟାସ କାର୍ଯ୍ୟମାନ ପ୍ରସ୍ତୁତ କରିବେ ।
- ବ୍ୟକ୍ତିଗତ କାର୍ଯ୍ୟପରି ଦଳଗତ ସଂଶୋଧନ, ଉପସ୍ଥାପନ ଓ ସଂକ୍ଷେପଣ କରାଯିବ ।

ଦିବସ-୩୩

ଅଭ୍ୟାସର ନାମ : ଅନୁଚ୍ଛେଦ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ, ଲିଖନ ଅଭ୍ୟାସ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍

ସାମଗ୍ରୀ : ଅନୁଚ୍ଛେଦ ଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଅନୁଚ୍ଛେଦ ଲେଖାଥିବା ଫର୍ଦ୍ଦଟିକୁ ପିଲାମାନଙ୍କୁ ପଢ଼ିବାପାଇଁ ଦେବେ ।
- ସୂଚନା ଅନୁସାରେ ରେଖାଙ୍କିତ ପଦଗୁଡ଼ିକୁ ବାଛି ଲେଖିବା ପାଇଁ କହିବେ ।
- ଏହି ପଦଗୁଡ଼ିକୁ ପୁଣି ଥରେ ପଢ଼ିବାକୁ କହିବେ ଓ ଏଥିରେ ଥିବା ବିଭକ୍ତିଗୁଡ଼ିକୁ ଚିହ୍ନଟ କରିବେ ।
- ଉଦାହରଣରେ ଥିବା ଭଳି ପିଲାମାନେ କାର୍ଯ୍ୟ କରିବାକୁ କହିବେ ।
- ଏହି କ୍ରମରେ ଶିକ୍ଷକ ପ୍ରଶ୍ନକାର୍ଡ଼ ମାନ ଦେଇ ଉତ୍ତର କରିବାକୁ ସୂଚନା ଦେବେ ।
- ବ୍ୟକ୍ତିଗତ କାର୍ଯ୍ୟ ପରେ ଦଳଗତ ଉପସ୍ଥାପନ ସଂଶୋଧନ ଓ ସଂକ୍ଷେପଣ କରାଯିବ ।

ଦିବସ-୩୪

ଅଭ୍ୟାସର ନାମ : ବାକ୍ୟ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ

ସମୟ : ୪୫ ମିନିଟ୍
ସାମଗ୍ରୀ : ବାକ୍ୟ ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟପତ୍ର

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ ବାକ୍ୟ ଲେଖାଥିବା କାର୍ଡ଼ ଶିକ୍ଷାର୍ଥୀମାନଙ୍କୁ ପଢ଼ିବାକୁ ଦେବେ ।
- ସୂଚନା ଅନୁଯାୟୀ ରେଖାଙ୍କିତ ପଦକୁ ଚିହ୍ନଟ କରି ପିଲାମାନଙ୍କୁ ଲେଖିବାକୁ କହିବେ ।
- ସେହିପରି ଦିଆଯାଇଥିବା ଶବ୍ଦଗୁଡ଼ିକୁ ଗୋଟିଏ ପଦରେ ପ୍ରକାଶ କରି ଲେଖିବେ ।
- ବ୍ୟକ୍ତିଗତ କାର୍ଯ୍ୟ ପରେ ଦଳରେ ଆଲୋଚନା କରି ସଂଶୋଧନ କରିବେ ଓ ଉପସ୍ଥାପନା କାଳରେ ଆବଶ୍ୟକୀୟ ସଂଶୋଧନ ସହ ଶିକ୍ଷକ ସଂକ୍ଷେପଣ କରିବେ ।
- ପିଲାମାନଙ୍କର ସହଭାଗିତା ଉପରେ ଶିକ୍ଷକ ଗୁରୁତ୍ୱ ଦେବେ ।
- ଏହି କ୍ରମରେ ଶିକ୍ଷକ ଅନ୍ୟ ପ୍ରଶ୍ନକାର୍ଡ଼ ମାନ ନେଇ ଆଲୋଚନା କରିବେ ଓ ଉତ୍ତର ଲେଖିବା ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଅଂଶ ଗ୍ରହଣକୁ ନିଶ୍ଚିତ କରିବେ ।

ଦିବସ-୩୫

ଅଭ୍ୟାସର ନାମ : ଦରଖାସ୍ତକୁ ପଢ଼ିବେ ଓ ମନେରଖି ଲେଖିବେ ।
ଉଦ୍ଦେଶ୍ୟ : ଦରଖାସ୍ତ ଲିଖନ, ଶବ୍ଦଭଣ୍ଡାର ବୃଦ୍ଧି
ସମୟ : ୪୫ ମିନିଟ୍
ସାମଗ୍ରୀ : ଦରଖାସ୍ତର ନମୁନା, ପ୍ରଶ୍ନକାର୍ଡ଼

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଦରଖାସ୍ତର ନମୁନା ପତ୍ରଟି ଦେବେ । ପ୍ରତି ପିଲା ଦରଖାସ୍ତଟିକୁ ପଢ଼ି ବୁଝିବା ପାଇଁ କହିବେ ।
- ଶିକ୍ଷକ ପିଲାମାନଙ୍କୁ ଦରଖାସ୍ତ ଲିଖନର ଉଦ୍ଦେଶ୍ୟ, ବିଷୟବସ୍ତୁ ଓ ସମ୍ବୋଧନ ସଂପର୍କରେ ସୂଚନା ଦେବେ ।
- ପିଲାମାନେ ଦରଖାସ୍ତ ଲିଖନର କ୍ରମ ବୁଝି ସରଳ ଭାବରେ ନିଜନିଜ ଖାତାରେ ଦତ୍ତ ଦରଖାସ୍ତଟିକୁ ଲେଖିବେ ।
- ପିଲାମାନେ ନିଜର କାମ ଶେଷ କରିବା ପରେ ଶିକ୍ଷକ ସେଗୁଡ଼ିକୁ ସଂଶୋଧନ କରିବେ ।
- କବିତାଟିକୁ ପଢ଼ି ପିଲାମାନେ ଦିଆଯାଇଥିବା କାର୍ଯ୍ୟଟିକୁ କରିବେ । ଶିକ୍ଷକ ପିଲାମାନଙ୍କୁ କାର୍ଯ୍ୟପତ୍ର ଦେଇ ସୂଚନା ଆଧାରରେ ଉତ୍ତର ଲେଖିବାକୁ କହିବେ । ବ୍ୟକ୍ତିଗତ ଲିଖନ ପରେ ଦଳଗତ ଉପସ୍ଥାପନ କରି ସଂକ୍ଷେପଣ କରିବେ ।

ଦିବସ-୩୬

ଅଭ୍ୟାସର ନାମ : ବିଜ୍ଞାପନ ପଠନ ଓ ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଧାରଣାର ବୋଧଗମ୍ୟତା, ଲିଖନ
ସମୟ : ୪୫ ମିନିଟ୍
ସାମଗ୍ରୀ : ବିଜ୍ଞାପନ ଲେଖାଥିବା କାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟପତ୍ର

କାର୍ଯ୍ୟଶୈଳୀ :

- ଶିକ୍ଷକ ବିଜ୍ଞାପନ ଥିବା କାର୍ଡ଼ଟିକୁ ପ୍ରଥମେ ପିଲାମାନଙ୍କୁ ପଢ଼ିବା ପାଇଁ ଦେବେ ।
- ପଠନ ସମୟରେ କେଉଁକେଉଁ ଦିଗକୁ ଦୃଷ୍ଟି ଦେବେ ଓ କେଉଁକେଉଁ ତଥ୍ୟ ଉପରେ ଗୁରୁତ୍ୱ ଦେବେ ତାହା ପିଲାମାନଙ୍କୁ ସୂଚିତ କରିବେ ।
- ଏହାପରେ ବିଜ୍ଞାପନ ଆଧାରିତ ପ୍ରଶ୍ନକାର୍ଡ଼ ଦେଇ ତାହା ପଢ଼ିବାକୁ କହିବେ ।
- କେହି ଶିକ୍ଷାର୍ଥୀ ପ୍ରଶ୍ନକୁ ବୁଝି ନ ପାରିଲେ ତାହା ପ୍ରତି ବ୍ୟକ୍ତିଗତ ଧ୍ୟାନ ଦେଇ ବୁଝାଇ ଦେବେ ।

- ଏହାପରେ ପ୍ରଶ୍ନର ଉତ୍ତରକୁ ଦଳରେ ଆଲୋଚନା କରି ଉପସ୍ଥାପନା ପାଇଁ କହିବେ ।
- ଶେଷରେ ଶିକ୍ଷକ ବିଜ୍ଞାପନ ଲିଖନ ଓ ପଠନ ଶୈଳୀ ସଂପର୍କରେ ପିଲାମାନଙ୍କୁ ଅଧିକ ଧାରଣା ଦେଇ ସଂକ୍ଷେପଣ କରିବେ ।

ଦିବସ-୩୭

ଅଭ୍ୟାସର ନାମ : ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ, ଧାରଣାର ବୋଧଗମ୍ୟତା, ବ୍ୟାବହାରିକ ବ୍ୟାକରଣ, ଲିଖନ

ସମୟ : ୪୫ ମିନିଟ୍

ସାମଗ୍ରୀ : ଶବ୍ଦକାର୍ଡ଼, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ଶବ୍ଦକାର୍ଡ଼ ଦେଇ ପଢ଼ିବାକୁ କହିବେ ।
- ଶବ୍ଦଗୁଡ଼ିକୁ ପଢ଼ି ସାରିବା ପରେ ସେଗୁଡ଼କୁ ଆଉଥରେ ଲେଖିବେ ।
- ଏହାପରେ ଉଦାହରଣ ସହ ଗୋଟିଏ ଶବ୍ଦ କିପରି ଗଠିତ ହୋଇଛି, ତାହା ଲେଖି ଦେଖାଇବେ ଯେପରି ଉଦାହରଣ ଦିଆଯାଇଛି ।
- ପିଲାମାନେ କାର୍ଯ୍ୟଫର୍ଦ୍ଦରେ ଉତ୍ତର କରି ସାରିବା ପରେ ଦଳରେ ସଂଶୋଧନ କରିବେ ।
- ଏହି କ୍ରମରେ ଅନ୍ୟ କାର୍ଯ୍ୟଫର୍ଦ୍ଦଗୁଡ଼ିକୁ ପିଲାମାନଙ୍କୁ କରିବାକୁ ଦେବେ ।
- ପିଲାମାନଙ୍କର ଯେପରି ଅଂଶଗ୍ରହଣ ନିଶ୍ଚିତ ହୁଏ ତାହା ଦେଖିବେ ।

ଦିବସ-୩୮

ଅଭ୍ୟାସର ନାମ : କ୍ୟାଲେଣ୍ଡର ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି

ସମୟ : ୪୫ ମିନିଟ୍

ସାମଗ୍ରୀ : କ୍ୟାଲେଣ୍ଡର ଥିବା ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ କ୍ୟାଲେଣ୍ଡର ଫର୍ଦ୍ଦଟିକୁ ପିଲାମାନଙ୍କୁ ଦେବେ ।
- ଏହାପରେ ଶିକ୍ଷକ କ୍ୟାଲେଣ୍ଡର କିପରି ପଢ଼ାଯାଏ, ଏଥିରେ କ'ଣ ସବୁ ରହିଛି ତାହା କହି ନିଜେ ପିଲାମାନଙ୍କର ଜାଣିବା ପାଇଁ କହିବେ ।
- ତତ୍‌ପରେ ଶିକ୍ଷକ ଏହାକୁ ପଢ଼ିବାକୁ ପିଲାମାନଙ୍କୁ କହିବେ ।
- ବ୍ୟକ୍ତିଗତ ପଠନ ପରେ ଶିକ୍ଷକ କ୍ୟାଲେଣ୍ଡର ଆଧାରିତ ପ୍ରଶ୍ନକାର୍ଡ଼ ପିଲାମାନଙ୍କୁ ଉତ୍ତର କରିବାକୁ ଦେବେ ।
- ସମସ୍ତ ପିଲା ଉତ୍ତର କରିସାରିବା ପରେ ନିଜନିଜ ଭିତରେ ବଦଳାଇ ଏହାର ସଂଶୋଧନ କରିବାକୁ କହିବେ ।
- ଏହାପରେ ଦଳଗତ ଉପସ୍ଥାପନ ଓ ଶିକ୍ଷକଙ୍କ ସଂଶୋଧନ, ସଂକ୍ଷେପଣ କରାଯିବ ।
- ଏହି କ୍ରମରେ ପ୍ରଶ୍ନଗୁଡ଼ିକର ଉତ୍ତର ସରିବା ପରେ କ୍ୟାଲେଣ୍ଡର ପଢ଼ିବାର କୌଶଳ ପିଲାମାନଙ୍କୁ ଶିକ୍ଷକ କହିବେ ଓ ଘରେ ଏହାର ଅଭ୍ୟାସ କରିବା ପାଇଁ ସୂଚିତ କରିବେ ।

ଦିବସ-୩୯

ଅଭ୍ୟାସର ନାମ : ବିଜ୍ଞାପନ ପଠନ ଓ ଲିଖନ

ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି

ସମୟ : ୪୫ ମିନିଟ୍

ସାମଗ୍ରୀ : ବିଜ୍ଞାପନ ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ବିଜ୍ଞାପନ ଲେଖାଥିବା ଏକ ବଡ ଡ୍ରଇଂ ସିଟ୍‌କୁ ଶ୍ରେଣୀରେ ଟାଙ୍ଗି ଦେବେ ।
- ଏଥିରେ ଥିବା କଥାଗୁଡ଼ିକୁ ପଢ଼ି ପିଲାମାନଙ୍କୁ ଶୁଣାଇଦେବେ ।
- ଏହାପରେ ବିଜ୍ଞାପନ ଫର୍ଦ୍ଦକୁ ପ୍ରତ୍ୟେକ ପିଲାକୁ ପଢ଼ିବାକୁ ଦେବେ ।
- ପିଲାମାନେ ଏହାକୁ ବ୍ୟକ୍ତିଗତ ଭାବେ ପଢ଼ି ସାରିଲା ପରେ ପ୍ରସଙ୍ଗ ଆଧାରିତ ପ୍ରଶ୍ନକାର୍ଡ଼ ପିଲାମାନଙ୍କୁ ଉତ୍ତର କରିବାକୁ ଦେବେ ।
- ପିଲାମାନେ ପ୍ରଶ୍ନକାର୍ଡ଼ର ସୂଚନା ଆଧାରରେ ଉତ୍ତର କରିବେ । ଏହି କ୍ଷେତ୍ରରେ ପିଲାମାନଙ୍କର ଅସୁବିଧା ହେଲେ ଶିକ୍ଷକ ସହାୟତା ପ୍ରଦାନ କରିବେ ।
- ଉତ୍ତର ସରିବା ପରେ ଏହାର ଦଳଗତ ସଂଶୋଧନ ପୂର୍ବକ ଉପସ୍ଥାପନ କରାଯିବ ।
- ଏହାପରେ ଆବଶ୍ୟକୀୟ ସଂଶୋଧନ ସହିତ ଶିକ୍ଷକ ସଂକ୍ଷେପଣ କରିବେ ।
- ଏହି କାର୍ଯ୍ୟଟିର ଉଦ୍ଦେଶ୍ୟ ହେଲା ବିଜ୍ଞାପନ ପଢ଼ିବା, ବିଜ୍ଞାପନର ପ୍ରସଙ୍ଗକୁ ବୁଝିବା ଓ ବିଜ୍ଞାପନ ଲିଖନଶୈଳୀ ବିଷୟରେ ପରିଚିତ ହେବା । ଶିକ୍ଷକ ଏଗୁଡ଼ିକୁ ଧ୍ୟାନର ସହିତ ପରିଚାଳନା କରିବେ ।

ଦିବସ-୪୦

ଅଭ୍ୟାସର ନାମ : ସୂଚନା ପଠନ ଓ ସମ୍ବାଦ ବିବରଣୀ ଲିଖନ

ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି

ସମୟ : ୪୫ ମିନିଟ୍

ସାମଗ୍ରୀ : ସୂଚନା ଫର୍ଦ୍ଦ, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ସୂଚନା ଫର୍ଦ୍ଦରେ ଥିବା ସୂଚନାଗୁଡ଼ିକୁ ପଢ଼ି ଶୁଣାଇ ଦେବେ ।
- ତା'ପରେ ସୂଚନା ଫର୍ଦ୍ଦ ସହିତ କାର୍ଯ୍ୟଫର୍ଦ୍ଦ ଦେଇ ସୂଚନା ଆଧାରରେ ସମ୍ବାଦ ବିବରଣୀ ଲେଖିବା ପ୍ରକ୍ରିୟା ଆରମ୍ଭ କରିବେ ।
- ଏଥିପାଇଁ ଶିକ୍ଷକ ପିଲାମାନଙ୍କୁ ଯୋଡ଼ିରେ ବା ଦଳରେ ବସାଇ ପାରନ୍ତି ।
- ପିଲାମାନେ ନିଜନିଜ ଭିତରେ ପ୍ରଶ୍ନ ପଚାରି ବା କଥାବାର୍ତ୍ତା ହୋଇ ସମ୍ବାଦପତ୍ର ପାଇଁ ବିବରଣୀଟିଏ ଲେଖିବେ ।
- ଦିଆଯାଇଥିବା ସୂଚନାକୁ ନେଇ ଗୋଟିଏଗୋଟିଏ ବାକ୍ୟ ତିଆରି କରିବେ, ତାହା ଯେପରି ସମସ୍ତ କଥାକୁ ସୂଚାଉଥିବ ।
- ଲେଖାଟି ସରିବା ପରେ ଶିକ୍ଷକ ସୂଚନା ଆଧାରରେ ପିଲାମାନଙ୍କୁ ପ୍ରଶ୍ନ ପଚାରିବେ ଯେପରି ପିଲାମାନେ ଲେଖିଥିବା କଥାଗୁଡ଼ିକ ଉତ୍ତର ଭାବରେ ଆସିବ । ପିଲାମାନେ ସେମାନଙ୍କ ଲେଖାକୁ ଦେଖି ଉତ୍ତର ଦେବେ ।
- ଏହି କ୍ରମରେ ଲେଖାଗୁଡ଼ିକୁ ପିଲାମାନେ ସଂଶୋଧନ କରିବେ ।
- ଶିକ୍ଷକ ଏହିପରି ଅନ୍ୟ ଘଟଣାଗୁଡ଼ିକ ବିବରଣୀ ପିଲାମାନଙ୍କଦ୍ୱାରା ପ୍ରସ୍ତୁତ କରି ପାରିବେ ଯଥା ନିଜ ଅଞ୍ଚଳର, ବିଦ୍ୟାଳୟ ପାଖ ଅଞ୍ଚଳର ଇତ୍ୟାଦି ।
- ଏହାଦ୍ୱାରା ଲିଖନ ଦକ୍ଷତା ଓ ଧାରଣାର ବୋଧଗମ୍ୟତା ତଥା ସୃଜନଶୀଳ ଲିଖନ ସମ୍ଭବ ହୋଇପାରିବ ।

ଦିବସ-୪୧

ଅଭ୍ୟାସର ନାମ : ନିମନ୍ତ୍ରଣପତ୍ର ଲିଖନ

ଉଦ୍ଦେଶ୍ୟ : ପଠନ, ଅବବୋଧ ଆହରଣ ଓ ଲିଖନ

ସମୟ : ୬୦ ମିନିଟ୍

ସାମଗ୍ରୀ : କେତେଗୁଡ଼ିଏ ପୁରୁଣା ନିମନ୍ତ୍ରଣପତ୍ର

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ଦରଖାସ୍ତର ନମୁନା ଫର୍ଦ୍ଦ ଦେବେ । ପ୍ରତି ପିଲା ଦରଖାସ୍ତଗୁଡ଼ିକୁ ପଢ଼ି ବୁଝିବା ପାଇଁ ସମୟ ଦେବେ ।
- ଶିକ୍ଷକ ପିଲାମାନଙ୍କୁ ନିମନ୍ତ୍ରଣପତ୍ର ଲେଖିବାର ଉଦ୍ଦେଶ୍ୟ, ବିଷୟବସ୍ତୁ ଓ ସମ୍ବୋଧନ ସଂପର୍କରେ ସୂଚନା ଦେବେ ।
- ପିଲାମାନଙ୍କୁ ନିମନ୍ତ୍ରଣପତ୍ର ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ପଢ଼ି ଉତ୍ତର ଦେବାକୁ ଚେଷ୍ଟା କରିବେ । ଏ ଗୁଡ଼ିକ ଶିକ୍ଷାର୍ଥୀର ଅବବୋଧ ପାଇଁ ଆବଶ୍ୟକ ।
- ପିଲାମାନେ ନିମନ୍ତ୍ରଣପତ୍ର ଲିଖନର କ୍ରମ କୌଶଳ ବୁଝି ତାହାକୁ ସରଳ ଓ ପ୍ରାଞ୍ଜଳ ଭାବରେ ନିଜନିଜ ଖାତାରେ ଲେଖିବେ ।
- ନିମନ୍ତ୍ରଣପତ୍ର ଲିଖନ ଶେଷ ପରେ ଶିକ୍ଷକ ସେଗୁଡ଼ିକୁ ସଂଶୋଧନ କରିବେ ।

ଦିବସ-୪୨

ଅଭ୍ୟାସର ନାମ : ବିଜ୍ଞାପନଲିଖନ

ଉଦ୍ଦେଶ୍ୟ : ବିଜ୍ଞାପନପଠନ, ପଠନବୋଧ ଓ ଲିଖନ

ସମୟ : ୧ ଘଣ୍ଟା

ସାମଗ୍ରୀ : କିଛି ପୁରୁଣା ବିଜ୍ଞାପନ ହେଲେ ଭଲ ହେବ

କାର୍ଯ୍ୟଶୈଳୀ :

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବିଜ୍ଞାପନ ଫର୍ଦ୍ଦର କିଛି ନମୁନା ଦେବେ । ପ୍ରତି ପିଲାଙ୍କୁ ତାକୁ ପଢ଼ିବାକୁ ଓ ବୁଝିବାକୁ ସମୟ ଦେବେ ।
- ବିଜ୍ଞାପନଲିଖନର ଉଦ୍ଦେଶ୍ୟ, ବିଷୟବସ୍ତୁ ବିଷୟରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବୁଝାଇବେ ।
- ବିଜ୍ଞାପନ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଯଥା ସମ୍ଭବ ନିର୍ଭୁଲ ଭାବରେ ଦେବାକୁ ଚେଷ୍ଟା କରିବେ ।
- ବିଜ୍ଞାପନ ଆଧାରରେ ପିଲାମାନେ ତାହାକୁ ଲେଖିବେ ଓ ଶିକ୍ଷକ ଏହାର ସଂଶୋଧନ କରିବେ ବା ପିଲାମାନଙ୍କଦ୍ୱାରା ସଂଶୋଧନ କରିବେ ।

ଦିବସ-୪୩

ଅଭ୍ୟାସର ନାମ : ବିଜ୍ଞାପନ ପଠନ ଓ ଲିଖନ ଅଭ୍ୟାସ

ଉଦ୍ଦେଶ୍ୟ : ପଠନବୋଧ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି

ସମୟ : ୪୫ ମିନିଟ୍

ସାମଗ୍ରୀ : ନମୁନା ବିଜ୍ଞାପନ ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ନମୁନା ବିଜ୍ଞାପନର ଗୋଟିଏ ଫର୍ଦ୍ଦ ଦେବେ ଓ ନିଜେ ପଢ଼ି ଶୁଣାଇବେ ।
- ଏହାପରେ ପିଲାମାନଙ୍କୁ ବିଜ୍ଞାପନଟିକୁ ଭଲ ଭାବରେ ମନ ଦେଇ ପଢ଼ିବାକୁ କହିବେ ।
- ପଢ଼ି ସାରିବା ପରେ ପିଲାମାନଙ୍କୁ ବିଜ୍ଞାପନ ଆଧାରିତ ପ୍ରଶ୍ନଗୁଡ଼ିକୁ ନିଜ ଭିତରେ ଆଲୋଚନା କରି ଉତ୍ତର ଲେଖିବାକୁ କହିବେ ।
- ଏହାଦ୍ୱାରା ବିଜ୍ଞାପନର କଥାବସ୍ତୁ, ଲେଖିବା ଶୈଳୀ ଓ କ୍ରମ ବିଷୟରେ ପିଲାମାନେ ଧାରଣା ପାଇବେ ।
- ଏହାପରେ ପିଲାମାନଙ୍କୁ ବିଜ୍ଞାପନ ଲିଖନ ଫର୍ଦ୍ଦ ଦେଇ ବିଜ୍ଞାପନ ଲେଖିବା ପାଇଁ କହିବେ ।
- ଲେଖିସାରିବା ପରେ ସଂଶୋଧନ କରି ସଂକ୍ଷେପଣ କରିବେ ।

ଦିବସ-୪୪

ଅଭ୍ୟାସର ନାମ : ବିଜ୍ଞାପନପଠନ ଓ ଲିଖନଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି
ସମୟ : ୪୫ ମିନିଟ୍
ସାମଗ୍ରୀ : ବିଜ୍ଞାପନଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପ୍ରଥମେ ବିଜ୍ଞାପନ ଫର୍ଦ୍ଦ ପିଲାମାନଙ୍କୁ ଦେଇ ନିଜେ ବିଜ୍ଞାପନଟି ପଢ଼ି ଶୁଣାଇଦେବେ।
- ପିଲାମାନେ ଏହି ସମୟରେ ଯେପରି ବିଜ୍ଞାପନର କଥାବସ୍ତୁ ସହିତ ପରିଚିତ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବେ।
- ଏହାପରେ ପିଲାମାନଙ୍କୁ ନିଜେନିଜେ ବିଜ୍ଞାପନଟିକୁ ପଢ଼ିବାକୁ କହି ଆବଶ୍ୟକୀୟ ସମୟ ଦେବେ।
- ତତ୍‌ପରେ ପ୍ରଶ୍ନକାର୍ଡ଼ମାନ ଦେଇ ବିଜ୍ଞାପନ ଆଧାରିତ କଥାବସ୍ତୁ ଆଧାରରେ ପ୍ରଶ୍ନର ଉତ୍ତର ନିଜ ଭିତରେ ଆଲୋଚନା କରି ଲେଖିବାକୁ କହିବେ।
- ଉତ୍ତର ଲେଖିବା କାଳରେ ପିଲାମାନେ ଯେପରି ବିଜ୍ଞାପନର କଥାବସ୍ତୁ, ବିଜ୍ଞାପନର ଲିଖନଶୈଳୀ ଆଦି ସହିତ ପରିଚିତ ହୁଅନ୍ତି ଶିକ୍ଷକ ଧ୍ୟାନ ଦେବେ।
- ପିଲାମାନଙ୍କର ଉତ୍ତରକୁ ଦଳରେ ଆଲୋଚନା କରି ଶିକ୍ଷକ ବିଜ୍ଞାପନ ସଂପର୍କରେ ଧାରଣା ଦେବେ।
- ଏହିପରି ଆଉ ସବୁ ବିଜ୍ଞାପନ ପଢ଼ିବା ଓ ଲେଖିବା ପାଇଁ ଉତ୍ସାହିତ କରିବେ।

ଦିବସ-୪୫

ଅଭ୍ୟାସର ନାମ : ରେଳଗାଡ଼ି ଚଳାଚଳ ସମୟ ସାରଣୀ ବିଜ୍ଞାପନ ପଠନ ଓ ଲିଖନ ଅଭ୍ୟାସ
ଉଦ୍ଦେଶ୍ୟ : ପଠନ, ଲିଖନ, ଧାରଣାର ବୋଧଗମ୍ୟତା, ଶବ୍ଦଭଣ୍ଡାର ବୃଦ୍ଧି
ସମୟ : ୪୫ ମିନିଟ୍
ସାମଗ୍ରୀ : ବିଜ୍ଞାପନ ଫର୍ଦ୍ଦ, ପ୍ରଶ୍ନକାର୍ଡ଼, କାର୍ଯ୍ୟଫର୍ଦ୍ଦ

କାର୍ଯ୍ୟଶୈଳୀ :

- ଶିକ୍ଷକ ପିଲାମାନଙ୍କୁ ସମୟସାରଣୀ ବିଜ୍ଞାପନ ଫର୍ଦ୍ଦଟି ଦେଇ ନିଜେ ପଢ଼ି ଶୁଣାଇବେ।
- କିପରି ଏଥିରେ ସମୟ ସାରଣୀର ବ୍ୟବହାର କରାଯାଇଛି ସେ ସଂପର୍କିତ ସୂଚନା ଦେବେ।
- ସମୟସାରଣୀଟିକୁ କିପରି ପଢ଼ାଯାଏ ଓ ରେଳ ଚଳାଚଳର ଧାରଣା କିପରି ମିଳେ ତାହା ବୁଝାଇ କହିବେ।
- ଏହାପରେ ପିଲାମାନଙ୍କୁ ସାରଣୀ ଆଧାରିତ ପ୍ରଶ୍ନକାର୍ଡ଼ ମାନ ଉତ୍ତର କରିବାକୁ ଦେବେ।
- ପିଲାମାନଙ୍କୁ ଯୋଡ଼ିରେ ବା ଦଳରେ ପଚରାପଚରି ହୋଇ ଉତ୍ତର କରିବାକୁ କହିବେ।
- ଉତ୍ତର କରିବା ସମୟରେ ଶିକ୍ଷକ ପିଲାମାନଙ୍କର ସଂପୃକ୍ତିକୁ ନିଶ୍ଚିତ କରିବେ ଓ ଆବଶ୍ୟକୀୟ ସହାୟତା ଯୋଗାଇ ଦେବେ।
- ଉତ୍ତର ସରିବା ପରେ ଦଳରେ ଉପସ୍ଥାପନ ଓ ଶିକ୍ଷକ ଆବଶ୍ୟକୀୟ ପରିବର୍ତ୍ତନ ସହ ସଂକ୍ଷେପଣ କରିବେ।
- ଶିକ୍ଷକ ସମୟ ସାରଣୀଟିକୁ ପିଲାମାନଙ୍କୁ ବୁଝାଇବା ସମୟରେ ବିମାନ, ରେଳ, ଡାକ୍ତରଖାନା ଆଦିରେ ୨୪ ଘଣ୍ଟିଆ ସମୟ ସାରଣୀର ବ୍ୟବହାର ବିଷୟରେ କହିବେ।
- ଏହିପରି ଅନ୍ୟ ସମୟସାରଣୀ ସଂପର୍କରେ କ୍ରମେକ୍ରମେ ପିଲାଙ୍କୁ ପରିଚିତ କରାଇବେ।

କହିବା ଓ ଶୁଣିବା :

- ଦୈନନ୍ଦିନ ଶିକ୍ଷଣକାର୍ଯ୍ୟ ସଂପର୍କିତ ଆଲୋଚନା ସହିତ ଶିକ୍ଷକ କହିବା ଓ ଶୁଣିବା ପାଇଁ ନିମ୍ନୋକ୍ତ ଦିଗଗୁଡ଼ିକୁ ବିଚାରକୁ ନେବେ ଓ ସେହି ଅନୁସାରେ କହିବା ଓ ଶୁଣିବା ନିମିତ୍ତ ସୁଯୋଗମାନ ସୃଷ୍ଟି କରିବେ ।
- ଦୈନନ୍ଦିନ ଅନୁଭୂତିର ପରିପ୍ରକାଶ ନିମିତ୍ତ ସୁଯୋଗ ଦେବେ, ଯାହା ଶିକ୍ଷାର୍ଥୀଙ୍କୁ ନିଜର ଆବେଗ, ଅନୁଭବ, ବିଚାର ଆଦିକୁ ପ୍ରକାଶ କରିବାର କୌଶଳ ହାସଲରେ ସହାୟତା ଦେବ ।
- ଲୋକକଥା, ଲୋକଗୀତ, ସଂଳାପ, ବିଜ୍ଞାପନ, ଘଟଣା ବିଷୟରେ ଶୁଣାଇବା ଓ ତତ୍ ସଂପର୍କିତ ଆଲୋଚନା କରିବା ଯାହା ଶିକ୍ଷାର୍ଥୀମାନଙ୍କ ମନଯୋଗ, ଶ୍ରବଣ ଓ କଥନ ଦକ୍ଷତା ବିକାଶରେ ସାହାଯ୍ୟ କରିବ ।
- ନିଜ ପରିବେଶ, ପରିବାର,ସାଂପ୍ରତିକ ଘଟଣା, ପ୍ରଚଳିତ ବିଷୟ ଉପରେ କଥୋପକଥନର ସୁଯୋଗ ସୃଷ୍ଟି କରିବେ, ଯାହା ଶିକ୍ଷାର୍ଥୀମାନଙ୍କୁ ଅଂଶଗ୍ରହଣ ତଥା ନିଜ ମତ ରଖିବାରେ ସାହାଯ୍ୟ କରିବ ଏବଂ ଶ୍ରବଣ ଓ କଥନପାଇଁ ସୁଯୋଗ ଦେବ ।
- ଗଳ୍ପ, ଘଟଣାର ପ୍ରକ୍ରିୟା, ଦେଖିଥିବା ସ୍ୱପ୍ନର ବର୍ଣ୍ଣନା ମଧ୍ୟ ଅନେକ କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କ ମୌଖିକ ପରିପ୍ରକାଶନରେ ସହାୟକ ହୋଇଥାଏ ।
- ଶିକ୍ଷକ ଏହିସବୁ କୌଶଳ ଅବଲମ୍ବନ ପୂର୍ବକ ଶ୍ରବଣ ଓ କଥନର ବିକାଶପାଇଁ ପଦକ୍ଷେପମାନ ନେବେ ଓ ଏଥିରେ ଶିକ୍ଷାର୍ଥୀମାନେ ଯେପରି ଅଂଶଗ୍ରହଣ କରନ୍ତି, ତାହା ନିଶ୍ଚିତ କରିବେ । ଏହା ଭାଷାର ଅନ୍ୟ ଦକ୍ଷତା ହାସଲର ମୂଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ମନସ୍ତାତ୍ତ୍ୱିକ ଦିଗରୁ ଏହା ଶିକ୍ଷାର୍ଥୀର ଭୟ ଓ ହୀନମନ୍ୟତା ଦୂର କରିବା ସଙ୍ଗେସଙ୍ଗେ ଆବେଗିକ ନିୟନ୍ତ୍ରଣରେ ସାହାଯ୍ୟ କରିବ ।

ଆକଳନ :

ସହଯୋଗାତ୍ମକ ଶିକ୍ଷଣ ଅବଧି ଶେଷରେ ଶିକ୍ଷକ ଆକଳନପାଇଁ ଉଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକ ସାହାଯ୍ୟରେ ଶିକ୍ଷାର୍ଥୀମାନଙ୍କ ଉପଲବ୍ଧିକୁ ଆକଳନ କରିବେ ।

ଏହା ଶିକ୍ଷକଙ୍କୁ ଶିକ୍ଷାର୍ଥୀମାନଙ୍କ ଉପଲବ୍ଧିକୁ କେବଳ ଜାଣିବାରେ ସାହାଯ୍ୟ କରିବ ତାହା ନୁହେଁ, ବରଂ ଶିକ୍ଷକ ଶିକ୍ଷାର୍ଥୀର ସାମର୍ଥ୍ୟ ସହିତ ଦୁର୍ବଳତାର କ୍ଷେତ୍ର ଆଧାରରେ ପରବର୍ତ୍ତୀ କାର୍ଯ୍ୟ ଯୋଜନା, ପରିଚାଳନା ପଦ୍ଧତି ଓ କୌଶଳ, ଶିକ୍ଷଣ ଉଦ୍ଦେଶ୍ୟ ତଥା କାର୍ଯ୍ୟବଳୀର ଆବଶ୍ୟକୀୟ ପରିବର୍ତ୍ତନ ନିମିତ୍ତ ପଦକ୍ଷେପ ନେବାରେ ସହାୟକ ହେବେ । ଶିକ୍ଷାର୍ଥୀକୁ ମୁଖ୍ୟସ୍ରୋତରେ ସାମିଲ କରିବାର ଉଦ୍ଦେଶ୍ୟ ନେଇ ଆମେ କରିଥିବା କାର୍ଯ୍ୟ ତଥା ଶିକ୍ଷାର୍ଥୀମାନଙ୍କ ଆକଳନ ଉପଲବ୍ଧି ଆଧାରରେ ସମାପନ କ୍ୟାମ୍ପପାଇଁ କାର୍ଯ୍ୟ ଯୋଜନା କରାଯିବ ।

This Teaching-Learning material is part of The Transform Schools learning programme and is being scaled up by Odisha School Education Programme Authority (OSEPA), through Utkarsh Programme. This material has been developed with support from subject experts and consultants and is intended for use by students, teachers and teacher educators of Government Schools in Odisha. The material also draws upon existing curricula, education materials and manuals, the experience and views of teachers and also includes original material. The material has been finalised after review and endorsement by OSEPA.

The material and its contents may not be sold or used for any commercial purpose. The manual and its contents may be reproduced and used for educational purposes. Permission for reproduction and use may be obtained from 'The Transform Schools and Odisha School Education Programme Authority (OSEPA), Government of Odisha.

©2020 Transform Schools and Odisha School Education Programme Authority, Government of Odisha

The Transform Schools works with the government school system to support better teaching and management to improve learning outcomes for children in India. Transform Schools is based on interventions developed and tested in India with the support of Kusuma Trust, UK. Programme lessons and research findings have been used to successfully influence and support State Governments to scale up interventions by customising resources, delivering training and tracking quality of implementation.

www.thetransformschools.in



Patron Donor
Kusuma Trust UK
www.kusumatrust.org



Regd. Office : Grace House, Kedar Lane, Plot 3183(P), Old Town
Khordha, Bhubaneswar, Odisha-751002
Head Office : 5 Navjeevan Vihar, New Delhi-110017
Email: connect@peopleforaction.org